




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-65 ♦SATURDAY ♦29 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୬୫ ♦ଶନିବାର ♦୨୯ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ନେପାଳ-ତିବ୍ବତ ସୀମାରେ ପ୍ରକୃତିର ତାଣ୍ଡବ

# ପୁଣି ଫାଟିଲା ହ୍ରଦ

### ନେପାଳରେ ଭୟଙ୍କର ବନ୍ୟା ଆଶଙ୍କା
### ଗାଁ ଖାଲି, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ ସେନାର ନିର୍ଦ୍ଦେଶ
### ଭୋଟେକୋଶୀ ଓ ତ୍ରିଶୁଳୀ ନଦୀରେ ବଢ଼ିଲା ଜଳସ୍ତର
### ୪୮ ୯ ମୃତ, ୧୫୦୦ରୁ ଅଧିକ ନିଖୋଜ
### ଶତାଧିକ ଭାରତୀୟଙ୍କ ପତ୍ତା ମିଳୁନାହିଁ
### ୧୦୨୪ ବିଦେଶୀ ନାଗରିକ ଉଦ୍ଧାର

■ କାଠମାଣ୍ଡୁ,୨୮ ।୮ (ଏଜେନ୍ସି): ନେପାଳ-ତିବତ ସୀମାରେ ଭୟଙ୍କର ବନ୍ୟା, ଭୂସ୍ଖଳନ ଓ ଗ୍ଲେସିଅର ଭାଙ୍ଗିବା ଯୋଗୁଁ ସୃଷ୍ଟି ହୋଇଥିବା ବିପର୍ଯ୍ୟୟ ଆହୁରି ଗମ୍ଭୀର ହୋଇଛି । ଏହି ବିପର୍ଯ୍ୟୟ ପରେ ଭୂସ୍ଖଳନ ଯୋଗୁଁ ଗଠିତ ଏକ ଅସ୍ଥାୟୀ ହ୍ରଦ ପୁଣିଥରେ ଭାଙ୍ଗିଯିବାରୁ ନେପାଳର ରାସୁୱା ଓ ଏହାର ଆଖପାଖ ଅଞ୍ଚଳରେ ନୂଆ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ନଦୀର ଜଳସ୍ତର ଦ୍ରୁତଗତିରେ ବଢ଼ିବା ପରେ ଅନେକ ଗାଁ ଖାଲି କରାଯାଇଛି । ନେପାଳ ସେନା, ପୁଲିସ ଓ ଉଦ୍ଧାରକାରୀ ଦଳକୁ ସତର୍କ କରାଯାଇଥିବା ବେଳେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ଓ ଉଚ୍ଚ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି । ବିପଦ ଆଶଙ୍କାରେ ରାସୁୱା ଅଞ୍ଚଳରେ ଚାଲିଥିବା ଉଦ୍ଧାର ଅଭିଯାନକୁ କିଛି ସମୟ ପାଇଁ ବନ୍ଦ ମଧ୍ୟ କରାଯାଇଥିଲା । ପରିସ୍ଥିତି କିଛି ନିୟନ୍ତ୍ରଣକୁ ଆସିବା ପରେ ଉଦ୍ଧାର କାର୍ଯ୍ୟ ପୁଣି ଆରମ୍ଭ ହୋଇଛି । ନେପାଳ-ଚୀନ୍ ସୀମା ନିକଟରେ ଚୋଚେନ୍ ଖୋଲା ଓ ପୁରେପୁ ସାଙ୍ଗପୋ ନଦୀର ସଙ୍ଗମସ୍ଥଳରେ ଭୂସ୍ଖଳନ ଯୋଗୁଁ ଏକ ଅସ୍ଥାୟୀ ହ୍ରଦ ଗଠିତ ହୋଇଥିଲା । ଏହି ହ୍ରଦରେ ବିପୁଳ ପରିମାଣର ପାଣି ଜମା ହୋଇଥିବାରୁ ଏହା ଭାଙ୍ଗିଲେ ତଳମୁହାଁ ଅଞ୍ଚଳରେ ଭୟଙ୍କର ବନ୍ୟା ଆସିପାରେ ବୋଲି ଚୀନ୍ ପକ୍ଷରୁ ପୂର୍ବରୁ ସତର୍କ କରାଯାଇଥିଲା । ଚୀନ୍‌ର ସୂଚନା ଅନୁସାରେ, ହ୍ରଦରେ ପ୍ରାୟ ୨୫ ଲକ୍ଷ ଘନମିଟର ପାଣି ଜମା ହୋଇଥିଲା । ଗୁରୁବାରଠାରୁ ଏହା ଉପରୁ ପାଣି ବହିବା ଆରମ୍ଭ ▸ପୃଷ୍ଠା-୭





କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ପରମପାଙ୍ଗା ପଞ୍ଚାୟତର ମହିଳାମାନେ ଦଉଡ଼ି ସାହାଯ୍ୟରେ ନଦୀ ପାରହୋଇ ରାସନ ସାମଗ୍ରୀ ଆଣିବାକୁ ଯାଉଛନ୍ତି

**ଦଳ ଭିତରେ ଗୋଳ**

## କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମଙ୍କ ଖୋଲା ଧମକ

# ହାତ କାଟିଦେବି, ଜାଳିଦେବି



### ବିପୁଳ ଟଙ୍କା ଖର୍ଚ୍ଚ କରି ଅପପ୍ରଚାର କରାଯାଉଛି
### ମୋ ଛବି ମଳିନ କରିବାକୁ ଷଡ଼ଯନ୍ତ୍ର ଚାଲିଛି
### ବଢ଼ିଲା ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବା ଆଶଙ୍କା
### ଅକଳରେ ପକାଇଲା ପ୍ରକାଶ ଓ ଖୁସ୍‌ବୁ ପ୍ରସଙ୍ଗ

■ ଭୁବନେଶ୍ୱର, ୨୮।୮ (ସମିସ): 'ମୋ ପ୍ରତିଷ୍ଠାରେ ହାତ ଲଗାଇଲେ ହାତ କାଟିଦେବି, ଛବି ଖରାପ କରିବାକୁ ଉଦ୍ୟମ କଲେ ଜାଳିଦେବି । ଯେଉଁମାନେ ତାଙ୍କ ବିରୋଧରେ ଲାଗିଛନ୍ତି, ସେମାନଙ୍କ ଅବସ୍ଥା କ'ଣ କରିବି, ସେମାନେ ଦେଖିବେ ।' ରାଜଧାନୀର ଛାତି ଉପରେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ ନିଜ ଦଳର ନେତାମାନଙ୍କୁ ଏପରି ଖୋଲା ଧମକ ଦେଇଛନ୍ତି ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଜୁଏଲ୍ ଓରାମ । ସେ କାହାରି ନାମ ନେଇ ନ ଥିଲେ ହେଁ, ବାସ୍ତବତଃ ଏହି ଧମକ କାହା ଉଦ୍ଦେଶ୍ୟରେ ତାହା ଆଉ କାହାରିକୁ ଅଛପା ନାହିଁ ।

ଶୁକ୍ରବାର ଭୁବନେଶ୍ୱରସ୍ଥିତ ବିଜେପି କାର୍ଯ୍ୟାଳୟରେ ଗଣମାଧ୍ୟମ ସମ୍ମୁଖରେ ଜୁଏଲ କହିଛନ୍ତି ଯେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ତାଙ୍କୁ ହଟାଇବା ପାଇଁ ଦଳ ଭିତରେ ହିଁ କେତେକ ବ୍ୟକ୍ତି ଷଡ଼ଯନ୍ତ୍ର କରୁଛନ୍ତି । ବିପୁଳ ଅର୍ଥ ଖର୍ଚ୍ଚ କରି ତାଙ୍କ ବିରୋଧରେ ଅପପ୍ରଚାର କରୁଛନ୍ତି । ତାଙ୍କ ଛବିକୁ ମଳିନ କରିବା ପାଇଁ କରାଯାଉଥିବା ଷଡ଼ଯନ୍ତ୍ରକୁ ସେ ସହିବେ ନାହିଁ ଓ ଏହାର ଦୃଢ଼ ଜବାବ ଦେବେ । ଜାଳିପୋଡ଼ି ଧ୍ୱଂସ କରିଦେବେ । ଯିଏ ତାଙ୍କ ପ୍ରତିଷ୍ଠାରେ ହାତ ମାରିବାକୁ ଉଦ୍ୟମ କରିବ, ସେ ହାତକୁ ସେ କାଟିଦେବେ ବୋଲି ଜୁଏଲ୍ ଧମକ ଦେଇଛନ୍ତି । ସେ ପୁଣି କହିଛନ୍ତି ଯେ ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ହଟାଇଦେଲେ ନିଜ ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି ଏହି ଗୋଷ୍ଠୀ ଭାବୁଛନ୍ତି । ସେ ନିଜର ରକ୍ତ ଓ ଝାଳ ଦେଇ ବିଜେପିକୁ ଗଢ଼ିଛନ୍ତି ଏବଂ ଦଳ ପାଇଁ ଦୀର୍ଘ ବର୍ଷ ଧରି କାମ କରିଆସୁଛନ୍ତି । ତାଙ୍କ ଅବଦାନକୁ ସ୍ୱୀକୃତି ଦେଇ ଦଳ ତାଙ୍କୁ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି । ତେଣୁ ଭିତ୍ତିହୀନ ଅଭିଯୋଗ ଓ ଅପପ୍ରଚାର ମାଧ୍ୟମରେ ତାଙ୍କ ସମ୍ମାନକୁ କ୍ଷୁଣ୍ଣ କରିବାକୁ କେହି ଚେଷ୍ଟା କଲେ ସେ ତାହାର ଦୃଢ଼ ମୁକାବିଲା କରିବେ ।

ଜୁଏଲଙ୍କ ଅଭିଯୋଗ ଅନୁସାରେ ଅନ୍ୟ ରାଜନୈତିକ ଦଳରୁ ବିଜେପିକୁ ଆସିଥିବା କେତେକ ବ୍ୟକ୍ତି ଅର୍ଥ ଓ ପ୍ରଭାବର ବ୍ୟବହାର କରି ଦଳ ଭିତରେ ତାଙ୍କ ସ୍ଥିତିକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି । ଏହି ପ୍ରସଙ୍ଗରେ ସେ ଦଳର ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତିଙ୍କ ସହ ବିସ୍ତୃତ ଆଲୋଚନା କରିଥିବା କହିଛନ୍ତି । ଦଳ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାର କରି ନ୍ୟାୟ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଆବଶ୍ୟକ ପଡ଼ିଲେ ସେ ଏହି ମାମଲାକୁ ଦଳର କେନ୍ଦ୍ରୀୟ ନେତୃତ୍ୱ ନିକଟକୁ ମଧ୍ୟ ନେବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଜୁଏଲ୍ ଆଗାମୀ ଦିନରେ ପୁଣି ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ପୂର୍ବରୁ ସେ ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିଥିଲେ ହେଁ ନିଜ ▸ପୃଷ୍ଠା-୭

# ଆଜି ଲଘୁଚାପ, ୪ ଦିନ ବର୍ଷା

**୩୦ରେ ମୟୂରଭଞ୍ଜକୁ ରେଡ୍ ଆଲର୍ଟ**

■ ଭୁବନେଶ୍ୱର, ୨୮।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଶନିବାର ପୁଣି ଏକ ଲଘୁଚାପ ସୃଷ୍ଟି ହେବ । ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରାୟ ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବା ସହ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ବର୍ଷା ହେବ । ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ୩୧ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବା ବେଳେ ୩୦ ତାରିଖରେ ମୟୂରଭଞ୍ଜରେ ସର୍ବାଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି ।

ପାଣିପାଗ କେନ୍ଦ୍ର କହିଛି, ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ପ୍ରଭାବରେ ୨୯ ତାରିଖ ବେଳକୁ ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ । ଏହି ଲଘୁଚାପ ଫଳରେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଅନ୍ୟପଟେ ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ମଧ୍ୟ ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲାର ଅନେକ ସ୍ଥାନରେ ଭାରି ବର୍ଷା ରେକର୍ଡ ହୋଇଛି । ଚାନ୍ଦବାଲିରେ ୪୮ ମିମି ବର୍ଷା ହୋଇଥିବା ବେଳେ, ବାଲେଶ୍ୱରରେ ୩୪, ବାରିପଦା ୩୯, ଭଦ୍ରକରେ ୪୪, ଜଗତସିଂହପୁର ୨୫ ଓ ରାଉରକେଲାରେ ୧୯ ମିମି ବର୍ଷା ରେକର୍ଡ ହୋଇଛି । ଏହି କ୍ରମରେ ଶନିବାର ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତସିଂହପୁରରେ ଭୀଷଣ ବର୍ଷା ହୋଇପାରେ । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି । ସେହିପରି ରାଜ୍ୟର ଅନ୍ୟ ଉପକୂଳବର୍ତ୍ତୀ ଓ ସଂଲଗ୍ନ ୧୯ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି । ଏହି ଲଘୁଚାପ ଯୋଗୁଁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି ।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସମୁଦ୍ରରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ସର୍ବାଧିକ ୬୦ କିମି ପବନ ଟପିପାରେ । ଏଥିପାଇଁ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ▸ପୃଷ୍ଠା-୭

## ଏସ୍‌ସିବି କର୍ମଚାରୀଙ୍କ ଦରମା ହଡ଼ପ

# ଡାଟା ଏଣ୍ଟ୍ରି ଅପରେଟର୍ ଗିରଫ

■ କଟକ, ୨୮ ।୮ (ସମିସ): ଏସ୍‌ସିବି ମେଡିକାଲରେ ବଡ଼ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିବା ପରେ ପୁଲିସ ଏବେ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଛାନ୍‌ଭିନ୍ କରୁଛି । କାର୍ଯ୍ୟରତ କର୍ମଚାରୀଙ୍କର ପ୍ରାପ୍ୟ ବାବଦ ଥିବା ୨ କୋଟି ୪୦ ଲକ୍ଷ ଟଙ୍କା ହେରଫେର ହୋଇଛି । ଏନେଇ ଏସସିବି ଅଧୀକ୍ଷକ ଜ୍ୟୋତିଷଚନ୍ଦ୍ର ଚୌଧୁରୀଙ୍କ ଅଭିଯୋଗ ଆଧାରରେ ମଙ୍ଗଳାବାଗ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା । ପ୍ରାଥମିକ ତଦନ୍ତ ପରେ କେଲେଙ୍କାରୀ ପଛରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ମାଷ୍ଟରମାଇଣ୍ଡ ଥିବା ଜଣାପଡ଼ିଛି । ତା' ବ୍ୟାଙ୍କ ଆକାଉଣ୍ଟକୁ ଗତ ୧୦ ବର୍ଷ ଭିତରେ ଅନେକ ଥର ଟଙ୍କା ଯାଇଛି । ତେଣୁ ପୁଲିସ ଉକ୍ତ ଡିଇଓଙ୍କୁ ଗତକାଲି ଗିରଫ କରିଥିବା ବେଳେ ଆଜି ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ମୁଖ୍ୟ ଅଭିଯୁକ୍ତକୁ ଜେଲ୍ ପଠାଇ ଦିଆଯାଇଛି ।

ଏସ୍‌ସିବିରେ ଗତ ୧୦ ବର୍ଷ ହେବ ଏକାଧିକ କର୍ମଚାରୀଙ୍କ ଟିଏ, ଡିଏ, ଏରିଅର, ଷ୍ଟଡି ଟୁର, ମାଟର୍ନିଟି ଲିଭ ବାବଦ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇନାହିଁ । ଗତ ଏକ ମାସ ତଳେ ଏଜି ଅଡିଟ ବେଳେ ଏଭଳି ଆର୍ଥିକ ହେରଫେର ଧରାପଡ଼ିଥିଲା । ପ୍ରାଥମିକ ଭାବେ ଡିଡିଓଙ୍କ ଅଧିନରେ ଥିବା ଅଧିକାଂଶ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସ୍ତରରେ ଏଭଳି ହେରଫେର ▸ପୃଷ୍ଠା-୭

# ମୁଖ୍ୟମନ୍ତ୍ରୀ ବାଣ୍ଟିଲେ 'ସୁଭଦ୍ରା' ୫ମ କିସ୍ତି

## ୧ କୋଟି ୩ ଲକ୍ଷ ମହିଳାଙ୍କୁ ୫,୧୬୩ କୋଟିରୁ ଅଧିକ ଟଙ୍କା ପ୍ରଦାନ




### ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ମହିଳା ଅଗ୍ରସର: ମୁଖ୍ୟମନ୍ତ୍ରୀ

■ ନୟାଗଡ଼, ୨୮ ।୮(ସମିସ): ରାଜ୍ୟ ସରକାରଙ୍କ ମହିଳା ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସୁଭଦ୍ରା ଯୋଜନାର ୫ମ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲା ଲାଠିପଡ଼ା ଟାଙ୍ଗି ପଡ଼ିଆରେ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନା ଦ୍ୱାରା ମହିଳାମାନେ ଆଜି ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅଗ୍ରସର ହୋଇପାରିଥିବା କହିଛନ୍ତି । ମହିଳା ଶିଶୁ ବିକାଶ ବିଭାଗ ଶାସନ ସଚିବ ମୃଣାଳିନୀ ଦର୍ଶୀଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, ପୁରୀ ସାଂସଦ ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଭାଗୀୟ ନିର୍ଦ୍ଦେଶିକା ମନିଷା ବାନାର୍ଜୀ, ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ମହିଳାଙ୍କୁ ଡିବିଟି ମାଧ୍ୟମରେ ୫ ହଜାର ୧ ଶହ ୬୩ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମାଝୀ ବଟନ୍ ଚିପି ହିତାଧିକାରୀଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଲେଖାଏଁ ▸ପୃଷ୍ଠା-୭



# ଶାଳିକୁ ଧରି ଚମ୍ପଟ୍ ବେଳେ ବାରହା ଫାଶରେ ଜୀବନ ଗଲା

### ଶବ ନିଖୋଜ କରିଥିଲେ ଶିକାରୀ
### କଙ୍କରାଝରନ ବାଘଖୋଲ ପାହାଡ଼ରୁ ଉଦ୍ଧାର

■ ପାଟଣାଗଡ଼, ୨୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଲରମ୍ଭା ସେକ୍ସନ ଅଧୀନ ମଲ୍ଲିକଡ଼ିହି ଓ ପାଣ୍ଡେସରା ଗାଁ ନିକଟସ୍ଥ ଜଙ୍ଗଲରେ ଗୁରୁବାର ବିଳମ୍ବିତ ରାତିରେ ଅଘଟଣ ଘଟିଛି । ଜଣେ ଯୁବକ ଜଣକ ନିଜ ଶାଳିକୁ ନେଇ ଫେରାର ମାରୁଥିବା ସମୟରେ ତାଙ୍କ ଜୀବନ ଯାଇଛି । ବାର୍‌ହା ଶିକାର ଲାଗି ଜଙ୍ଗଲରେ ବିଛା ଯାଇଥିବା ବିଦ୍ୟୁତ୍ ତାର ଫାସରେ ଲାଗି ତାଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ଲରମ୍ଭା ଥାନା ଚନ୍ଦନଜୁରୀ ଗାଁର କ୍ଷେତ୍ର ନାଗ (୪୭) । ତେବେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜାଣି ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ବାର୍‌ହା ଶିକାରୀ ଶବ ନିଖୋଜ କରିଦେଇଥିଲେ । ଡଗ୍ ସ୍କ୍ୱାଡ୍ ସହାୟତାରେ ଲରମ୍ଭା ପୁଲିସ ଘଣ୍ଟା ଘଣ୍ଟା ଧରି ଛାନଭିନ ପରେ ଶୁକ୍ରବାର ସନ୍ଧ୍ୟାରେ ଗୁଞ୍ଜାଡ଼ିହି ନିକଟସ୍ଥ କଙ୍କରାଝରନ ବାଘଖୋଲ ପାହାଡ଼ ଉପରୁ ଶବକୁ ଉଦ୍ଧାର କରିଛି । ଶନିବାର ଶବ ବ୍ୟବଚ୍ଛେଦ ହେବ । ତଦନ୍ତ ପରେ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଲରମ୍ଭା ଥାନା ଅଧିକାରୀ ଭାନୁଶଙ୍କର ଯାଦବ କହିଛନ୍ତି ।

ଲରମ୍ଭା ଥାନା ଚନ୍ଦନଜୁରୀ ଗାଁର କ୍ଷେତ୍ର ନାଗ ଗୁଞ୍ଜାଡ଼ିହି ଗାଁରେ ୧୨ ବର୍ଷ ତଳେ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କ ସ୍ତ୍ରୀ ଗୁରୁବାର ସକାଳ ୧୦ଟାରେ ତାଙ୍କ ମା' ଘର ଗୁଞ୍ଜାଡିହିକୁ ଆସିଥିଲେ । ଏହା ପରେ ଅପରାହ୍ନ ୫ଟାରେ କ୍ଷେତ୍ର ଶଶୁର ଘରକୁ ଆସିଥିଲେ; ହେଲେ ଗୁରୁବାର ବିଳମ୍ବିତ ରାତିରେ କ୍ଷେତ୍ର ନିଜ ଶାଳି (ମୃତ)କୁ ନେଇ ଫେରାର ମାରୁଥିଲେ । ମଲ୍ଲିକଡ଼ିହି ପାଣ୍ଡେସରା ଜଙ୍ଗଲ ରାସ୍ତା ଦେଇ ଉଭୟ ଚାଲିଚାଲି ଫେରାର ମାରୁଥିବା ଅଘଟଣ ଘଟିଥିଲା । ଘଟଣାସ୍ଥଳରେ ▸ପୃଷ୍ଠା-୭

## ମନ୍ତ୍ରୀଙ୍କୁ ଗାଳି ଭିଡିଓ ଭାଇରାଲ୍ ପରେ ନିଖୋଜ ଥିଲେ ସାମାଜିକ କର୍ମୀ

# ଇବ୍ ନଦୀରୁ ମିଳିଲା ରବି ସୋନିଙ୍କ ମୃତଦେହ



### ଦୁଇ ମାସ ମଧ୍ୟରେ ଦ୍ୱିତୀୟ ସାମାଜିକ କର୍ମୀଙ୍କ ସନ୍ଦିଗ୍ଧ ମୃତ୍ୟୁ
### ସନ୍ଦେହରେ ଖଣି ମାଫିଆ, ଅଧିକାରୀ ଓ କିଛି ରାଜନେତା

■ ଭୁବନେଶ୍ୱର/ଝାରସୁଗୁଡ଼ା/ ୨୮।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରେ ନିଖୋଜ ଥିବା ସାମାଜିକ କର୍ମୀ ରବି ସୋନିଙ୍କ ମୃତଦେହ ଇବ ନଦୀରୁ ଉଦ୍ଧାର କରାଯାଇଛି । ନିଖୋଜ ଥିବା ରବିଙ୍କୁ ଖୋଜିବା ପାଇଁ ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଗତକାଲିଠାରୁ ଉଦ୍ୟମ ଆରମ୍ଭ ହୋଇଥିଲା ଓ ଆଜି ଇବ ନଦୀର ଓପିଏମ୍ ଘାଟ ନିକଟରୁ ତାଙ୍କ ମୃତଦେହ ଠାବ କରାଯାଇଛି । ରବିଙ୍କ ମୃତ୍ୟୁ ଘଟଣା ଝାରସୁଗୁଡ଼ା ଜିଲ୍ଲା ରାଜନୀତିକୁ ସରଗରମ କରିଛି ଓ ତାଙ୍କ ପରିବାର ରବିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ବ୍ରଜରାଜନଗର ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି ଓ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି ।

୨୬ ତାରିଖ ସନ୍ଧ୍ୟାରୁ ରବି ସୋନି ନିଖୋଜ ଥିଲେ । ଦୀର୍ଘ ସମୟ ଧରି ତାଙ୍କ ସହ ପରିବାର ସଦସ୍ୟଙ୍କ ଯୋଗାଯୋଗ ହୋଇନଥିଲା । ଫଳରେ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଥିଲେ । ତାଙ୍କ ପତ୍ନୀ ବ୍ରଜରାଜନଗର ଥାନାରେ ରବି ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ମିସିଂ କେସ୍ ରୁଜୁ କରି ତାଙ୍କ ସନ୍ଧାନ ପାଇଁ ତଦନ୍ତ ଓ ଖୋଜାଖୋଜି ଆରମ୍ଭ କରିଥିଲା । ଅନୁସନ୍ଧାନ ସମୟରେ ଇବ ନଦୀର ▸ପୃଷ୍ଠା-୭

### ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

■ ଝାରସୁଗୁଡ଼ା, ୨୮।୮ (ସମିସ): ସାମାଜିକ କର୍ମୀ ରବି ସୋନିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ତାଙ୍କ ପତ୍ନୀ ସୁନୀତା । ମୃତ ରବିଙ୍କ ଦେହର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି । ଯଦି ରବିଙ୍କର ମୃତ୍ୟୁ ଆକସ୍ମିକ ହୋଇଥାଆନ୍ତା, ତେବେ ତାଙ୍କ ମୁହଁ, ଆଖି, ଜଙ୍ଘ, ପିଠି ଓ ଶରୀରର ଅନ୍ୟାନ୍ୟ ଅଂଶରେ ଏହି ଚିହ୍ନ କେଉଁଠୁ ଆସିଲା ବୋଲି ସେ ପ୍ରଶ୍ନ କରିବା ସହ ସ୍ୱାମୀଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦିଆଯାଇଥିବା ରବିଙ୍କ ପତ୍ନୀ ସୁନୀତା ଅଭିଯୋଗ କରିଛନ୍ତି ।

ପତ୍ନୀ ସୁନୀତାଙ୍କ ଅଭିଯୋଗ ଅନୁସାରେ ରବିଙ୍କ ହାତ, ଆଖି ଓ ମୁଣ୍ଡର ପଛପଟେ ଆଘାତ ଚିହ୍ନ ରହିଛି । ତେଣୁ ତାଙ୍କୁ ମାଡ଼ ମାରି ହତ୍ୟା କରାଯାଇଛି । ସାମାଜିକ କର୍ମୀ ଭାବେ ରବି ବ୍ରଜରାଜନଗରର ବିଭିନ୍ନ ସମସ୍ୟାକୁ ପ୍ରଶାସନ ଓ ରାଜନୈତିକ ନେତାଙ୍କ ସମ୍ମୁଖରେ ଦୃଢ଼ତାର ସହ ଉପସ୍ଥାପନ କରୁଥିଲେ ବୋଲି ତାଙ୍କୁ ହତ୍ୟା କରାଯାଇଛି ▸ପୃଷ୍ଠା-୭





## ଆଜିଠୁ ପ୍ରଧାନମନ୍ତ୍ରୀଙ୍କ ୪ଦିନିଆ ଉଜବେକିସ୍ତାନ, କିର୍ଗିଜସ୍ତାନ ଗସ୍ତ

ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ୪ ଦିନିଆ ଉଜବେକିସ୍ତାନ ଏବଂ କିର୍ଗିଜସ୍ତାନ ଗସ୍ତରେ ଯିବେ। ଏହି ଗସ୍ତ ସମୟରେ ସେ ଉଜବେକିସ୍ତାନର ରାଷ୍ଟ୍ରପତି ଶୌକତ ମିରଜିୟୋଭଙ୍କ ସହିତ ଆଲୋଚନା କରିବେ। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ପ୍ରଥମେ ଅଗଷ୍ଟ ୨୯ ରୁ ୩୦ ପର୍ଯ୍ୟନ୍ତ ଉଜବେକିସ୍ତାନର ତାସକେଣ୍ଟରେ ରହିବେ ଏବଂ ପରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ କିର୍ଗିଜସ୍ତାନରେ ହେବାକୁ ଥିବା ୨୬ତମ ଏସସିଓ ଶିଖର ସମ୍ମିଳନୀରେ ଯୋଗଦେବେ। ଉଭୟ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ଶିକ୍ଷା ଏବଂ ଡିଜିଟାଲ୍ ସଂଯୋଗୀକରଣ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ମଜବୁତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି।

## ୧୮ କୋଟିର ରାସ୍ତା: ନିର୍ମାଣର ୩ ମାସ ପରେ ଧସିଗଲା

ମୁମ୍ବାଇ, ୨୮ ।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୧୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏକ ନୂତନ ରାସ୍ତା ମାତ୍ର ୩ ମାସ ମଧ୍ୟରେ ଧସିଯିବା ଯୋଗୁଁ ବଡ଼ଧରଣର ଗର୍ତ୍ତ ସୃଷ୍ଟି ହୋଇଛି। ମହାରାଷ୍ଟ୍ରର ଦାହାନୁ ଅଞ୍ଚଳରେ ଥିବା ୧୫.୫ କିଲୋମିଟର ଦୀର୍ଘ ସାରଣୀ-ଉର୍ସ-ଆଇନା ରାସ୍ତାରେ ପ୍ରାୟ ୧୦ ଫୁଟ୍‌ରୁ ଅଧିକ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି, ଯେଉଁଥିରେ ଠିକାଦାରଙ୍କ ଏକ ଟ୍ରକ୍ ମଧ୍ୟ ଆଂଶିକ ଭାବେ ଫସିଯାଇଛି। ବିକ୍ରମଗଡ଼ର ଜିଜାଉ କନଷ୍ଟ୍ରକ୍ସନ କମ୍ପାନୀ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯାଇଥିଲା। ନିର୍ମାଣ କାମ ସମୟରେ ସ୍ଥାନୀୟ ଲୋକମାନେ ଖରାପ ସାମଗ୍ରୀ ବ୍ୟବହାର କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ କୌଣସି କର୍ଣ୍ଣପାତ କରିନଥିଲା। ଏହି ନିମ୍ନମାନର କାମକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଦୋଷୀ ଠିକାଦାର ଓ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

## ନରୱେର ରାଜା ହାରାଲ୍ଡ ପଞ୍ଚମଙ୍କ ପରଲୋକ

ଓସଲୋ, ୨୮ ।୮ (ଏଜେନ୍ସି): ନରୱେର ରାଜା ହାରାଲ୍ଡ ପଞ୍ଚମ (୭୯)ଙ୍କ ଅସଲୋସ୍ଥିତ ଜାତୀୟ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କର ଏହି ଦେହାବସାନ ସହ ନରୱେରେ ଏକ ୩୩ ବର୍ଷର ଇତିହାସ ଏବଂ ଆଧୁନିକୀକରଣର ଯୁଗର ଅନ୍ତ ଘଟିଛି। ରାଜାଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ରାଜା ହାକୋନ୍ ଅଷ୍ଟମ ଦେଶର ନୂତନ ରାଜା ଭାବେ ସିଂହାସନ ଆରୋହଣ କରିଛନ୍ତି।



୧୯୩୭ ମସିହାରେ ଜନ୍ମଗ୍ରହଣ କରିଥିବା ହାରାଲ୍ଡ ୧୯ ୯୧ ମସିହାରୁ ଦେଶର ଶାସନଭାର ଗ୍ରହଣ କରିଥିଲେ। ତାଙ୍କର ଦୀର୍ଘ ଶାସନକାଳ ମଧ୍ୟରେ ସେ ରାଜତନ୍ତ୍ରରେ ଅନେକ ଆଧୁନିକ ପରିବର୍ତ୍ତନ ଆଣିବା ସହିତ ଲୋକପ୍ରିୟ ହୋଇପାରିଥିଲେ। ତାଙ୍କର ବିୟୋଗରେ ସମଗ୍ର ନରୱେରେ ଶୋକର ଛାୟା ଖେଳିଯାଇଛି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୫୨ ବର୍ଷୀୟ ପ୍ରଧାନଶିକ୍ଷକ ଗିରଫ

ହୋସିଆରପୁର, ୨୮ ।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁର ଜିଲ୍ଲାରେ ଏକ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ୧୧ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ଜଣେ ସରକାରୀ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ବୟସ ୫୨ ବର୍ଷ ବୋଲି ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୧୧ ତାରିଖ ଦିନ ପ୍ରାୟ ସାଢ଼େ ୧ ରୁ ସାଢ଼େ ୨ ମଧ୍ୟରେ ଗ୍ରାମର ଶ୍ମଶାନ ନିକଟରେ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପିତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଭାରତୀୟ ନ୍ୟାୟ ସଂହିତା ଏବଂ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ହରିଆଣା ଥାନାର ଥାନା ଅଧିକାରୀ ଗୁରବଚନ ସିଂହ କହିଛନ୍ତି ଯେ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ଗତକାଲି ଅର୍ଥାତ୍ ଗୁରୁବାର ଦିନ ଗିରଫ କରାଯାଇଛି। ଘଟଣାର ସମ୍ପୂର୍ଣ୍ଣ ସତ୍ୟତା ଜାଣିବା ପାଇଁ ବର୍ତ୍ତମାନ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ରାକ୍ଷୀରେ କଙ୍ଗନାଙ୍କୁ ମିଠା ପଠାଇ ବିବାଦ ତୁଟାଇଲେ ରାମଦେବ



ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି): ବଲିଉଡ୍ ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାଣାୱାତ୍ ଏବଂ ଯୋଗଗୁରୁ ବାବା ରାମଦେବଙ୍କ ମଧ୍ୟରେ ଚାଲିଥିବା ବିବାଦ ଅନ୍ତ ହୋଇଛି। ରକ୍ଷାବନ୍ଧନ ଅବସରରେ ଉଭୟେ ପରସ୍ପର ମଧ୍ୟରେ ଥିବା ମନୋମାଳିନ୍ୟକୁ ଭୁଲିଯାଇଛନ୍ତି। ବାବା ରାମଦେବ କଙ୍ଗନାଙ୍କୁ ନିଜର ଶ୍ରଦ୍ଧାମୟୀ ଭଉଣୀ ବୋଲି ସମ୍ବୋଧନ କରି ପୋଷ୍ଟ ଯୋଗେ ମିଠା ଏବଂ ଉପହାର ପଠାଇଥିବାବେଳେ କଙ୍ଗନା ମଧ୍ୟ ତାଙ୍କର ଏହି ପ୍ରସ୍ତାବକୁ ସ୍ୱୀକାର କରିଛନ୍ତି। ଗତ କିଛି ଦିନ ପୂର୍ବେ କଙ୍ଗନାଙ୍କ ଏକ ବିବାଦୀୟ ବୟାନକୁ ନେଇ ଉଭୟଙ୍କ ମଧ୍ୟରେ ତୀବ୍ର ବାକ୍-ଯୁଦ୍ଧ ଦେଖିବାକୁ ମିଳିଥିଲା। ବାବା ରାମଦେବ କଙ୍ଗନାଙ୍କ ମନ୍ତବ୍ୟକୁ କଡ଼ା ବିରୋଧ କରିଥିବାବେଳେ କଙ୍ଗନା ମଧ୍ୟ ତୀବ୍ର ପ୍ରତିକ୍ରିୟା ରଖିଥିଲେ। ବିବାଦକୁ କଥାବାର୍ତ୍ତା ମାଧ୍ୟମରେ ସମାଧାନ କରିବାକୁ ବାବା ରାମଦେବ ଆହ୍ୱାନ ଦେଇଥିଲେ। କଙ୍ଗନା ମଧ୍ୟ ତାଙ୍କର ଇନଷ୍ଟାଗ୍ରାମ ଷ୍ଟୋରୀରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପର୍ବ-ପର୍ବାଣୀଗୁଡ଼ିକ ଭୁଲ୍-ତ୍ରୁଟି କ୍ଷମା କରିବା ଏବଂ ପରସ୍ପରକୁ ଆପଣାଇବା ପାଇଁ ସହାୟ ହୋଇଥାଏ। ଉଭୟଙ୍କ ମଧ୍ୟରେ ଏହି ମଧୁର ମିଳନକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି।

## ମରାଠୀ ନ ଜାଣିଲେ ମାଡ଼ ମାରିବୁ: ଅମିତ ଠାକରେ

ମୁମ୍ବାଇ, ୨୮ ।୮ (ଏଜେନ୍ସି): ଅଟୋ-ରିକ୍ସା ଏବଂ କ୍ୟାବ୍ ଚାଳକମାନେ କେବଳ ହିନ୍ଦୀରେ କଥା ହେଲେ ସେମାନଙ୍କୁ ମାଡ଼ ମାରିବାକୁ ମହାରାଷ୍ଟ୍ର ନବନିର୍ମାଣ ସେନା ନେତା ଅମିତ ଠାକରେ ଖୋଲାଖୋଲି ଧମକ ଦେଇଛନ୍ତି। ମରାଠୀ ଭାଷା ବାଧ୍ୟତାମୂଳକ ନିୟମକୁ ନେଇ ସେ ଏପରି କଡ଼ା ଚେତାବନୀ ଦେଇଛନ୍ତି। ମହାରାଷ୍ଟ୍ର ସରକାର ଗତକାଲି ଅଟୋ, ଟାକ୍ସି ଏବଂ କ୍ୟାବ୍ ଚାଳକମାନଙ୍କୁ କାର୍ଯ୍ୟକ୍ଷମ ମରାଠୀ ଭାଷା ଶିଖିବା ପାଇଁ ଆଉ ଏକ ବର୍ଷର ସମୟସୀମା ବଢ଼ାଇ ଦେଇଛନ୍ତି। ଉତ୍ତର ପ୍ରଦେଶ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ସମୟ ଦିଆଯାଇଛି ବୋଲି ଅମିତ ଠାକରେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସଙ୍କୁ ଟାର୍ଗେଟ୍ କରି ସେ କହିଛନ୍ତି ଯେ ରାଜନୈତିକ ଫାଇଦା ପାଇଁ ମରାଠୀ ଭାଷାକୁ ଅଣଦେଖା କରାଯାଉଛି। ଯଦି କୌଣସି ଚାଳକ ମରାଠୀ ପରିବର୍ତ୍ତେ ହିନ୍ଦୀରେ କଥା ହୁଅନ୍ତି ଏବଂ ଯାତ୍ରୀଙ୍କ ପ୍ରତି ଅଭଦ୍ର ଆଚରଣ କରନ୍ତି, ତେବେ ତାଙ୍କ ଦଳ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ, ରାଜ୍ୟ ସରକାରଙ୍କ ଏହି ମରାଠୀ ମାନଦଣ୍ଡକୁ ବିରୋଧ କରି କିଛି ଚାଳକ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାଷାକୁ ନେଇ ରାଜନୈତିକ ମହଲରେ ଏବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



### ୟୁପି ବିଧାନସଭା ନିର୍ବାଚନ

# ଭୋଟରଙ୍କ ଅସନ୍ତୋଷ ବିଜେପି ପାଇଁ ବଢ଼ାଇଲା ଚିନ୍ତା



ନୂଆଦିଲ୍ଲୀ/ଲକ୍ଷ୍ନୌ, ୨୮ ।୮ (ଏଜେନ୍ସି): ଉତ୍ତର ପ୍ରଦେଶରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହାକୁ ନେଇ ଶାସକ ବିଜେପି ଦଳ ଚାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛି। ଦୀର୍ଘ ୧୧ ବର୍ଷରେ ବିଭିନ୍ନ କ୍ଷେତ୍ରରେ ନାନା ସମସ୍ୟା ଦେଖୁଥିବା ଜେନ୍‌ଜିଙ୍କ ମଧ୍ୟରେ କ୍ରୋଧ ସିଜେପି ଆନ୍ଦୋଳନରେ ପ୍ରକାଶିତ ହୋଇଛି। ସେପଟେ ସଦ୍ୟତମ ଏକ ଜନମତ ସର୍ଭେ ଅନୁଯାୟୀ, ବିଜେପି ପାଇଁ ବର୍ତ୍ତମାନର ଯୁବପିଢ଼ି ଅପେକ୍ଷା ସେମାନଙ୍କ ପୂର୍ବ ପିଢ଼ିଙ୍କ ମଧ୍ୟରେ ଥିବା କ୍ରୋଧ ସବୁଠାରୁ ବଡ଼ ଚିନ୍ତାର ବିଷୟ ପାଲଟିଛି। ସର୍ଭେର ଆକଳନ ଅନୁଯାୟୀ, ଯଦି ଆଜି ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୁଏ, ତେବେ ଉତ୍ତର ପ୍ରଦେଶର ମୋଟ ୮୦ଟି ଲୋକସଭା ଆସନ ମଧ୍ୟରୁ ବିରୋଧୀ 'ଇଣ୍ଡିଆ' ମେଣ୍ଟକୁ ୪୧ଟି ଆସନ ମିଳିବାର ସମ୍ଭାବନା ରହିଛି। ଅପରପକ୍ଷରେ ବିଜେପି ନେତୃତ୍ୱାଧୀନ ଏନଡିଏ ମାତ୍ର ୩୮ଟି ଆସନରେ ସୀମିତ ରହିପାରେ। ଚଳିତ ବର୍ଷ ଜାନୁଆରୀରେ ହୋଇଥିବା ଏକ ସର୍ଭେରେ କିନ୍ତୁ ଏନଡିଏକୁ ୪୮ ଏବଂ 'ଇଣ୍ଡିଆ' ମେଣ୍ଟକୁ ୩୧ଟି ଆସନ ମିଳିବ ବୋଲି ଆକଳନ କରାଯାଇଥିଲା। ଦେଶର ସାଧାରଣ ନିର୍ବାଚନରେ ଉତ୍ତର ପ୍ରଦେଶର ନିର୍ବାଚନର ସର୍ବାଧିକ ପ୍ରଭାବ ରହିଥାଏ। ତେଣୁ ଆସନ୍ତା ବର୍ଷର ଏହି ନିର୍ବାଚନୀ ଲଢେଇ ଉପରେ ସମଗ୍ର ଦେଶର ନଜର ରହିଛି।

ମତଦାନ ସମୀକ୍ଷକ ଯଶବନ୍ତ ଦେଶମୁଖଙ୍କ ଅନୁଯାୟୀ, ବିଜେପି ପାଇଁ ପ୍ରକୃତ ସମସ୍ୟା ଯୁବପିଢ଼ିଙ୍କ ବେକାରୀ ସମସ୍ୟା ଅପେକ୍ଷା ୧୯୬୫ରୁ ୧୯୮୦ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଢ଼ି ଅର୍ଥାତ ଜେନେରେସନ-ଏକ୍ସ ମଧ୍ୟରେ ପ୍ରବଳ ଅସନ୍ତୋଷ ରହିଥିବା କୁହାଯାଇଛି। ସମ୍ପ୍ରତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ କରାଯାଇଥିବା ନୂତନ ନିୟମାବଳୀକୁ ନେଇ ବିଜେପିର ପାରମ୍ପରିକ ଭୋଟର କୁହାଯାଉଥିବା ସବର୍ଣ୍ଣ ବର୍ଗ ଗଭୀର ଅସନ୍ତୁଷ୍ଟ ଅଛନ୍ତି। ଏହାସହ ଅଯୋଧ୍ୟା ରାମ ମନ୍ଦିରର ଦାନ ବା ପାଣ୍ଠି ହେରଫେର ଅଭିଯୋଗ ମଧ୍ୟ ବିଜେପି ପାଇଁ ଅସୁବିଧା ବଢ଼ାଇ ଦେଇଛି। ସର୍ଭେ ଅନୁଯାୟୀ, ପ୍ରାୟ ୪୭ ପ୍ରତିଶତ ଲୋକ ବିଶ୍ୱାସ କରନ୍ତି ଯେ ଏହି ଦାନ ହେରଫେର ବିବାଦ ନରେନ୍ଦ୍ର ମୋଦୀ ଏବଂ ଯୋଗୀ ଆଦିତ୍ୟନାଥ ସରକାରଙ୍କ ଭାବମୂର୍ତ୍ତିକୁ ନକାରାତ୍ମକ ଭାବେ ପ୍ରଭାବିତ କରିଛି। ଅନ୍ୟପକ୍ଷେ, ୨୦୨୪ ଲୋକସଭା ନିର୍ବାଚନରେ ମଧ୍ୟ ବିଜେପି ୟୁପିରେ କ୍ଷତି ସହିସାରିଛି, ଯେଉଁଠାରେ ଦଳର ଆସନ ସଂଖ୍ୟା ହ୍ରାସ ପାଇ ମାତ୍ର ୩୬ରେ ସୀମିତ ରହିଥିବା ବେଳେ ସମାଜବାଦୀ ପାର୍ଟି ଓ କଂଗ୍ରେସ ମେଣ୍ଟ ୪୩ଟି ଆସନ ହାସଲ କରିବାରେ ସଫଳ ହୋଇଥିଲା। ଏହା ପ୍ରମାଣିତ କରୁଛି ଯେ ଯଦି ବିରୋଧୀ ସ୍ଥାନୀୟ ସମସ୍ୟା ଓ ବିଭିନ୍ନ ସାମାଜିକ ଗୋଷ୍ଠୀକୁ ଏକଜୁଟ୍ କରନ୍ତି, ତେବେ ବିଜେପିର ହିନ୍ଦୁତ୍ୱ ରାଜନୀତି ଓ ପ୍ରଭାବଶାଳୀ ସଂଗଠନକୁ ସହଜରେ ଚ୍ୟାଲେଞ୍ଜ କରାଯାଇପାରିବ। ଏହି ସମସ୍ତ ବିଷୟ ଆସନ୍ତା ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଉତ୍ତର ପ୍ରଦେଶକୁ ବିଜେପି ପାଇଁ ଏକ ଅତ୍ୟନ୍ତ ଜଟିଳ ନିର୍ବାଚନୀ ମଇଦାନରେ ପରିଣତ କରିଦେଇଛି।

## ପ୍ରଧାନମନ୍ତ୍ରୀ ପସନ୍ଦରେ କେଜ୍ରିୱାଲଙ୍କୁ ପଛରେ ପକାଇଲେ ଦିପ୍‌କେ: ସର୍ଭେ



ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି): ଇଣ୍ଡିଆ ଟୁଡେ-ସି ଭୋଟର ମୁଡ୍ ଅଫ୍ ଦି ନେସନ୍ (ଏମଓଟିଏନ୍) ସର୍ଭେ ଅନୁଯାୟୀ କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ ଦିପକେ ପ୍ରଧାନମନ୍ତ୍ରୀ ପଦ ପାଇଁ ପସନ୍ଦରେ ଆମ୍ ଆଦମୀ ପାର୍ଟିର ମୁଖ୍ୟ ତଥା ତାଙ୍କର ପୂର୍ବତନ ବସ୍ ଅରବିନ୍ଦ କେଜ୍ରିୱାଲଙ୍କଠାରୁ ଆଗରେ ରହିଛନ୍ତି। ସର୍ଭେ ଅନୁଯାୟୀ ଦିପକେଙ୍କୁ ୧.୩ ପ୍ରତିଶତ ଏବଂ କେଜ୍ରିୱାଲଙ୍କୁ ୧.୨ ପ୍ରତିଶତ ଲୋକେ ପ୍ରଧାନମନ୍ତ୍ରୀ ଭାବେ ପସନ୍ଦ କରିଛନ୍ତି। ୨୦୨୦ ରୁ ୨୦୨୩ ମସିହା ପର୍ଯ୍ୟନ୍ତ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆପ୍ ଦଳର ଗଣମାଧ୍ୟମ କାର୍ଯ୍ୟରେ କାମ କରିଥିବା ଅଭିଜିତ ଦିପକେ ବର୍ତ୍ତମାନ ଜଣେ ଯୁବ ନେତା ଭାବେ ଉଭା ହୋଇଛନ୍ତି। ଦେଶରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ରଲିକ୍ ଘଟଣା ଏବଂ ବେକାରୀ ସମସ୍ୟାକୁ ନେଇ ସେ ଦିଲ୍ଲୀର ଜନ୍ତରମନ୍ତରରେ ଦୀର୍ଘ ଦିନ ଧରି ଆନ୍ଦୋଳନ ଚଳାଇଥିଲେ। ତେବେ ଏହି ସର୍ଭେରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବାଧିକ ୪୮.୭ ପ୍ରତିଶତ ଭୋଟ୍ ସହ ଶୀର୍ଷରେ ଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ୨୭.୧ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରାଜନୈତିକ ମହଲରେ ଏହି ଛୋଟ ବ୍ୟବଧାନକୁ ନେଇ ଏବେ ବେଶ୍ ଚର୍ଚ୍ଚା ଚାଲିଛି। କାରଣ ଏକ ସାମାଜିକ ବ୍ୟଙ୍ଗାତ୍ମକ ମଞ୍ଚରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ବର୍ତ୍ତମାନ ଜାତୀୟ ସ୍ତରରେ ନିଜର ପ୍ରଭାବ ବିସ୍ତାର କରିବାରେ ସଫଳ ହୋଇଛି।

## ଏସ୍‌ଡିଆରଏଫ୍ ପାଇଁ ଅଗ୍ନିବୀର, ଏନ୍‌ସିସି ପ୍ରମାଣପତ୍ରଧାରୀଙ୍କୁ ମିଳିବ ପ୍ରାଥମିକତା


ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି): ଦେଶରେ ପ୍ରାକୃତିକ ଏବଂ କୃତ୍ରିମ ବିପର୍ଯ୍ୟୟର ମୁକାବିଲା ପାଇଁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବଳ (ଏସ୍‌ଡିଆରଏଫ୍) ଗଠନ, ପ୍ରଶିକ୍ଷଣ ଏବଂ ସଜ୍ଜିତ କରିବା ନେଇ ଏକ ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍ଏ) ଦ୍ୱାରା ଜାରି ଏହି ନୂତନ ନିୟମ ଅନୁଯାୟୀ, ଏସ୍‌ଡିଆରଏଫ୍ ଗଠନରେ ଅଗ୍ନିବୀର ଏବଂ ଏନ୍‌ସିସି ପ୍ରମାଣପତ୍ରଧାରୀଙ୍କୁ ସିଧାସଳଖ ନିଯୁକ୍ତିରେ ଅଗ୍ରାଧିକାର ଦିଆଯିବ ଏବଂ ମୋଟ୍ ଆସନରୁ ୧୫ ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଏହି ବଳଗୁଡ଼ିକୁ ଏନ୍‌ଡିଆରଏଫ୍ ଢାଞ୍ଚାରେ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ରାଜ୍ୟରେ ୬୦୦ ରୁ ୧୨୦୦ କର୍ମଚାରୀଙ୍କୁ ନେଇ ଗୋଟିଏ ବାଟାଲିୟନ୍ ଗଠନ କରାଯିବ, ଯାହାର ନେତୃତ୍ୱ ଜଣେ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ପାହ୍ୟାର ଅଧିକାରୀ କରିବେ। ଏହି ବଳର ସଦସ୍ୟମାନଙ୍କ ବୟସ ୫୦ ବର୍ଷରୁ ଅଧିକ ହେବ ନାହିଁ ଏବଂ ସେମାନେ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିବେ। ବିପର୍ଯ୍ୟୟ ସମୟ ବ୍ୟତୀତ ଏହି ଦଳର ଯବାନମାନେ ଦର୍ଶନୀୟ ସ୍ଥାନ, ପର୍ଯ୍ୟଟନ କେନ୍ଦ୍ର ଏବଂ ଧାର୍ମିକ ସମାବେଶଗୁଡ଼ିକରେ ସୁରକ୍ଷା ଅଡିଟ୍ ଏବଂ ମକ୍‌ଡ୍ରିଲ୍ ମଧ୍ୟ ପରିଚାଳନା କରିବେ।

■ ୧୫ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ

## ଭାରତ-ପାକ୍ ସୀମାରୁ ବାଂଲାଦେଶୀ ମହିଳା ଗିରଫ

ବିକାନେର, ୨୮ ।୮ (ଏଜେନ୍ସି): ଭାରତ-ପାକିସ୍ତାନ ସୀମା ନିକଟବର୍ତ୍ତୀ ବିକାନେରରୁ ସାମରିକ ଗୁଇନ୍ଦା ସଂସ୍ଥା (ଏମ୍ଆଇ) ଏବଂ ସିଆଇଡି ଦଳ ଏକ ମିଳିତ ଅଭିଯାନରେ ଜଣେ ବାଂଲାଦେଶୀ ମହିଳାଙ୍କୁ ଅଟକ ରଖିଛନ୍ତି। ନୀଲା (୨୭) ନାମକ ଏହି ମହିଳାଜଣକ ବିନା କୌଣସି ବୈଧ ପାସପୋର୍ଟ କିମ୍ବା ଭିସାରେ ଗତ ୮ ମାସ ହେଲା ବିକାନେରରେ ବେଆଇନ ଭାବେ ବାସ କରୁଥିଲେ। ଗୁଇନ୍ଦା ସୂଚନା ଆଧାରରେ ଅଶୋକ ନଗର ଅଞ୍ଚଳରୁ ତାଙ୍କୁ କାବୁ କରାଯାଇଛି ଏବଂ ତାଙ୍କଠାରୁ ବାଂଲାଦେଶୀ ନଥିପତ୍ର ମଧ୍ୟ ଜବତ କରାଯାଇଛି। ସେ କିପରି ଭାରତ ସୀମା ଭିତରକୁ ପ୍ରବେଶ କଲେ ଏବଂ ଏହି ଅଞ୍ଚଳରେ କାହା ସଂସ୍ପର୍ଶରେ ଥିଲେ, ସେନେଇ ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ପଚରାଉଚରା ଜାରି ରଖିଛନ୍ତି। ସୀମାନ୍ତ ଅଞ୍ଚଳରେ ଏଭଳି ସନ୍ଦିଗ୍ଧ ଗତିବିଧିକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

## ସୋନିଆଙ୍କ ଆତ୍ମଜୀବନୀ ପ୍ରକାଶନରେ ବାଧା





ପେଙ୍ଗୁଇନ୍ ସହ ଚୁକ୍ତି ବାତିଲ୍

ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି): କଂଗ୍ରେସ ନେତା ସୋନିଆ ଗାନ୍ଧୀଙ୍କ ଆଗାମୀ ସ୍ମରଣିକା ବା ଆତ୍ମଜୀବନୀ 'ବିଲଙ୍ଗିଙ୍ଗ୍: ଏ ଜର୍ଣ୍ଣି ଅଫ୍ ଲଭ୍'ର ପ୍ରକାଶନକୁ ନେଇ ଏକ ବଡ଼ ବିବାଦ ଦେଖାଦେଇଛି। ପ୍ରସିଦ୍ଧ ପ୍ରକାଶନ ସଂସ୍ଥା 'ପେଙ୍ଗୁଇନ୍ ରାଣ୍ଡମ ହାଉସ୍ ଇଣ୍ଡିଆ' ଏହି ପୁସ୍ତକକୁ ଭାରତରେ ପ୍ରକାଶ କରିବ ନାହିଁ ବୋଲି ଜଣାପଡ଼ିଛି। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପ୍ରକାଶକ ସଂସ୍ଥା ପୁସ୍ତକରେ କିଛି ସମ୍ପାଦନାଗତ ପରିବର୍ତ୍ତନ ଏବଂ କିଛି ନିର୍ଦ୍ଦିଷ୍ଟ ଅଂଶକୁ ହଟାଇବା ପାଇଁ ଦାବି କରିଥିଲେ। ମାତ୍ର ଲେଖିକା ତଥା ସୋନିଆ ଗାନ୍ଧୀ ଏହି ପ୍ରସ୍ତାବକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ସମସ୍ୟା ପରେ ପେଙ୍ଗୁଇନ୍ ସଂସ୍ଥା ଏହି ପ୍ରକାଶନ ପ୍ରକ୍ରିୟାରୁ ଓହରି ଯାଇଛି। ତେବେ ଆଗାମୀ ଦିନରେ 'ହାର୍ପର କଲିନ୍ସ' ଭାରତରେ ଏହି ପୁସ୍ତକ ପ୍ରକାଶନର ଦାୟିତ୍ୱ ଗ୍ରହଣ କରିପାରେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଏହି ପୁସ୍ତକଟି ଆସନ୍ତା ନଭେମ୍ବର ୧୦ ତାରିଖରେ ପ୍ରକାଶ ପାଇବାର ଥିଲା। ଏହି ବହିରେ ସୋନିଆ ଗାନ୍ଧୀ ତାଙ୍କର ରାଜନୈତିକ ଯାତ୍ରା ଏବଂ ୨୦୦୪ ରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ ନକରିବାର ନିଷ୍ପତ୍ତି ସମ୍ପର୍କରେ ମତ ରଖିବେ ବୋଲି ଆଶା କରାଯାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଆତ୍ମଜୀବନୀର ପ୍ରକାଶନକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

● ସଶକ୍ତ ହେବ ପ୍ରତିରକ୍ଷା କ୍ଷେତ୍ର

## ଆମେରିକାରୁ 'ଜାଭେଲିନ୍' ଆଣ୍ଟି-ଟ୍ୟାଙ୍କ କ୍ଷେପଣାସ୍ତ୍ର କିଣିବ ଭାରତ

ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି): ଭାରତୀୟ ପ୍ରତିରକ୍ଷା ବାହିନୀକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆମେରିକାଠାରୁ ବିଶ୍ୱପ୍ରସିଦ୍ଧ 'ଜାଭେଲିନ୍' ଆଣ୍ଟି-ଟ୍ୟାଙ୍କ କ୍ଷେପଣାସ୍ତ୍ର ପ୍ରଣାଳୀ କିଣିବାକୁ ଭାରତ ଯୋଜନା କରୁଛି। ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର ଏହି ସୂଚନା ଦେଇଛନ୍ତି। ଗତବର୍ଷ ନଭେମ୍ବରରେ ଆମେରିକା ବୈଦେଶିକ ମନ୍ତ୍ରାଳୟ ଭାରତକୁ ଏହି ଅସ୍ତ୍ରଶସ୍ତ୍ର ବିକ୍ରି କରିବା ପାଇଁ ଅନୁମୋଦନ କରିଥିଲା। ଏହି 'ଫାୟାର୍ ଆଣ୍ଡ ଫର୍ଗେଟ୍' ବା ଲକ୍ଷ୍ୟଭେଦ କରି ନିଜେ ଫେରିଆସୁଥିବା କ୍ଷେପଣାସ୍ତ୍ର ସିଷ୍ଟମ୍ ଜଣେ ମାତ୍ର ସୈନିକ ଦ୍ୱାରା କାନ୍ଧରେ ବୁହାଯାଇ ପାରିବ। ଏହାର ସ୍ୱୟଂଚାଳିତ ମାର୍ଗଦର୍ଶନ ବ୍ୟବସ୍ଥା ଯୋଗୁଁ କ୍ଷେପଣାସ୍ତ୍ରଟି ନିଜେ ନିଜେ ଲକ୍ଷ୍ୟକୁ ପିଛା କରି ଧ୍ୱଂସ କରିପାରେ, ଯାହାକି ସୈନିକମାନଙ୍କୁ ଶତ୍ରୁର ଆକ୍ରମଣରୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ। ଆମେରିକା ଏବଂ ଭାରତ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଆହୁରି ମଜବୁତ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଇଛି।




## କାଶ୍ମୀରରେ ସୁରକ୍ଷାକର୍ମୀଙ୍କ ହାତରେ ରାକ୍ଷୀ ବାନ୍ଧିଲେ ବାଳିକା

ଶ୍ରୀନଗର, ୨୮ ।୮ (ଏଜେନ୍ସି): ରକ୍ଷାବନ୍ଧନ ପର୍ବରେ କାଶ୍ମୀରରୁ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ସାମ୍ନାକୁ ଆସିଛି। ସ୍ଥାନୀୟ କାଶ୍ମୀର ବାଳିକାମାନେ ଦେଶର ସୁରକ୍ଷାରେ ନିୟୋଜିତ ଭାରତୀୟ ସେନା ଯବାନମାନଙ୍କ ହାତରେ ରାଖୀ ବାନ୍ଧି ଏହି ପବିତ୍ର ପର୍ବ ପାଳନ କରିଛନ୍ତି। ଏହି ସୁନ୍ଦର କାର୍ଯ୍ୟର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି ଏବଂ ସମସ୍ତଙ୍କ ମନ ଜିଣି ପାରିଛି। ନିଜର ପରିବାରଠାରୁ ଦୂରରେ ରହି ଦେଶ ସେବା କରୁଥିବା ଯବାନମାନଙ୍କ ପାଇଁ ଏହି ଘଟଣା ଏକ ଭାବବିହ୍ୱଳ ମୁହୂର୍ତ୍ତ ସୃଷ୍ଟି କରିଛି। ବାଳିକାମାନେ କହିଛନ୍ତି ଯେ ସେମାନଙ୍କର ନିଜର ଭାଇ ନ ଥିଲେ ମଧ୍ୟ ସେମାନେ ଯବାନମାନଙ୍କୁ ନିଜର ଭାଇ ମନେ କରନ୍ତି ଏବଂ ଯବାନମାନେ ସେମାନଙ୍କର ସୁରକ୍ଷା କବଚ ଅଟନ୍ତି। ଭାଇ ଓ ଭଉଣୀଙ୍କ ପବିତ୍ର ସମ୍ପର୍କର ଏହି ଜୀବନ୍ତ ଚିତ୍ର ଦେଶରେ ସଦଭାବନା ଓ ପ୍ରେମର ଏକ ବଡ଼ା ବାର୍ତ୍ତା ଦେଇଛି।

# ଏନ୍‌ଟିଏରେ ତିନି ଜଣ ନୂତନ ଅଧିକାରୀ ନିଯୁକ୍ତ

### ତିନି ସପ୍ତାହ ଭିତରେ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୮ ।୮ (ଏଜେନ୍ସି): କେନ୍ଦ୍ର ସରକାର ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ରେ ଦୁଇ ଜଣ ନିର୍ଦ୍ଦେଶକ ଏବଂ ଜଣେ ଯୁଗ୍ମ ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରିଛନ୍ତି। ଅଗଷ୍ଟ ୨୭ ତାରିଖରେ ଜାରି ହୋଇଥିବା ଏକ ସରକାରୀ ଆଦେଶ ଅନୁଯାୟୀ ଏହି ନିଯୁକ୍ତି ପ୍ରକାଶ ପାଇଛି। ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଏବଂ ଏଜେନ୍ସିର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। କେନ୍ଦ୍ରୀୟ ଆଦେଶ ଅନୁଯାୟୀ, ଭାରତୀୟ ପୁଲିସ ସେବା ଅଧିକାରୀ ରବି କୁମାର ସିଂ ଏବଂ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରସନ୍ନ ବେଙ୍କଟେଶ ଭିଙ୍କୁ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୨୦୧୬ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଅମିତ ସମଡ଼ିଆଙ୍କୁ ଯୁଗ୍ମ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଏହି ତିନି ଜଣ ଅଧିକାରୀଙ୍କୁ ଆଦେଶ ଜାରି ହେବାର ତିନି ସପ୍ତାହ ଭିତରେ ନିଜ ନିଜର ଦାୟିତ୍ୱ ଗ୍ରହଣ କରିବାକୁ କୁହାଯାଇଛି। ଯଦି ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟଭାର ଗ୍ରହଣ ନ କରନ୍ତି, ତେବେ କେନ୍ଦ୍ରୀୟ କର୍ମଚାରୀ ଯୋଜନାରୁ ସେମାନଙ୍କୁ ବାସନ୍ଦ କରିବା ପାଇଁ ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ପ୍ରଶ୍ନପତ୍ର ଲିକ୍ ବିବାଦ ପରେ ଜାତୀୟ ପରୀକ୍ଷା ଏଜେନ୍ସିରେ ବ୍ୟାପକ ସଂସ୍କାର ଏବଂ ପୁନଃଗଠନ ପ୍ରକ୍ରିୟା ଜାରି ରହିଛି। ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଗତ ଜୁଲାଇ ୨୫ ତାରିଖରେ ଏଜେନ୍ସି ପକ୍ଷରୁ ୪୭ ଜଣ ଅଧିକାରୀଙ୍କୁ ବରଖାସ୍ତ କରାଯାଇଥିଲା। ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ଏହି ପ୍ରଶ୍ନପତ୍ରଲିକ୍ ଘଟଣା ଗଭୀର ମାନସିକ ଯନ୍ତ୍ରଣା ଦେଇଥିବା ପ୍ରଧାନମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ଜରିଆରେ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀମାନଙ୍କର ଗୋଟିଏ ଶିକ୍ଷାବର୍ଷ ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସ୍ୱଳ୍ପ ସମୟ ମଧ୍ୟରେ ବାଇଶି ଲକ୍ଷ ପରୀକ୍ଷାର୍ଥୀଙ୍କ ପରୀକ୍ଷା ସଫଳତାର ସହ ପରିଚାଳନା କରାଯାଇଥିଲା। ଏହି ଘଟଣାର ଦୋଷୀମାନଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିବା ବେଳେ ଏଭଳି ମାମଲାର ଶୀଘ୍ର ବିଚାର ପାଇଁ ଏକ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସଂସଦର ମୌସୁମୀ ଅଧିବେଶନରେ ସର୍ବସାଧାରଣ ପରୀକ୍ଷା (ଅନୁଚିତ ଉପାୟ ନିବାରଣ) ବିଧେୟକ ଉପସ୍ଥାପିତ ହୋଇଥିଲା, ଯାହା ଉଭୟ ଗୃହରେ ଗୃହୀତ ହୋଇଥିଲା। ଅଗଷ୍ଟ ୧ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ଏହା ଏକ ପୂର୍ଣ୍ଣାଙ୍ଗ ଆଇନରେ ପରିଣତ ହୋଇଛି। ଏହି ନୂତନ ଆଇନ କେବଳ ଏନଟିଏ ଦ୍ୱାରା ପରିଚିତ ପରୀକ୍ଷାଗୁଡ଼ିକ ମଧ୍ୟରେ ସୀମିତ ନୁହେଁ, ବରଂ କର୍ମଚାରୀ ଚୟନ ଆୟୋଗ ଏବଂ ବ୍ୟାଙ୍କିଙ୍ଗ୍ ସମେତ ସମସ୍ତ ପ୍ରମୁଖ ସାଧାରଣ ପରୀକ୍ଷାଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ ଅଟେ। ପରୀକ୍ଷା ବିବାଦକୁ ନେଇ ଦେଶବ୍ୟାପୀ ବ୍ୟାପକ ପ୍ରତିବାଦ ଦେଖିବାକୁ ମିଳିଥିଲା। ରାଜଧାନୀ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମାସବ୍ୟାପୀ ଧାରଣା କରାଯିବା ସହିତ ସୋନମ ୱାଙ୍ଗଚୁକ୍ ଦୀର୍ଘ ଛବିଶ ଦିନ ଧରି ଅନଶନ କରିଥିଲେ।



# ଶିମିଳିପାଳ ସଂରକ୍ଷଣ ଓ ଗବେଷଣା କ୍ଷେତ୍ରରେ ନୂଆ ଅଧ୍ୟାୟ

**ଏମବିଆର୍ ଓ ଏମଏସସିବି ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ**

ବାରିପଦା, ୨୮।୮ (ସମିସ): ପ୍ରାକୃତିକ ସମ୍ପଦର ସଂରକ୍ଷଣ, ପରିବେଶ ସୁରକ୍ଷା ଓ ଶିମିଳିପାଳ ଜୈବ ମଣ୍ଡଳର ସାମଗ୍ରିକ ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ମୟୂରଭଞ୍ଜ ବାୟୋଲୋଜିକାଲ ରିସର୍ଚ୍ଚ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ୫ ବର୍ଷିଆ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଫଳରେ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଉଚ୍ଚସ୍ତରୀୟ ଗବେଷଣା ସହିତ ଏମବିଆରର କ୍ଷେତ୍ରସ୍ତରୀୟ ଜୈବ ବିବିଧତା ସଂରକ୍ଷଣ ଓ ସାମାଜିକ କାର୍ଯ୍ୟର ସମନ୍ୱୟ ସୃଷ୍ଟି ହେବ। ଏହି ସହଭାଗିତା ମାଧ୍ୟମରେ ଶିମିଳିପାଳର ପରିବେଶ ସନ୍ତୁଳନ, ବନ୍ୟପ୍ରାଣୀ ସଂରକ୍ଷଣ, ଜୈବ ବିବିଧତା ଅଧ୍ୟୟନ, ଜଳବାୟୁ ପରିବର୍ତ୍ତନ ମୁକାବିଲା, ଜଳ ଓ ବର୍ଜ୍ୟବସ୍ତୁ ପରିଚାଳନା, ଇକୋସିଷ୍ଟମର ପୁନରୁଦ୍ଧାର ଦିଗରେ ମିଳିତ କାର୍ଯ୍ୟ କରାଯିବ। ଏଥିସହିତ ସ୍ଥାୟୀ କୃଷି, ଟସର ଓ ମଲବେରୀ ରେଶମ ଚାଷ, ସ୍ଥାନୀୟ ଜନଜାତିଙ୍କ ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ପ୍ରକୃତି-ଆଧାରିତ ଜୀବିକା ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍, ଫିଲ୍ଡ ୱାର୍କ, ସର୍ଭେ, ଗବେଷଣା ପ୍ରକଳ୍ପ, ଜିଆଇଏସ ଓ ରିମୋଟ୍ ସେନ୍ସିଂ ପ୍ରଶିକ୍ଷଣ ସହ ସରକାରୀ ଓ ସିଏସଆର ପାଣ୍ଠି ଯୋଗାଡ, ସବୁଜ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଭୟ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବେ। ମୟୂରଭଞ୍ଜ ତଥା ସମଗ୍ର ଶିମିଳିପାଳ କ୍ଷେତ୍ରରେ ଏକାଡେମିକ୍ ଅନୁସନ୍ଧାନ ଓ ବାସ୍ତବବାଦୀ କ୍ଷେତ୍ର କାର୍ଯ୍ୟ ମଧ୍ୟରେ ଥିବା ଦୂରତାକୁ ଦୂର କରିବାରେ ଏହି ପଦକ୍ଷେପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଏମଏସସିବି ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ପିଜି କାଉନସିଲ ଅଧ୍ୟକ୍ଷ, ପ୍ରଫେସର ଓ ପ୍ରଶାସନିକ ଅଧିକାରୀଙ୍କ ସମେତ ଏମବିଆରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆର୍ଥିକ ନିର୍ଦ୍ଦେଶକ ଓ କାର୍ଯ୍ୟକ୍ରମ ଟିମ୍ ଉପସ୍ଥିତ ଥିଲେ। ଏମବିଆର୍ ଏକ ବ୍ଲୁ କମ୍ୟୁନିଟି ନେଟ୍ ଓ ଜିଇଏଫ୍ ସିଏସଓ ସଦସ୍ୟ ଭାବେ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ତଥା ନୂଆଦିଲ୍ଲୀସ୍ଥ ଅଭୟଦାନ ଟ୍ରଷ୍ଟର ଏକ ସହଯୋଗୀ ସଂସ୍ଥା ଅଟେ।

# ମୁକ୍ତହେବ ଜିନତ, ହଟିବ ରେଡିଓ କଲାର

ବାରିପଦା, ୨୮।୮ (ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ପାଇଁ ଖୁସି ଖବର। ମହାରାଷ୍ଟ୍ରର ତଡ଼ବା-ଅନ୍ଧାରି ଟାଇଗର ରିଜର୍ଭରୁ ୨୦୨୪ରେ ଅଣାଯାଇଥିବା ବାଘୁଣୀ 'ଜିନତ୍' ବେକରୁ ରେଡିଓ କଲର ହଟିବାକୁ ଯାଉଛି। ସେ ଚାରୋଟି ଶାବକଙ୍କ ସହିତ ଶିମିଳିପାଳର ଘଞ୍ଚ ଜଙ୍ଗଲରେ ସ୍ୱାଧୀନ ଭାବେ ବିଚରଣ କରୁଛି। ଶିମିଳିପାଳକୁ ସେ ନିଜର କରିସାରିଲାଣି। ରେଡିଓ କଲର ହଟିବାର ସମସ୍ତ ନିୟମାବଳୀ ପୂର୍ଣ୍ଣ ହୋଇଥିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଅନୁମତି ମିଳିବା ମାତ୍ରେ ତାହା ହଟାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ ପ୍ରକାଶ ଚାନ୍ଦ ଗୋଗେନାନୀ କହିଛନ୍ତି। ଜିନତକୁ ଶିମିଳିପାଳର ଜେନେଟିକ୍ ପୁଲ୍ ବୃଦ୍ଧି କରିବା ଓ ଇନବ୍ରିଡିଂଜନିତ ସମସ୍ୟା (ବିଶେଷକରି ସୁଡୋ-ମେଲାନିଷ୍ଟିକ୍ ବା କଳା ବାଘ ସଂଖ୍ୟା ବୃଦ୍ଧି) ରୋକିବା ପାଇଁ ଅଣାଯାଇଥିଲା। ୨୦୨୪ ନଭେମ୍ବରରେ ସେ ପ୍ରଥମେ ଉତ୍ତର ଡିଭିଜନର ଚହଲା ନିକଟ ସଫ୍ଟ ଏନକ୍ଲୋଜରରେ ରହିଥିଲା। ପରେ ମୁକ୍ତ ହେବା ପରେ ସେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ପ୍ରାୟ ୩୦୦ କିଲୋମିଟର ବୁଲିଥିଲା। ରେଡିଓ କଲର ସହାୟତାରେ ତାଙ୍କୁ ଟ୍ରାକ୍ କରାଯାଇ ପୁଣି ଶିମିଳିପାଳକୁ ଫେରାଇ ଆଣାଯାଇଥିଲା। ୨୦୨୬ ଜୁନ୍ ମାସରେ କ୍ୟାମେରା ଟ୍ରାପ୍ ଇମେଜ୍‌ରୁ ଜଣାପଡ଼ିଥିଲା ଯେ ଜିନତ୍ ଚାରୋଟି ଶାବକଙ୍କୁ ଜନ୍ମ ଦେଇଛି। ଏହା ଇଣ୍ଟର-ଷ୍ଟେଟ୍ ଟାଇଗର ଟ୍ରାନ୍ସଲୋକେସନ୍ ପ୍ରକଳ୍ପର ଏକ ବଡ଼ ସଫଳତା ଭାବେ ଗଣାଯାଇଥିଲା। ଶାବକମାନେ ଏବେ ତିନି ମାସରୁ ଅଧିକ ବୟସର ହୋଇଛନ୍ତି ଓ ମା' ସହିତ ଚଳପ୍ରଚଳ କରିବାକୁ ସକ୍ଷମ ହୋଇଛନ୍ତି। ଜୁନ୍ ମାସରେ ହିଁ ଏକ ଟେକ୍ନିକାଲ୍ କମିଟି (ଏନଟିସିଏ, ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ପ୍ରିନ୍ସିପାଲ୍ ଚିଫ୍ କନଜରଭେଟର୍ ଅଫ୍ ଫରେଷ୍ଟସ୍ ଓ ଶିମିଳିପାଳ ଫିଲ୍ଡ ଡାଇରେକ୍ଟରଙ୍କ ସମନ୍ୱୟରେ) ରେଡିଓ କଲର ହଟାଇବା ବିଷୟରେ ଆଲୋଚନା ହୋଇଥିଲା।



**ରାକ୍ଷୀ ବାନ୍ଧି ଫେରିବା ସମୟରେ ଦୁର୍ଘଟଣା**

# ଭାଇ ମୃତ; ଭଉଣୀ, ଭଣଜା ସମେତ ୪ ଗୁରୁତର

ବାରିପଦା/କୁଆମରା, ୨୮।୮(ସମିସ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଦିନ ରାକ୍ଷୀ ବାନ୍ଧିବାକୁ ଆସିଥିବା ଭଉଣୀ ଓ ଭଣଜାକୁ ଛାଡିବାକୁ ଯାଉଥିବା ସମୟରେ ବାଇକ୍ ଦୁର୍ଘଟଣା ଘଟିବାରୁ ଭାଇର ମୃତ୍ୟୁ ଘଟିଥିବାବେଳେ ଭଉଣୀ ଓ ଭଣଜା ଗୁରୁତର ଆହାତ ହୋଇଛନ୍ତି। ଏଭଳି ଏକ ଦୁଃଖଭରା ଘଟଣା ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଘଟିଛି। ସୂଚନା ମୁତାବକ, ଖୁଣ୍ଟା ଥାନା ଅନ୍ତର୍ଗତ ଶିଆଳିଆ (ଖ) ଗ୍ରାମର ରଘୁନାଥ ହାଁସଦା (୨୫) ଆଜି ସନ୍ଧ୍ୟାରେ ଭଉଣୀ ସୁହାଗୀ କିସ୍କୁ (୩୦) ଓ ଭଣଜା ଟୁନୁ (୮)ଙ୍କୁ ନେଇ କୁଆମରା ପଞ୍ଚାୟତ ବାଲିଗଡିଆ ଗ୍ରାମକୁ ଆସୁଥିବାବେଳେ ବିପରୀତ ଦିଗରୁ ପଟୁଆ ଗ୍ରାମର କାଞ୍ଚନ ସୋରେନ (୩୦) ଓ ସୁଦାମ ମାରାଣ୍ଡି (୨୬) ବୁଲେଟ ଯୋଗେ ଯାଉଥିବାବେଳେ ଶୀଳଘାଟି ଜଙ୍ଗଲ ରାସ୍ତାର ସୁରୁକୁନା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ରଘୁନାଥଙ୍କର ମୃତ୍ୟୁ ଘଟିଥିବାବେଳେ ଉଭଣୀ ସୁହାଗୀ ଓ ଭଣଜା ଟୁନୁ ଗୁରୁତର ହୋଇଥିଲେ। ବୁଲେଟରେ ଥିବା ଦୁଇ ଯୁବକ କାଞ୍ଚନ ଓ ସୁଦାମ ଭାରସାମ୍ୟ ହରାଇ ରାସ୍ତା ପାଖର୍ ଏକ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ଗୁରୁତର ୪ ଜଣଙ୍କୁ ପ୍ରଥମେ ଖୁଣ୍ଟା ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ବାଇକ ଦୁଇଟିକୁ ଖୁଣ୍ଟା ପୁଲିସ ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି। ସେହିପରି ଭରଡାଡିହି ଗ୍ରାମର ରଣଜିତ ଖଣ୍ଡେଇ ପଶୁଦା ଅଞ୍ଚଳକୁ କୌଣସି କାମରେ ଆସି ବାଇକ ଯୋଗେ ଘରକୁ ଫେରୁଥିବାବେଳେ ମହୁଲିଆ ଛକ ନିକଟରେ ଏକ ଅଜଣା କାର୍ ଧକ୍କା ଦେଇ ପଳାଇଥିଲା। ଫଳରେ ରଣଜିତଙ୍କ ଅବସ୍ଥା ଗୁରୁତର ଥିବାବେଳେ ତାଙ୍କୁ ପ୍ରଥମେ ବଡ଼ସାହି ଡାକ୍ତରଖାନା ଓ ପରେ ସଙ୍କଟାପନ୍ନ ଅବସ୍ଥାରେ ବାରିପଦାକୁ ସ୍ଥାନାନ୍ତର କରାଯାଇଛି।

# ବଜ୍ରପାତରେ ଚାଷୀ ମୃତ

ଖଇରା, ୨୮।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ନନ୍ଧୁର ପଞ୍ଚାୟତ ଅଧୀନ ସୁଙ୍ଗୁଡ଼ା ଗ୍ରାମର ଚାଷୀ ସୁଦର୍ଶନ ଶଙ୍ଖୁଆ(୩୫) ବଜ୍ରାଘାତରେ ଜୀବନ ହରାଇଛନ୍ତି। ଶୁକ୍ରବାର ଅପରାହ୍ଣରେ ସେ ନିଜ ଜମିରେ ଧାନ ତଳି ପୋତୁଥିବାବେଳେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ବିଜେଡିର ନବନିଯୁକ୍ତ ବ୍ଲକ୍ ଉପସଭାପତି ପ୍ରହ୍ଲାଦ ପତି ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଯୋଗ୍ୟ ଭୋଟରଙ୍କ ନାମ କାଟିବାକୁ ଷଡ଼ଯନ୍ତ୍ର କରୁଛି ବିଜେପି



- ଦାବି ଆପତ୍ତି ଅବଧି ଶେଷ ପରେ ବି ନାମ କାଟିବା ଉଦ୍ୟମ ଜାରି
- ତଥ୍ୟ ଓ ପ୍ରମାଣ ସହ ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୨୮।୮ (ସମିସ): ରାଜ୍ୟରେ ଜାରି ରହିଥିବା ଏସ୍ଆଇଆର୍ ପ୍ରକ୍ରିୟାରେ ଭୋଟର ତାଲିକାରୁ ଯୋଗ୍ୟ ଓ ପ୍ରକୃତ ଭୋଟରଙ୍କ ନାମ ବାଦ୍ ପଡ଼ୁଛି। ଅନେକ ସ୍ଥାନରେ ଏହି ସମସ୍ୟା ଦେଖାଦେଉଥିବା ନେଇ ବିଭିନ୍ନ ସମ୍ବାଦପତ୍ରରେ ଖବର ପ୍ରକାଶ ପାଉଛି। ଏହାକୁ ନେଇ ବିଜେଡି ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଭୋଟରଙ୍କ ନାମ କେଉଁ କାରଣରୁ ଏବଂ କେଉଁ ପ୍ରକ୍ରିୟାରେ ବାଦ୍ ଦିଆଯାଇଛି, ସେ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଛି।

ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛି ଯେ ଭୋଟର ତାଲିକାକୁ ନେଇ ଦାବି ଓ ଆପତ୍ତି ଅବଧି ଅଗଷ୍ଟ ୧୯ ତାରିଖରେ ଶେଷ ହୋଇଛି। ହେଲେ ଶାସକ ବିଜେପିର ବିଏଲଏମାନେ ଏଯାବତ ପୁଳାପୁଳା ଫର୍ମ-୭ ଦାଖଲ କରି ବୁଥ ସ୍ତରରେ ଯୋଗ୍ୟ ଭୋଟରଙ୍କ ନାମ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ଭୋଟରଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀ ଯଥା ବାଲିକୁଦା-ଏରସମା, ମାହାଙ୍ଗା, ଧାମନଗର, ଭଦ୍ରକ, ମହାକାଳପଡ଼ା, ଝାରସୁଗୁଡା, ପାଟକୁରା, ଦିଗପହଣ୍ଡି ପ୍ରଭୃତି ନିର୍ବାଚନମଣ୍ଡଳୀରେ ବିଜେପି ବିଏଲଏ ମାନେ ଭୋଟର ତାଲିକାରୁ ରାଜନୈତିକ ଅଭିସନ୍ଧି ରଖି ଯୋଗ୍ୟ ଭୋଟରଙ୍କ ନାମ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ମାହାଙ୍ଗା ବ୍ଲକ ଅଧିନସ୍ଥ ଉଦ୍ରେଶ୍ୱର ପଞ୍ଚାୟତରେ ନୂତନ ଭାବେ ଗଠନ ହୋଇଥିବା ୨୨୧ ଓ ୨୨୨ ନମ୍ବର ବୁଥର ଭୋଟର ତାଲିକାରୁ ୧୨୧ ଜଣ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ ଦେବାପାଇଁ ସେହି ବୁଥର ବିଜେପି ବିଏଲଏ ଫଗୁ ଚରଣ ବେହେରା ସୁପାରିଶ କରିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ମାନଙ୍କୁ ଉଦେଶ୍ୟମୂଳକ ଭାବେ ତାଲିକାରୁ ବାଦ ଦେବାପାଇଁ ବିଏଲଏ ଶ୍ରୀ ବେହେରାଙ୍କ ସୁପାରିଶ ବାବଦରେ ମାହଙ୍ଗା ବ୍ଲକ ବିଡିଓଙ୍କୁ ସାକ୍ଷାତ କରି ଏହାର ତୁରନ୍ତ ସଂଶୋଧନ ପାଇଁ ଭୋଟର ମାନେ ଦାବି କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯିବା ପରେ, ବିଜେପି ବିଏଲଏ ଶ୍ରୀ ବେହେରା, ତଦନ୍ତ କରି ସେମାନଙ୍କୁ ପୁନର୍ବାର ଭୋଟର ତାଲିକାରେ ସ୍ଥାନ ଦେବା ପାଇଁ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିବା ବାବଦରେ ପ୍ରତିନିଧିମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ। ରାଜ୍ୟବ୍ୟାପୀ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଆସିଥିବା ସମସ୍ତ ଅଭିଯୋଗର ତଦନ୍ତ କରି କୌଣସି ଯୋଗ୍ୟ ଭୋଟର ଯେପରି ଏସ୍ଆଇଆର୍ ତାଲିକାରୁ ବାଦ ନପଡ଼ିବେ ସେଥିପାଇଁ ସାନି ନିର୍ଦ୍ଦେଶ ଜାରି କରିବା ପାଇଁ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଧାୟକ ସାରଦା ପ୍ରସନ୍ନ ଜେନା, ସାଧାରଣ ସମ୍ପାଦକ ବିଜୟ ନାୟକ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡଃ ଲେଲିନ ମହାନ୍ତି, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ଜ୍ୟୋସ୍ନାମୟୀ ପରିଡ଼ା, ମାନସୀ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜୁଏଲଙ୍କ ଖୋଲା ଧମକ ତଦନ୍ତକୁ ପ୍ରଭାବିତ କରିବ: ଭକ୍ତ

- ସର୍ବସାଧାରଣରେ ହିଂସାତ୍ମକ ଆଚରଣ ଯୋଗୁଁ କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦିଅନ୍ତୁ
- ଗର୍ଜନ କରିବାର ଥିଲେ, ଓଡ଼ିଶା ବିରୋଧୀ ନିଷ୍ପତ୍ତି ବେଳେ ଗର୍ଜନ କରନ୍ତୁ



ଭୁବନେଶ୍ୱର, ୨୮।୮ (ସମିସ): ରାଉରକେଲା ସର୍କିଟ୍ ହାଉସର ଅଭାବନୀୟ ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଅଶାଳୀନ ମନ୍ତବ୍ୟ ତାଙ୍କର ଓ ତାଙ୍କ ଡବଲ-ଇଂଜିନ ସରକାରଙ୍କ ହତାଶାବୋଧକୁ ସୂଚାଏ। ଏହା ମଧ୍ୟ ବିଜେପିର ଫାସୀବାଦୀ ଚିନ୍ତାଧାରର ପରିପ୍ରକାଶ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଶ୍ରୀ ଦାସ କହିଛନ୍ତି, ଯଦି ରାଉରକେଲା ଘଟଣାରେ ତାଙ୍କର ସଂପୃକ୍ତି ନାହିଁ, ତାହା ତଦନ୍ତ ହେଲେ ଜଣାପଡ଼ିବ। କେନ୍ଦ୍ରମନ୍ତ୍ରୀ ଅତ୍ୟନ୍ତ ବ୍ୟସ୍ତବିବ୍ରତ ହୋଇ ଗୁଣ୍ଡାଙ୍କ ଭଳି ଧମକଚମକ ଦେଇ ଆଇନକୁ ତା'ବାଟରେ ଯିବାକୁ ଦେଉନାହାନ୍ତି। ଏତେବର୍ଷ ଧରି କେନ୍ଦ୍ରରେ ଜଣେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ରହିଆସିଥିବା ବେଳେ ତାଙ୍କ ସ୍ତରର ଜଣେ ରାଜନେତା 'ମୋତେ ଯିଏ ବଦନାମ କରିବ, ତା' ହାତ କାଟି ଫିଙ୍ଗିଦେବାର ସାମର୍ଥ୍ୟ ମୋର ରହିଛି, ତାକୁ ଜାଳି ଫିଙ୍ଗିଦେବ' ଭଳି ଅତ୍ୟନ୍ତ ହିଂସାପୂର୍ଣ୍ଣ ଖୋଲା ଧମକ ଦେବା କସ୍ମିନ କାଳେ ଗ୍ରହଣୀୟ ନୁହେଁ ବୋଲି ଭକ୍ତ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ମଧ୍ୟ ବିଜେପିର ଆଉ ଜଣେ କେନ୍ଦ୍ରମନ୍ତ୍ରୀ ଅତ୍ୟନ୍ତ ବିପଜ୍ଜନକ ମନ୍ତବ୍ୟ ଦେଇ ଅତ୍ୟନ୍ତ ଅସୁସ୍ଥ ପରମ୍ପରା ସୃଷ୍ଟି କରିଥିଲେ। ସେତେବେଳେ ଅନୁରାଗ ଠାକୁର 'ଗୋଲିମାରୋ ସାଲୋଁକୋ' ଭଳି ଅତ୍ୟନ୍ତ କୁତ୍ସିତ ମନ୍ତବ୍ୟ ଦେଇଥିଲେ ବୋଲି ଶ୍ରୀ ଦାସ ମନେପକାଇ ଦେଇଛନ୍ତି। ଅହିଂସାତ୍ମକ ଉପାୟରେ ସ୍ୱାଧୀନତା ସଂଗ୍ରାମ କରି ବିଦେଶୀ ଶାସନକୁ ହଟାଇଥିବା ଗାନ୍ଧୀଙ୍କ ଦେଶ ଭାରତରେ ହିଂସାର ସ୍ଥାନ ନାହିଁ। ସରକାରରେ ରହି ଏଭଳି ଖୋଲାଖୋଲି ହିଂସା ଆଚରଣ କରିବା ଆମ ଗଣତାନ୍ତ୍ରିକ ସମ୍ବିଧାନର ପରିପନ୍ଥୀ। ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଏଭଳି ଖୋଲା ହତ୍ୟା କରିଥିବାରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସ କହିଛନ୍ତି। ଯଦି ସେ ଇସ୍ତଫା ନ ଦିଅନ୍ତି ତାଙ୍କୁ ମନ୍ତ୍ରିମଣ୍ଡଳରୁ ମୋଦୀ ବରଖାସ୍ତ କରିବାକୁ ସେ ଦାବି କରିଛନ୍ତି। ଯଦି ଶ୍ରୀ ଓରାମ ପ୍ରକୃତରେ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ଚିନ୍ତିତ, ଓଡ଼ିଶାବାସୀ ବିଶେଷ କରି ଆଦିବାସୀଙ୍କ ସ୍ୱାର୍ଥ ବିରୋଧୀ ଏମଏମଡିଆର ସଂଶୋଧନ ବିଧେୟକ ଯେତେବେଳେ ସଂସଦରେ ମୋଦୀ ସରକାର ପାରିତ କରାଇନେଉଥିଲେ, ସେତେବେଳେ ଶ୍ରୀ ଓରାମ ଗର୍ଜନ କରିବା ଉଚିତ ଥିଲା। ତାହା ନ କରି ସେ ନିଜ କୃତକର୍ମ ପାଇଁ ଭୋଗିବାକୁ ଯାଉଥିବା ବେଳେ ଆଇନକୁ ସମ୍ମାନ ନ ଜଣାଇ ଓଲଟା ରାଜ୍ୟବାସୀଙ୍କ ଆଗରେ ଗର୍ଜନତର୍ଜନ କରିବା ହାସ୍ୟାସ୍ପଦ ବୋଲି ଶ୍ରୀ ଦାସ କହିଛନ୍ତି।

# ତୀବ୍ର ହେଲାଣି ବିଜେପି ଗୋଷ୍ଠୀକନ୍ଦଳ: ବିଜେଡି

- ବିବ୍ରତ ଓ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ଜୁଏଲ୍
- ମନ୍ତ୍ରୀଙ୍କ ମନ୍ତବ୍ୟ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି



ଭୁବନେଶ୍ୱର, ୨୮।୮ (ସମିସ): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଏକ ଭିଡିଓ ବାଇଟ ଭାଇରଲ ହେବା ପରେ ବିଜୁ ଜନତା ଦଳ ଏହା ଉପରେ ବିଜେପିର ଅନ୍ତ କନ୍ଦଳ ଉଗ୍ର ରୂପ ନେଲାଣି ବୋଲି କହିଛି। ବିଜୁ ଜନତା ଦଳ ତରଫରୁ ଜାରି କରା ଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, କେନ୍ଦ୍ର ମନ୍ତ୍ରୀ ଓରାମଙ୍କ ଭାଷାରୁ ସ୍ପଷ୍ଟ ହେଉଛି ଯେ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ରଚା ଯାଇଛି, ଯାହାକୁ ନେଇ ସେ ବିବ୍ରତ ଅଛନ୍ତି। ଏହା ସ୍ପଷ୍ଟ କରୁଛି ଯେ, ବିଜେପିରେ ଅନ୍ତଃ କନ୍ଦଳ ଚରମ ସ୍ତରରେ ପହଁଚିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଜଣେ କେନ୍ଦ୍ର ମନ୍ତ୍ରୀ ଯଦି ବିବ୍ରତ ହୋଇ ପଡୁଛନ୍ତି ଓ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ତାହେଲେ ରାଜ୍ୟର ସାଧାରଣ ନାଗରିକ ନିଜକୁ ସୁରକ୍ଷିତ କିପରି ମଣିବେ? ମନ୍ତ୍ରୀଙ୍କ ମନ୍ତବ୍ୟ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ପ୍ରଶବାଚୀ ସୃଷ୍ଟି କରିଛି ବୋଲି ବିଜେଡି କହିଛି।

ମନ୍ତ୍ରୀ ଶ୍ରୀ ଓରାମ ତାଙ୍କ ବକ୍ତବ୍ୟରେ କହିଛନ୍ତି, ଯିଏ ତାଙ୍କୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି, ସେ ତାଙ୍କ ହାତକୁ କାଟି ଫିଙ୍ଗିଦେବେ। ମନ୍ତ୍ରୀଙ୍କ ଭାଷାରୁ ତାଙ୍କର କ୍ରୋଧ ସ୍ପଷ୍ଟ ବାରି ହେଉଛି। ମନ୍ତ୍ରୀ ନିଜେ ଆଇନକୁ ହାତକୁ ନେବେ ବୋଲି ସ୍ପଷ୍ଟ ଘୋଷଣା କରୁଛନ୍ତି, ତାହା କେତେଦୂର ଯୁକ୍ତି ଯୁକ୍ତ ବୋଲି ବିଜେଡି ପ୍ରଶ୍ନ କରିଛି। ରାଉରକେଲା ସର୍କିଟ ହାଉସରୁ ଅସ୍ତ୍ର ଶସ୍ତ୍ର ଜବତ ଘଟଣାରେ ମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେପି ଯୁବମୋର୍ଚ୍ଚାର ସମ୍ପାଦକ ପ୍ରକାଶ ପାଣ୍ଡାନଙ୍କ ସମ୍ପୃକ୍ତି ଅଭିଯୋଗ ଓ ପରେ ତାଙ୍କର ଗିରଫ, ବିଜେପିରେ ଥିବା ଅନ୍ତଃ କନ୍ଦଳକୁ ପଦାରେ ପକାଇଛି। ବିଜେପି ଯୁବ ନେତା ପାଣ୍ଡାନ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିଲେ ବୋଲି ଅଭିଯୋଗ ହେଉଛି। ଏହି ଘଟଣାରେ ମନ୍ତ୍ରୀ ଓରାମ ଯୁବ ନେତା ପାଣ୍ଡାନଙ୍କୁ ସୁରକ୍ଷା ଦେଉଥିଲେ ବୋଲି ବିଜେପିର ଗୋଟିଏ ଗୋଷ୍ଠି ଅଭିଯୋଗ କରି ଆସୁଥିଲେ। ତେବେ ମନ୍ତ୍ରୀ ଓରାମଙ୍କ ଆଜିର ମନ୍ତବ୍ୟ ବିଜେପି ଦଳରେ ଗୋଷ୍ଠି କନ୍ଦଳର ଉଗ୍ର ରୂପକୁ ପ୍ରଦର୍ଶିତ କରୁଛି ବୋଲି ଡଃ ମହାନ୍ତି କହିଛନ୍ତି।

# କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଓ ଇଓଡବ୍ଲ୍ୟୁ ଆଇଜି ଦାୟିତ୍ୱ ନେଲେ ହିମାଂଶୁ ଲାଲ୍

ଭୁବନେଶ୍ୱର, ୨୮।୮ (ସମିସ): କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଏବଂ ଇଓଡବ୍ଲ୍ୟୁର ଆଇଜି ଭାବେ ଦାୟିତ୍ୱ ନେଲେ ବରିଷ୍ଠ ଆଇପିଏସ୍ ଅଧିକାରୀ ହିମାଂଶୁ ଲାଲ୍। ଦୁଇ ବିଭାଗର କର୍ମଚାରୀମାନେ ଶୁକ୍ରବାର ତାଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ପାଛୋଟି ନେଇ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେ ରାଜ୍ୟରେ ଅପରାଧ ରୋକିବାକୁ ଏସ୍‌ଟିଏଫ୍ ପାଇଁ ନୂଆ ରଣନୀତି ଘୋଷଣା କରିଛନ୍ତି। ଏସ୍‌ଟିଏଫ୍ ସଂଗଠିତ ଅପରାଧ ଏବଂ ନିଶା କାରବାର ଉପରେ ଲଗାମ ଲଗାଇବାକୁ ବିଏନ୍‌ଏସ୍‌ର ଧାରା-୧୧୧ ଲାଗୁ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବିଏନ୍‌ଏସ୍ ଲାଗୁ ହେବା ପରେ ଏହା ଏକ ନୂତନ ଧାରା। ଏଥିରେ ଅପରାଧୀଙ୍କ ପାଇଁ କଡ଼ାଦଣ୍ଡ ବିଧାନ ରହିଛି। ହତ୍ୟା ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ ମୃତ୍ୟୁଦଣ୍ଡ ବା ଆଜୀବନ କାରାଦଣ୍ଡ ସହିତ ଅତିକମ୍‌ରେ ୧୦ ଲକ୍ଷ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି। ଅନ୍ୟ ଅପରାଧଗୁଡ଼ିକରେ ୫ ବର୍ଷରୁ ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ଅତି କମରେ ୫ ଲକ୍ଷ ଟଙ୍କା ଜରିମାନାର ପ୍ରାବଧାନ ରହିଛି। ଅପରାଧୀକୁ ଆଶ୍ରୟଦେଉଥିବା ଲୋକ ପାଇଁ ମଧ୍ୟ ଏହି ଧାରାରେ ୩ ବର୍ଷରୁ ଆଜୀବନ ଜେଲ୍ ପର୍ଯ୍ୟନ୍ତ କାରାଦଣ୍ଡ, ସହିତ ଅତି କମରେ ୫ଲକ୍ଷ ଟଙ୍କା ଜରିମାନା କରାଯିବ। ଏଥି ସହିତ ଅର୍ଥନୈତିକ ଅପରାଧ ରୋକିବାକୁ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଆଇଜି ଶ୍ରୀ ଲାଲ୍ କହିଛନ୍ତି।

# ବନ୍ଦହେଲା ହୀରାକୁଦର ୫ ଗେଟ୍

ସମ୍ବଲପୁର, ୨୮।୮ (ସମିସ): ହୀରାକୁଦ ଉପରମୁଣ୍ଡରେ ବର୍ଷା କମିଛି। ଏଣୁ ଆଜି ପୂର୍ବାହ୍ଣ ୧୦ଟା ୫୦ରେ ହୀରାକୁଦ ନଦୀବନ୍ଧର ୨ଟି ଗେଟ୍ ଏବଂ ଅପରାହ୍ଣ ୫ଟା ୨୦ରେ ୩ଟି ଗେଟ୍ ବନ୍ଦ କରାଯାଇ ୫ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସିତ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୩୩ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୩ଟି ଏବଂ ଡାହାଣ ପାଶ୍ୱର୍ର ୨ଟି ମିଶି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୭୦,୬୪୧ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୯,୫୯୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୪,୪୯୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପାୱାର ଚ୍ୟାନାଲ ଦେଇ ୩୨୧୫୭ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲରେ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ବେଲଗାଁଠାରେ ୧୪,୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପଥର୍ଲାଠାରେ ୪୩,୦୬୨ କ୍ୟୁସେକ୍, ଖଇରମାଲଠାରେ ୨,୭୩,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୦୦,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୫,୦୪,୮୦୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପର ମୁଣ୍ଡରେ ୫.୭୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨.୦୩ ମିମି ବର୍ଷା ରେକର୍ଡ କରାଯାଇଛି।

# ବିଦେଶୀ ବିହଙ୍ଗଙ୍କ ଷଠିଘର ସୋନବର୍ଷା



ସିନାପାଲି, ୨୮।୮ (ଶୁଭ୍ରାଂଶୁ କୁମାର ନାଏକ): ବିଦେଶୀ ବିହଙ୍ଗଙ୍କ କିଚିରି ମିଚିରି ଶବ୍ଦରେ ପ୍ରକମ୍ପିତ ହୋଇ ଉଠେ ଗାଁ ଦାଣ୍ଡ। ପଲ୍ଲୀ ଗାଁ ପାଲଟିଯାଏ ସହରୀ ବାବୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରତିଦିନ ଗାଁରେ ଲାଗି ରହେ ଭିଡ଼। ଗାଡ଼ିର ଘୁଁ ଘା ଶବ୍ଦରେ ଗାଁ ହୋଇଉଠେ କୋଳାହଳମୟ, ଯାହା ଗାଁ ଲୋକଙ୍କ ମନରେ ଆଣେ ଉତ୍ସାହ। ପ୍ରେରଣା ଓ ମନୋବଳ ଯୋଗାଏ ପକ୍ଷୀଙ୍କ ସୁରକ୍ଷା ପାଇଁ। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ପଞ୍ଚାୟତର ଛୋଟ ଗାଁ ସୋନବର୍ଷା ସତେ ଯେମିତି ବିଦେଶୀ ପକ୍ଷୀଙ୍କ ଷଠିଘର ପାଲଟି ଯାଇଛି।

ଗାଁକୁ ଅତିଥି ପକ୍ଷୀ ଆସିବାର ଦୀର୍ଘ ବର୍ଷ ହେଲାଣି। ପ୍ରତିବର୍ଷ ଅକ୍ଷୟ ତୃତୀୟା ବେଳକୁ ସୋନବର୍ଷା ଗାଁକୁ ଦଳଦଳ ହୋଇ ଧାଇଁ ଆସନ୍ତି। କିଛି ମାସ ଅବସ୍ଥାନ କରନ୍ତି। ବସା ଗଢ଼ନ୍ତି। ଅଣ୍ଡା ଦେଇ ଛୁଆ ଫୁଟାନ୍ତି। ଶାବକ ସାମାନ୍ୟ ବଡ଼ ହୋଇ ଉଡ଼ିବା ଆରମ୍ଭ କଲେ ପୁଣି ଫେରିଯାଆନ୍ତି।

ସୋନବର୍ଷା ଗ୍ରାମବାସୀ ଦଶନ୍ଧି ଧରି ଏହି ବିରଳ ବିଦେଶୀ ପକ୍ଷୀଙ୍କ ସୁରକ୍ଷାରେ ନିଜକୁ ସମର୍ପିତ କରିଛନ୍ତି। ଫଳସ୍ୱରୂପ ପ୍ରତିବର୍ଷ ପକ୍ଷୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଠାରେ ପ୍ରାୟ ୧୦୦ ପରିବାରରେ ୮୦୦ ଲୋକ ବସବାସ କରନ୍ତି। ଏହି ଛୋଟ ଗାଁ ପାଇଁ ସ୍ୱତନ୍ତ୍ର ପରିଚୟ ଆଣିଦେଇଛନ୍ତି ବିଦେଶାଗତ ପକ୍ଷୀ। ଗାଁରେ ଶତାଧିକ ତେନ୍ତୁଳି ଗଛ ରହିଛି। ୧୦ବର୍ଷ ତଳେ ଗାଁକୁ 'ଏସିଆନ ଓପନ ବିଲ ଷ୍ଟୋର୍କ' ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିଲା। ଦଳବଦ୍ଧ ହୋଇ ଆସିଥିବା ପକ୍ଷୀ ଏକ ତେନ୍ତୁଳି ଗଛରେ ବସା ବାନ୍ଧିଥିଲେ। ପକ୍ଷୀଙ୍କ କିଚିରିମିଚିରି ଶବ୍ଦରେ ଗାଁ ମୁଖରିତ ହୋଇଉଠିଲା। ଗାଁର ମୂଳବସା ଡ୍ୟାମ୍‌ରେ ପକ୍ଷୀ ବିଚରଣ କରିବା ସହ ଖାଦ୍ୟ ଅନ୍ୱେଷଣ କଲେ। ପରବର୍ତ୍ତୀ ସମୟରେ ଆହୁରି ଅଧିକ ପକ୍ଷୀ ଆସିଲେ। ଗାଁ ଚାରିପଟେ ବସା ବାନ୍ଧିଲେ। ଏଥିରେ ଗ୍ରାମାଞ୍ଚଳର ସୌନ୍ଦର୍ଯ୍ୟ ବଢ଼ିଲା। ପରିବେଶ ପକ୍ଷୀମୟ ହୋଇଗଲା, ଯାହା ଗାଁ ଲୋକଙ୍କୁ ଆନନ୍ଦିତ ଓ ଆମୋଦିତ କରିଥିଲା। ଗ୍ରାମବାସୀ ପକ୍ଷୀଙ୍କ ସୁରକ୍ଷା ପାଇଁ ବୈଠକ କରି ଶପଥ ନେଲେ। ପ୍ରଥମେ ଏକ କମିଟି ଗଢ଼ା ହେଲା। ନିୟମିତ ବ୍ୟବଧାନରେ ପକ୍ଷୀ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଗଲା। ପକ୍ଷୀ ଶିକାରୀଙ୍କ ପାଇଁ କଠୋର ଶାସ୍ତି ବିଧାନ ହେଲା। ପକ୍ଷୀ ଶିକାର କଲେ ହଜାରେ ଟଙ୍କା ଜରିମାନା ନିଷ୍ପତ୍ତି ନିଆଗଲା। ତାହା ପରଠୁ ଗାଁରେ ପକ୍ଷୀ ଶିକାର ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଗ୍ରାମବାସୀ ଏବେ ବିଦେଶୀ ଅତିଥି ପକ୍ଷୀଙ୍କ ସୁରକ୍ଷାରେ ମାତିଛନ୍ତି।

ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହ ବେଳକୁ ଦଳଦଳ ହୋଇ ଗାଁକୁ ବିଦେଶୀ ପକ୍ଷୀ ଆସନ୍ତି। ଏଥିପୂର୍ବରୁ ଅକ୍ଷୟ ତୃତୀୟା ବେଳକୁ ଗୋଟିଏ ପକ୍ଷୀ ଆସି ଆଖପାଖର ପରିବେଶ ନିରୀକ୍ଷଣ କରିଥାଏ। ସେ ଫେରିଯିବା ପରେ ଅନ୍ୟ ପକ୍ଷୀମାନେ ଦଳଦଳ ହୋଇ ଆସନ୍ତି। ପରିବେଶଗତ ବ୍ୟତିକ୍ରମ ଥିଲେ ସେମାନଙ୍କ ଆସିବା ସାମାନ୍ୟ ବିଳମ୍ବ ହୋଇଥାଏ। ଏଠାରେ ପହଞ୍ଚିବା ପରେ ଗ୍ରାମର ବିଭିନ୍ନ ତେନ୍ତୁଳି ଗଛରେ ସେମାନେ ବସା ବାନ୍ଧି ଅଣ୍ଡା ଦିଅନ୍ତି। ଅଣ୍ଡାରୁ ଛୁଆ ବାହାରିଲେ ଲାଳନପାଳନ କରନ୍ତି। ୫-୬ ମାସ ରହଣି ପରେ ଦୀପାବଳି ଅର୍ଥାତ୍ ଅକ୍ଟୋବର ବେଳକୁ ସେମାନଙ୍କ ମୂଳ ଆବାସକୁ ଫେରିଯାଆନ୍ତି।

ଏ ନେଇ ପକ୍ଷୀ ସୁରକ୍ଷା କମିଟିର ସଭାପତି ଗୁଆଲୁ ରାଉତ, ସମ୍ପାଦକ କୁଣ୍ଡରୀ ରାଉତ କହିଛନ୍ତି, ବିଦେଶୀ ଅତିଥି ପକ୍ଷୀ ଆସିଲେ ବର୍ଷା ଆରମ୍ଭହୁଏ। ପକ୍ଷୀମାନେ ଚାଲି ଗଲେ ବର୍ଷା ଛାଡ଼ିଯାଏ। ପକ୍ଷୀଙ୍କ ଆଗମନ ଅନୁସାରେ ଗାଁର ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରି ସମ୍ପୂର୍ଣ୍ଣ କରିଥାଆନ୍ତି। ଚଳିତ ବର୍ଷ ପ୍ରାୟ ୫୦ଟି ତେନ୍ତୁଳି ଗଛରେ ପକ୍ଷୀମାନେ ଡେରା ପକାଇଛନ୍ତି। ଗ୍ରାମର ପ୍ରତି ପରିବାର ପାଳି କରି ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। ଗୋସିଂ ରାଉତ, ପୁଣ୍ଡରି ରାଉତ, କୌଶଲ୍ୟା ରାଉତ, କୁମାର ରାଉତ କହିଛନ୍ତି, ବିଦେଶୀ ପକ୍ଷୀ ଆମ ଅଞ୍ଚଳର ସମୃଦ୍ଧିର ପ୍ରତୀକ। ସେମାନେ ଆସିଲେ ଭଲ ବର୍ଷା ଓ ଫସଲ ହୁଏ। ଏମାନଙ୍କ ସୁରକ୍ଷା ଆମ ଦାୟିତ୍ୱ। ଏଥିପାଇଁ ଯାହା ଆବଶ୍ୟକ ତାହା କରିବୁ। ଏ ସଂପର୍କରେ ଖଡ଼ିଆଳ ଡିଏଫ୍‌ଓ ଅଜିଜ୍ ଖାନ୍ କହିଛନ୍ତି, ଏଥର ଏସିଆନ ଓପନ ବିଲ୍ ଷ୍ଟାର୍କ ସହ ବିଗ୍ ଏଗରେଟ, ଇଣ୍ଡିଆନ ସାଗ୍ ପ୍ରଜାତିର ହଜାରେ ସଂଖ୍ୟାରେ ବିଦେଶୀ ପକ୍ଷୀ ଆସିଛନ୍ତି। ପକ୍ଷୀ ଆଗମନ ବଢୁଥିବା ଦେଖି ବିଭାଗ ପକ୍ଷରୁ ନିୟମିତ ସେମାନଙ୍କ ସୁରକ୍ଷା ନିରୀକ୍ଷଣ କରାଯାଉଛି। ବିଭାଗୀୟ ଅଧିକାରୀମାନେ ଗାଁରେ ବୈଠକ କରି ଲୋକଙ୍କୁ ବୁଝାଉଛନ୍ତି। ପକ୍ଷୀଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି।



- ଗାଁ ରେ ଲାଗିଛି ସହରୀ ପକ୍ଷୀପ୍ରେମୀଙ୍କ ଭିଡ଼
- ପକ୍ଷୀଙ୍କ ସୁରକ୍ଷା ପାଇଁ ସମର୍ପିତ ଗ୍ରାମବାସୀ

# ସର୍କିଟ୍ ହାଉସ୍‌ରୁ ବନ୍ଧୁକ ଜବତ ମାମଲା

# ପ୍ରକାଶଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବ ପୁଲିସ





ରାଉରକେଲା, ୨୮।୮ (ସମିସ)

ରାଉରକେଲା ସର୍କିଟ୍ ହାଉସ୍‌ରୁ ବନ୍ଧୁକ ଓ ଗୁଳି ଜବତ ଘଟଣାରେ ରାଉରକେଲା ଜେଲରେ ଥିବା ନିଲମ୍ବିତ ବିଜେପି ଯୁବନେତା ପ୍ରକାଶ ପାଶ୍ୱାନ୍‌ଙ୍କୁ ରଘୁନାଥପାଲି ଥାନା ପୁଲିସ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଏସ୍‌ଡିଜେଏମ କୋର୍ଟରେ ଆବେଦନ କରିଥିବା ସୂଚନା ମିଳିଛି। ଏହି ଘଟଣାରେ ପୁଲିସ ଆଉ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଲଗୋଦାମ ବସ୍ତି ବାସିନ୍ଦା ତଥା ବିଜେପିର ମଣ୍ଡଳ ସଭାପତି ଜନ ନାୟକ ଓ ପ୍ଲାଣ୍ଟସାଇଟ୍ ଥାନା ସମ୍ମୁଖରେ ରହୁଥିବା ଅମିତ ନାୟକ ଓରଫ ଚୁଗୁଲୁ। ଏହି ଦୁଇ ଜଣଙ୍କୁ ମିଶାଇ ଗିରଫ ସଂଖ୍ୟା ୧୨ରେ ପହଞ୍ଚିଛି। ତେବେ ପୁଲିସ ଟାର୍ଗେଟ୍‌ରେ ଆଉ କିଛି ସନ୍ଦିଗ୍ଧ ଥିବାରୁ ଗିରଫ ସଂଖ୍ୟା ବଢ଼ିପାରେ।

ସୂଚନାଯୋଗ୍ୟ ଯେ, ବୁଧବାର ବିହାରର ସମସ୍ତିପୁରରୁ ପ୍ରକାଶ ପାଶ୍ୱାନଙ୍କୁ ଗିରଫ ପରେ ଗୁରୁବାର ରାତିରେ ପୁଲିସ ରାଉରକେଲା ଆଣି ରାଉରକେଲା ସରକାରୀ ଡାକ୍ତରଖାନାରେ ଡାକ୍ତରୀ ପରୀକ୍ଷା ପରେ କୋର୍ଟରେ ହାଜର କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରାଉରକେଲା ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଏହି ଘଟଣା ଅତ୍ୟନ୍ତ ରହସ୍ୟମୟ ତଥା ରୋଚକ ରହିଥିବାରୁ ପ୍ରକାଶଙ୍କ ଅପରାଧୀକ ଷଡ଼ଯନ୍ତ୍ର ରଚନା ପଛରେ ଆଉ କିଏ କିଏ ପ୍ରଚ୍ଛଦ ପଟରେ ରହିଛନ୍ତି, ପ୍ରକାଶ ପୁରା ମାମଲାର ମାଷ୍ଟର ମାଇଣ୍ଡ ନା ଏହା ପଛରେ ଆଉ କିଏ ରିମୋଟ୍ ଧରି କାର୍ଯ୍ୟ କରୁଥିଲା, ତାର ସବିଶେଷ ତଥ୍ୟ ହାସଲ ପାଇଁ ପୁଲିସ ପ୍ରକାଶଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବ। ଏଥିପାଇଁ ଆଜି ରଘୁନାଥପାଲି ପୁଲିସ ପକ୍ଷରୁ ଏସଡିଜେଏମଙ୍କ କୋର୍ଟରେ ସମସ୍ତ ପ୍ରସ୍ତୁତି ସରିଛି।

**ଆଉ ୨ ଗିରଫ; ୧୨ରେ ପହଞ୍ଚିଲା ଗିରଫ ସଂଖ୍ୟା**

**ସରକାରୀ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ?**

ଅପରପକ୍ଷେ ରାଉରକେଲା ସର୍କିଟ ହାଉସକୁ ଅପରାଧୀଙ୍କ ପାଇଁ ଖୋଲି ଦେଇଥିବା ସରକାରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କେବେ ଆରମ୍ଭ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ସରକାରୀ ବାବୁମାନଙ୍କୁ ଏବେ ପୁଲିସ ସ୍କାନରରେ ନେଇ ସାରିଥିବା ସୂଚନା ମିଳିଛି।

ପୁଲିସ ସୂତ୍ର ଅନୁଯାୟୀ, ଗିରଫ ଅଭିଯୁକ୍ତମାନଙ୍କ ସହ ପାଶ୍ୱାନଙ୍କର ଅପରାଧୀକ ସମ୍ପର୍କ ରହିଥିବା ଦିଗକୁ ନେଇ ତଦନ୍ତ ଚାଲିଛି। ଅନ୍ୟ ଗିରଫ ଅଭିଯୁକ୍ତଙ୍କ ସହ ତାଙ୍କର ସମ୍ପର୍କ, ଘଟଣା ସମ୍ପର୍କରେ ତାଙ୍କ ଜ୍ଞାନ ଏବଂ ସର୍କିଟ୍ ହାଉସ୍‌ରେ ଅସ୍ତ୍ର ପହଞ୍ଚିବା ପଛରେ କାହାର ଭୂମିକା ରହିଥିଲା, ସେନେଇ ତଦନ୍ତକାରୀ ଅଧିକାରୀମାନେ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବେ ବୋଲି କୁହାଯାଉଛି।

ବିଶେଷକରି ସର୍କିଟ୍ ହାଉସ୍‌ର ପରିଚାଳନା ଓ ସୁରକ୍ଷା ସହ ଜଡ଼ିତ କର୍ମଚାରୀମାନଙ୍କ ଭୂମିକା ତଦନ୍ତ ପରିସରକୁ ଆସିଛି। ସର୍କିଟ୍ ହାଉସ୍‌ରେ ଅସ୍ତ୍ରଶସ୍ତ୍ର ଓ ଗୁଳି ସହ ଅପରାଧୀଙ୍କ ମେଳି ହେବା, ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମଦମାଂସର ଆସର ସାଙ୍ଗକୁ ଘୋର ଅନୈତିକ କାର୍ଯ୍ୟକଳାପ ତଥା ସେଠାରେ ରହୁଥିବା ବ୍ୟକ୍ତିମାନଙ୍କ ଗତିବିଧି ସମ୍ପର୍କରେ ସମ୍ପୃକ୍ତ କର୍ମଚାରୀମାନେ କେତେ ଅବଗତ ଥିଲେ, ଦୀର୍ଘ ୨୫ ଦିନ ଧରି ସେମାନଙ୍କୁ ଖାଦ୍ୟପେୟ, ଭବ୍ୟ ଆତିଥ୍ୟ ପ୍ରଦାନ ପଛରେ କାହାର ନିର୍ଦ୍ଦେଶ ଇତ୍ୟାଦି ନେଇ ପୁଲିସ ଏବେ ଯାଞ୍ଚ କରିବ। ଦାୟିତ୍ୱରେ କୌଣସି ଅବହେଳା କିମ୍ବା ଅନିୟମିତତା ହୋଇଥିବା ପ୍ରମାଣିତ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନଗତ କିମ୍ବା ବିଭାଗୀୟ ପଦକ୍ଷେପ ନିଆଯାଇପାରେ।

ମାମଲା ଏବେ କେବଳ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ସୀମିତ ନରହି ପୁଲିସର ତଦନ୍ତ ପରିସରକୁ ବ୍ୟାପକ କରିଛି। ଅଭିଯୁକ୍ତମାନଙ୍କ ସମ୍ପର୍କ, ଅସ୍ତ୍ର କାରବାରର ସମ୍ଭାବ୍ୟ ନେଟୱାର୍କ ଏବଂ ସର୍କିଟ୍ ହାଉସ୍ ପରିଚାଳନା ସହ ଜଡ଼ିତ ବ୍ୟକ୍ତିଙ୍କ ଭୂମିକା ସବୁ ଦିଗରୁ ପୁଲିସ ତଦନ୍ତ ଚଳାଇଛି।

ତେବେ ସବୁଠାରୁ ସନ୍ଦେହଜନକ ଘଟଣା ହେଉଛି ପୁଲିସ କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ନ ହୋଇ ରାଉରକେଲା ସର୍କିଟ ହାଉସରେ ଅପରାଧିକ କାର୍ଯ୍ୟକଳାପ ଯୋଜନାର ଗୋଟିଏ ପରେ ଗୋଟିଏ ପର୍ଦ୍ଦାଫାସ କରି ଚାଲିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଅର୍ଥାତ୍ ଜିଲ୍ଲାପାଳ ଏ ନେଇ କାହିଁକି ନୀରବ ରହିଛନ୍ତି ତାକୁ ନେଇ ଏବେ ସାଧାରଣରେ ଉଠିଛି ପ୍ରଶ୍ନ। ରାଉରକେଲା ସର୍କିଟ ହାଉସ ପରି ଏକ ସରକାରୀ ଅତିଥି ଭବନରେ ଏପରି ଘଟଣା ସମ୍ପର୍କରେ ଜିଲ୍ଲାପାଳ ଆଦୌ ମୁଣ୍ଡ ନ ପୁରାଇବା କି କୌଣସି ତଦନ୍ତ ଆଦେଶ ଜାରି ନ କରିବା ସମସ୍ତଙ୍କୁ ବିସ୍ମିତ କରିଛି।

ପୁଲିସ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଅନୁଗତ ତଥା ତାଙ୍କର ରାଉରକେଲା ମହାନଗର ନିଗମର ସାଂସଦ ପ୍ରତିନିଧି ଯୁବ ନେତା ପ୍ରକାଶ ପାଶ୍ୱାନଙ୍କ ସମେତ ୧୨ ଜଣଙ୍କୁ ବାନ୍ଧି ଜେଲ ହାଜତକୁ ପଠାଇ ସାରିଥିବା ବେଳେ ରାଉରକେଲା ସର୍କିଟ ହାଉସର କୌଣସି କର୍ମଚାରୀଙ୍କ ବିରୁଦ୍ଧରେ କିମ୍ବା ଉକ୍ତ ଘଟଣାର ଶୃଙ୍ଖଳରେ ଥିବା କୌଣସି ସରକାରୀ ବାବୁ କି କର୍ମଚାରୀଙ୍କ ବିରୁଦ୍ଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଘଟଣା ନିଶ୍ଚିତ ଭାବେ ଘଟଣା ପଛରେ କୌଣସି ବଡ଼ବଡ଼ିଆ ରହିଥିବା ଚର୍ଚ୍ଚାକୁ ଖୋରାକ୍ ଯୋଗାଉଛି।

### ବଢ଼ିବାରେ ଲାଗିଛି ପ୍ରକାଶଙ୍କ ଅଡୁଆ

## ଉଦିତନଗର ଥାନାରେ ଆଉ ୨ଟି ମାମଲା ରୁଜୁ

ଗିରଫ ପ୍ରକାଶ ପାଶ୍ୱାନ୍‌ଙ୍କ ଅଡୁଆ ଏବେ ବଢ଼ିବାରେ ଲାଗିଛି। ପୂର୍ବରୁ କେହି ତାଙ୍କ ବିରୁଦ୍ଧରେ ମୁହଁ ଖୋଲିବାକୁ ସାହସ କରୁନଥିବା ବେଳେ ତାଙ୍କ ଧମକଚମକର ଶୀକାର ହୋଇଥିବା ଏବେ ଜଣେ ଜଣେ ସମ୍ମୁଖକୁ ଆସିବାରେ ଲାଗିଛନ୍ତି। ଲକ୍ଷାଧିକ ଟଙ୍କା ନେଇ ନ ଫେରାଇବା ଏବେ ଟଙ୍କା ମାଗିଲେ ଧମକଚମକ ଦେବା ଭଳି ଆଉ ୨ଟି ମାମଲା ଉଦିତନଗର ଥାନାରେ ରୁଜୁ ହୋଇଛି। ଫଳରେ ତାଙ୍କ ଅପରାଧିକ କାର୍ଯ୍ୟକଳାପ ତାଲିକା ବଢ଼ିବାରେ ଲାଗିଛି। ମାଲଗୋଦାମ ବସ୍ତିର ଜଣେ ହୋଟେଲ ମାଲିକ ଏବଂ ଜଣେ ମହିଳାଙ୍କ ଠାରୁ କୌଣସି କାମ କରାଇ ଦେବାକୁ କହି ପ୍ରକାଶ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ। ହେଲେ କାମ ନ ହେବା ପରେ ଏହି ଟଙ୍କା ଫେରାଇ ନଥିଲେ। ସେମାନେ ଏହି ଟଙ୍କା ପାଇଁ ବାରମ୍ବାର ଦୌଡି ଦୌଡି ନୟାନ୍ତ ହେବା ପରେ ଶେଷରେ ଧମକଚମକର ଶୀକାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଉଦିତନଗର ଥାନାରେ ୨ଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଟିମ୍ବର୍ କଲୋନୀ ଅଫିସ୍ ସିଲ୍ କଲା ବନବିଭାଗ

ରାଉରକେଲା ସହରର ଟିମ୍ବର କଲୋନୀ ନିକଟ ସଂରକ୍ଷିତ ଜଙ୍ଗଲ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ପ୍ରକାଶ ପାଶ୍ୱାନଙ୍କ ବିଜେପି କାର୍ଯ୍ୟାଳୟ ସହିତ ସାଂସଦ ପ୍ରତିନିଧିଙ୍କ କାର୍ଯ୍ୟାଳୟକୁ ଆଜି ରାଉରକେଲା ବନବିଭାଗ ପକ୍ଷରୁ ସିଲ୍ କରାଯାଇଛି। ପାନପୋଷ ରେଞ୍ଜ ଅଫିସର ତଦନ୍ତ ରିପୋର୍ଟ ଦେବା ପରେ ଅଫିସକୁ ସିଲ୍ କରାଯାଇଥିବା ସୂଚନା ମିଳିଛି। ସେପଟେ ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲ ଜମି ଉପରେ ବେଆଇନ ଭାବେ ଉକ୍ତ ଘର ଏବଂ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିବାରୁ ଖୁବ୍‌ଶୀଘ୍ର ଏହି ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯିବ ବୋଲି ରାଉରକେଲା ଡିଏଫଓ ରବିକାନ୍ତ ମୀନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରକାଶ ପାଶ୍ୱଆନଙ୍କ ଦ୍ୱାରା ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ବିଷୟରେ ଅଭିଯୋଗ ପାଇବା ପରେ ଓଡ଼ିଶା ବନ ଅଧିନିୟମ ୧୯୭୨ର ଧାରା ୫, ଧାରା ୨୭(୧)(କ) ଓ ଧାରା ୩୭(୨) ଅନୁଯାୟୀ ନିଷିଦ୍ଧ ଥିବା ନୋଟିସ ଜାରି କରାଯାଇଥିଲା। ବେଆଇନ ନିର୍ମାଣ କାର୍ଯ୍ୟ ସହିତ ସମ୍ପୃକ୍ତ ସମ୍ପତ୍ତି ନିର୍ମାଣ ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀକୁ ଓଡ଼ିଶା ବନ ଅଧିନିୟମ ୧୯୭୨ର ଧାରା ୫୨ ଅନୁଯାୟୀ ବନବିଭାଗ ପକ୍ଷରୁ ଜବତ କରାଯାଇଛି। ଏସମ୍ପର୍କରେ କିଛି ଆପତ୍ତି ଥିଲେ ଅଗଷ୍ଟ ୩୧ ସୁଦ୍ଧା ରାଉରକେଲା ବନଖଣ୍ଡ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ତଥ୍ୟ ଦାଖଲ କରିବାକୁ ନୋଟିସ ଜାରି କରାଯାଇଛି। ନିର୍ଦ୍ଧାରିତ ତାରିଖରେ ଉପସ୍ଥିତ ନହେଲେ ଆଇନଗତ ପଦକ୍ଷେପ ନିଆଯିବ।



**ଖୁବ୍‌ଶୀଘ୍ର ଉଚ୍ଛେଦ ହେବ- ଡିଏଫଓ**

ଉଲ୍ଲେଖଯୋଗ୍ୟ ଯେ, କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଅନୁମତି ନେଇ ବିଜେପି ମଣ୍ଡଳ ଅଫିସ ଓ ସାଂସଦ ପ୍ରତିନିଧିଙ୍କ ଅଫିସ ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ପ୍ରକାଶ ଅଫିସ ନିର୍ମାଣ କରିଥିବା ବନବିଭାଗ ନିକଟରେ ଅଭିଯୋଗ ହେବାପରେ ବିଭାଗ ତଦନ୍ତ କରାଯାଇ ଅଫିସକୁ ସିଲ କରାଯାଇଛି। ଦିନ କେଇଟା ପରେ ଜଙ୍ଗଲ ନିୟମ ଅନୁଯାୟୀ ଉକ୍ତ ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯିବ ବୋଲି ଡିଏଫ୍‌ଓ ଶ୍ରୀ ମୀନା ସୂଚନା ଦେଇଛନ୍ତି।

### କୁଲକୁତା ଘାଟିରେ ଦୁର୍ଘଟଣା

## ଇଟା ବୋଝେଇ ହାଇୱା ଓଲଟି ଚାଳକ ମୃତ, ୩ ଗୁରୁତର



**ବଣାଇଁଗଡ଼, ୨୮।୮ (ସମିସ):** ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ କୁଲକୁତା ଘାଟିରେ ଶୁକ୍ରବାର ସକାଳେ ଏକ ଇଟା ବୋଝେଇ ହାଇୱା ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ତା ସହିତ ଗାଡ଼ିରେ ଥିବା ଅନ୍ୟ ୩ ଜଣ ଶ୍ରମିକ ଆହତ ହୋଇଛନ୍ତି। ମୃତ ଚାଳକ ସମ୍ବଲପୁର ଜିଲ୍ଲାର ରାଜକିଶୋର ଏକ୍କା (୪୧)।

ସୂଚନା ଅନୁଯାୟୀ, ଉକ୍ତ ହାଇୱାଟି ରେଙ୍ଗାଲି ଅଞ୍ଚଳରୁ ଫେଭର ବ୍ଲକ ଧରି ବଣାଇଁ ଉପଖଣ୍ଡ ଅନ୍ତର୍ଗତ ଚାନ୍ଦିପୋଷ ଗ୍ରାମକୁ ଯାଉଥିଲା। ତେବେ କୁଲକୁତା ଘାଟି ରାସ୍ତାରେ ହଠାତ୍ ଗାଡ଼ିଟି ଓଲଟି ପଡ଼ିଥିଲା। ଚାଳକ ଗାଡ଼ିରୁ ଡେଇଁ ପଡ଼ିଥିବା ବେଳେ ହାଇୱାଟି ତାଙ୍କ ଉପରେ ପଡ଼ିଥିଲା ଓ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ, ଗାଡ଼ିରେ ଥିବା ଅନ୍ୟ ୩ ଜଣ ଶ୍ରମିକ ମଧ୍ୟ ଦୁର୍ଘଟଣା ସମୟରେ ଗାଡ଼ିରୁ ଡେଇଁ ପଡ଼ି ବର୍ତ୍ତି ଯାଇଛନ୍ତି। ଟିକାୟତପାଲି ଥାନାର ଏସ୍‌ଆଇ ଦୀନବନ୍ଧୁ ପ୍ରଧାନଙ୍କ ସମେତ ପୁଲିସ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ।

## ଏମ୍‌ଏମ୍‌ଡିଆର୍ ବିଲ୍ ପ୍ରତ୍ୟାହାର ଦାବିରେ ଇଣ୍ଡି ମେଣ୍ଟର ବିକ୍ଷୋଭ

**କୋଇଡ଼ା, ୨୮।୮ (ସମିସ):** ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ-୨୦୨୬ ରଦ୍ଦ ସହିତ ୧୫ ଦଫା ଦାବି ନେଇ ଆଜି ଇଣ୍ଡି ମେଣ୍ଟ ରଣହୁଙ୍କାର ଦେଇଛି। ଖଣିଜ ସମ୍ପଦ କେବଳ ମାଟି ତଳେ ଥିବା ଧାତୁ କିମ୍ବା ଖଣିଜ ପଦାର୍ଥ ନୁହେଁ ବରଂ ଏହା ଏକ ରାଜ୍ୟର ପ୍ରାକୃତିକ ଐତିହ୍ୟ, ଜନସାଧାରଣଙ୍କ ସାମୂହିକ ସମ୍ପଦ ଏବଂ ଆଗାମୀ ପିଢ଼ିର ଅଧିକାର।

ରାଜ୍ୟମାନଙ୍କର ସାମ୍ବିଧାନିକ ଓ ଆର୍ଥିକ ଅଧିକାର, ଆଦିବାସୀ ଓ ଖଣି ପ୍ରଭାବିତ ଲୋକଙ୍କର ଅଧିକାର ଏବଂ ଜନସାଧାରଣଙ୍କ ପ୍ରାକୃତିକ ସମ୍ପଦ ଉପରେ ନ୍ୟାୟସଙ୍ଗତ ଅଧିକାରର ସୁରକ୍ଷା ସହ ଏମଏମଡିଆର ସଂଶୋଧନ ଆଇନ-୨୦୨୬କୁ ଏହାର ବର୍ତ୍ତମାନ ରୂପରେ ରଦ୍ଦ କରାଯାଉ ଏବଂ ପୁନର୍ବିଚାର ପାଇଁ ସଂସଦରେ ଆଲୋଚନା କରାଯାଉ ବୋଲି ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋଇଡା ଡିଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି।




ଓଡ଼ିଶାର ହକ୍ ଛଡାଇ ବର୍ଷକୁ ଲକ୍ଷ ଲକ୍ଷ କୋଟି ଟଙ୍କା ରାଜସ୍ୱ ହାନୀ ହେବାକୁ ଯାଉଛି। ଖଣି କ୍ଷେତ୍ରରେ ଏମଏମଡିଆର୍ ସଂଶୋଧନ ବିଲ୍ ପ୍ରତ୍ୟାହାର ଦାବି ସହ ୧୫ ଦଫା ଦାବି ନେଇ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜଗାଙ୍ଗପୁର ବିଧାୟକ ଡଂ ରାଜନ ଏକ୍କା, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ପିସିସି ଜିଲ୍ଲା ସଭାପତି ନିର୍ମଳ ନାୟକ, ପ୍ରଭାତ ପଣ୍ଡାଙ୍କ ନେତୃତ୍ୱରେ ବହୁ ନେତୃମଣ୍ଡଳୀ, ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମୀ ଆଜି ଶୋଭାଯାତ୍ରାରେ ଯାଇ କୋଇଡା ଡିଡିଏମ୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ସହ ବିଲ୍ ପ୍ରତ୍ୟାହାର ଦାବିରେ ଗର୍ଜିଥିଲେ ଓ ପ୍ରତ୍ୟାହାର ନ ହେବା ଯାଏଁ ଏ ସଂଗ୍ରାମ ଜାରି ରହିବ ବୋଲି ନେତୃମଣ୍ଡଳୀ କହିଥିଲେ।

## 'ଶ୍ରଦ୍ଧା'ରେ ରକ୍ଷାବନ୍ଧନ ଉତ୍ସବ

**ରାଉରକେଲା, ୨୮।୮ (ସମିସ):** ସେକ୍ଟର ୧୬ ସ୍ଥିତ ମାନସିକ ଭିନ୍ନକ୍ଷମଙ୍କ ନିମନ୍ତେ ପରିଚାଳିତ ଶ୍ରଦ୍ଧା ଅନୁଷ୍ଠାନରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଦୀର୍ଘ ମାସକ ପୂର୍ବରୁ ଶିକ୍ଷୟିତ୍ରୀ ମାନଙ୍କ ସହାୟତାରେ ନିଜ ହାତରେ ବିଭିନ୍ନ ପ୍ରକାରର ପ୍ରସ୍ତୁତ ରାକ୍ଷୀକୁ ସହପାଠୀ ତଥା ଶିକ୍ଷକ ଓ ଅତିଥିମାନଙ୍କ ହାତରେ ପୂଜାର୍ଚ୍ଚନା କରି ବନ୍ଧା ଯାଇଥିଲା। ଏହି ଉପଲକ୍ଷେ ରାକ୍ଷୀ ଓ ମିଷ୍ଟାନ୍ନ ପିଲାମାନଙ୍କୁ ବଣ୍ଟନ ସହ ମାନସିକ ଭିନ୍ନକ୍ଷମ ପିଲା ଏବଂ ଉପସ୍ଥିତ ଅଭିଭାବକ କମିଟି ସଦସ୍ୟମାନଙ୍କୁ ନିଶା ନିବାରଣ ପାଇଁ ଶପଥ ପାଠ କରାଇଥିଲେ। ପ୍ରୟାସ ଅନୁଷ୍ଠାନର ସମ୍ପାଦକ ଶ୍ରୀଧର ମଲ୍ଲିକ ଏବଂ ତାଙ୍କ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାର ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉତ୍ସାହିତ କରି ପିଲା ମାନଙ୍କୁ ଉପହାର ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟା ସଂଯୁକ୍ତା ରାଜଗୁରୁ ମହାପାତ୍ର, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ, କମିଟି ସଭ୍ୟ ସୁମନ୍ତ କୁମାର ସ୍ୱାଇଁ, ସର୍ବେଶ୍ୱର ମାନସିଂହ, ଶିକ୍ଷୟିତ୍ରୀ ଅଞ୍ଜଳି ମହାରଣା, ସୁଜାତା ରାଉତ, ଚନ୍ଦ୍ରିକା ପାଣ୍ଡବ, ଅର୍ଚ୍ଚନା ମିଞ୍ଜ୍, ଶ୍ୱେତା ଦଣ୍ଡସେନା, ସନ୍ତୋଷୀ କୁମ୍ଭାର, ସୁକୁମାର ପାଣ୍ଡବ, ଗଗନ ମହାନ୍ତି ଓ ଧୀରେନ୍ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## 'ଇଟ୍ ଟେକସ୍ ଏ ଟ୍ରାଇବ୍' ପୁସ୍ତକକୁ କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ପ୍ରଶଂସା

**ରାଉରକେଲା, ୨୮।୮ (ସମିସ):** ବିଶିଷ୍ଟ ଲେଖକ, ସାହିତ୍ୟିକ, ଟେଡ୍‌ଏକ୍ସ ବକ୍ତା ତଥା ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ପୂର୍ବତନ ସଞ୍ଚାର ମୁଖ୍ୟ ରମେନ୍ଦ୍ର କୁମାରଙ୍କ ଦ୍ୱାରା ଲିଖିତ 'ଇଟ୍ ଟେକସ୍ ଏ ଟ୍ରାଇବ୍: ୨୫ ଇନ୍‌ସ୍ପାୟରିଂ ଟ୍ରାଇବାଲ ଲିଡର୍ସ ଅଫ୍ ଇଣ୍ଡିଆ' ପୁସ୍ତକକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପ୍ରଶଂସା କରିଛନ୍ତି। ପୁସ୍ତକଟିକୁ ବିଏଲ୍‌ପିଏଲ୍‌ର ଅଧ୍ୟକ୍ଷ ତଥା ସେଫିର ପୂର୍ବତନ ଅଧ୍ୟକ୍ଷ ଡ. ବ୍ରହ୍ମା ମିଶ୍ର ଶ୍ରୀ ଓରାମଙ୍କୁ ପ୍ରଦାନ କରିଥିଲେ।



ପୁସ୍ତକଟିରେ ଲେଖକ ଶ୍ରୀ କୁମାର ଭାରତର ବିଭିନ୍ନ ୨୫ ଜଣ ବିଶିଷ୍ଟ ଆଦିବାସୀ ନେତାଙ୍କ ଭାରତର ସ୍ୱାଧୀନତା ସଂଗ୍ରାମରେ ନିସ୍ୱାର୍ଥପର ଦେଶ ପ୍ରେମ, ବଳିଦାନ ସହିତ କ୍ରୀଡ଼ା, ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରରେ ଅମୂଲ୍ୟ ଅବଦାନକୁ ପ୍ରତିଫଳନ କରିଛନ୍ତି। ହେଚେଟ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକରେ ଦେଶର ୨୫ ଜଣ ଆଦିବାସୀ ପୁରୁଷ ଓ ମହିଳାଙ୍କ ସଂଘର୍ଷମୟ ଜୀବନ ଓ ସଫଳତାକୁ ସ୍ଥାନ ଦିଆଯାଇଛି। ଏହା ମାଧ୍ୟମରେ ପାଠକମାନେ ଦେଶର ଏହି ଅନେକ ଅନାଲୋଚିତ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ ବୋଲି ଉଲ୍ଲେଖ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଉକ୍ତ ପୁସ୍ତକର ଆଲେଖ୍ୟକୁ ପ୍ରଶଂସା କରିଥିଲେ।

## ଠାକୁର ନିଗମାନନ୍ଦଙ୍କ ଜୟନ୍ତୀ ପାଳିତ

**ବଣାଇଁଗଡ଼, ୨୮।୮ (ସମିସ):** ପବିତ୍ର ଝୁଲଣ ପୂର୍ଣ୍ଣିମା ଅବସରରେ ନୀଳାଚଳ ସାରସ୍ୱତ ସଂଘ, ପୁରୀ ବଣାଇଁ ଶାଖା ସଂଘ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୧୪୭ ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଭୋର ୫ ଟାରୁ ଜାଗରଣ, ପ୍ରତୀକ୍ଷା ଗାନ ପରେ ଷୋଡଶ ଉପଚାର ପୂଜା, ଆରତୀ ପ୍ରାର୍ଥନା ବନ୍ଦନା ପରେ ୧୦. ୪୫ ରୁ ଆଲୋଚନା ସଭା, ଅପରାହ୍ନ ୩. ୩୦ରୁ ମହିଳା ସଭା ଏବଂ ସନ୍ଧ୍ୟା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳକ ଦୁର୍ଗାଚରଣ ମହାନ୍ତି, ସଭାପତି ଜଗବନ୍ଧୁ ଗହିର, ଉପ ସଭାପତି ହରିହର ଦଣ୍ଡିଆ, ସମ୍ପାଦକ ଚିନ୍ମୟ ତ୍ରିପାଠୀ, ସହ ସମ୍ପାଦକ ପରମାନନ୍ଦ ସାହୁ, କୋଷାଧ୍ୟକ୍ଷ ବିଜୟ ନନ୍ଦ, ମନୋଜ ତ୍ରିପାଠୀ, ବେଣୁଧର ପତିଙ୍କ ସମେତ ସମସ୍ତ ଭାଇ ଓ ମା'ମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ମୋବାଇଲ୍ ମେଡିକାଲ୍ ୟୁନିଟ୍ ଉଦ୍‌ଘାଟିତ




**ରାଉରକେଲା, ୨୮।୮ (ସମିସ):** ବାରସୁଆଁ, ତାଲଡିହ ଏବଂ କାଲଟା ଖଣି ଅଞ୍ଚଳର ସୁଦୂର ତଥା ପ୍ରାନ୍ତୀୟ ଗ୍ରାମଗୁଡ଼ିକରେ ରହୁଥିବା ଲୋକମାନଙ୍କ ନିକଟରେ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ସେଲ୍‌ଫ ର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ପକ୍ଷରୁ ଅଗଷ୍ଟ ୨୭ ତାରିଖରେ ଏକ ମୋବାଇଲ୍ ମେଡିକାଲ୍ ୟୁନିଟ୍‌ର ଶୁଭାରମ୍ଭ କରାଯାଇଛି।

ବାରସୁଆଁ ଆଇରନ୍ ମାଇନ୍ସ, ଟେନସାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଡାକ୍ତରମାନଙ୍କ ସହ ଆରଏସପିର ସିଏମଓ ଇନ୍-ଚାର୍ଜ (ଏମ ଆଣ୍ଡ ଏଚ.ଏସ) ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ମୁଖ୍ୟ ମହାପ୍ରବନ୍ଧକ (ବି.ଆଇ.ଏମ, ଟି.ଆଇ.ଏମ ଏବଂ କେ.ଆଇ.ଏମ) ଏଚ୍. ମିଶ୍ର, ମହାପ୍ରବନ୍ଧକ (ଏଚ.ଆର) ଏନ୍.ସି. ପଣ୍ଡାଙ୍କ ଉପସ୍ଥିତିରେ ନିର୍ବାହୀ ନିର୍ଦ୍ଦେଶକ (ମାଇନ୍ସ) ଏମ୍. ପି. ସିଂହ ଏହି ୟୁନିଟ୍‌କୁ ଉଦ୍‌ଘାଟନ କରିଥିଲେ।

### ଆର୍‌ଏସ୍‌ପିରେ ପ୍ଲାଣ୍ଟ ଲେଭଲ୍ କ୍ୱାଲିଟି ସର୍କଲ୍ ପ୍ରତିଯୋଗିତା ଉଦ୍‌ଯାପିତ

## ୩୧ଟି ଟିମ୍ ପ୍ରଦର୍ଶନ କଲେ ନବସୃଜନଶୀଳ କେସ୍‌ଷ୍ଟଡି

ରାଉରକେଲା, ୨୮।୮ (ସମିସ)

ରାଉରକେଲା ଇସ୍ପାତ କାରଖାନାର ବାର୍ଷିକ 'କ୍ୱାଲିଟି କନ୍‌ସେପ୍ଟ ମେଗା ଇଭେଣ୍ଟ - ପ୍ଲାଣ୍ଟ ଲେଭଲ୍ କ୍ୱାଲିଟି ସର୍କଲ୍ ପ୍ରତିଯୋଗିତା ୨୦୨୬' ଉଦ୍‌ଯାପିତ ହୋଇଯାଇଛି। ଗୋପବନ୍ଧୁ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବି.ଆର୍. ପାଲାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚରେ ମୁଖ୍ୟ ମହାପ୍ରବନ୍ଧକ (ଇନ୍-ଚାର୍ଜ, ସର୍ଭିସେସ୍) ଏ.ସି. ସରକାର ଏବଂ ମୁଖ୍ୟ ମହାପ୍ରବନ୍ଧକ (ଇନ୍-ଚାର୍ଜ, ମେଣ୍ଟେନାନ୍ସ) ଏସ. ରାୟଚୌଧୁରୀଙ୍କ ସହ ମହାପ୍ରବନ୍ଧକ (ଇନ୍-ଚାର୍ଜ, କ୍ୱାଲିଟି) ଆର.ଏସ. ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ନିଜର ଅଭିଭାଷଣରେ ଶ୍ରୀ ପାଲାଇ ବିଜୟୀ ଟିମ୍‌ଗୁଡ଼ିକୁ ଶୁଭେଚ୍ଛା ଜଣାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ କ୍ୱାଲିଟି ସର୍କଲଗୁଡ଼ିକ ନିରନ୍ତର ସୁଧାର ପାଇଁ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟନ୍ତି, ଯାହା ଗୁଣବତ୍ତାର ବିକାଶକୁ, ସୁରକ୍ଷା, ଖର୍ଚ୍ଚ ହ୍ରାସ ଏବଂ ଗ୍ରାହକ ସନ୍ତୋଷ ସହ ଯୋଡ଼ିଥାଏ।

ପରେ ମୁଖ୍ୟ ଅତିଥି ବିଜୟୀ ଟିମ୍‌ଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ ଏବଂ ପ୍ରତିଯୋଗିତାର ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଏହି ଦିବସବ୍ୟାପୀ ପ୍ରତିଯୋଗିତାରେ ବିଭିନ୍ନ ବିଭାଗରୁ ମୋଟ ୩୧ଟି କ୍ୱାଲିଟି ସର୍କଲ ଏବଂ ଆନୁଷଙ୍ଗିକ-କନ୍‌ସେପ୍ଟ ଦଳ ଅଂଶଗ୍ରହଣ କରିଥିଲେ। ସେମାନଙ୍କର କେସ୍ ଷ୍ଟଡିଗୁଡ଼ିକ ଚାରୋଟି ସମାନ୍ତରାଳ ଅଧିବେଶନରେ ଉପସ୍ଥାପିତ ହୋଇଥିଲା, ଯେଉଁଥିରେ ଉତ୍ପାଦନଶୀଳତା, ପ୍ରକ୍ରିୟା ସ୍ଥିରତା, ବର୍ଜ୍ୟବସ୍ତୁ ହ୍ରାସ ଏବଂ କାର୍ଯ୍ୟସ୍ଥଳ ସୁରକ୍ଷାରେ ସୁଧାର ପ୍ରଦର୍ଶିତ ହୋଇଥିଲା। ଏହି ପ୍ଲାଣ୍ଟ-ଲେଭଲ୍ ଇଭେଣ୍ଟରୁ ମନୋନୀତ ଟିମ୍‌ଗୁଡ଼ିକ ସେପ୍ଟେମ୍ବର ଶେଷ ସପ୍ତାହରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଚାପ୍ଟର କନଭେନ୍ସନ୍‌ରେ ଆରଏସପି ପ୍ରତିନିଧିତ୍ୱ କରିବେ। କ୍ୱାଲିଟି ସର୍କଲ ସଦସ୍ୟମାନଙ୍କ ମଧ୍ୟରେ ଏକ ଜ୍ଞାନ ପରୀକ୍ଷା କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

ଆର.ଏସ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ।



ଆରସିଏଲ୍‌ର ମହାପ୍ରବନ୍ଧକ ତଥା ଆରଏସପିର କ୍ୱାଲିଟି ସର୍କଲ ସଂଯୋଜକ ଆର. କିରଣ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍.ପି.ଏମ୍. ର ବରିଷ୍ଠ ପ୍ରବନ୍ଧକ ମିସ୍ ଖୁସବୁ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହା ପୂର୍ବରୁ, ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ଜଣେ ପ୍ରତିଯୋଗୀ ସୁଶ୍ରୀ ପାୟଲ ସରକାର ଏବଂ ବିଚାରକ ମଣ୍ଡଳୀର ଅନ୍ୟତମ ସଦସ୍ୟା ଅନିନ୍ଦିତା ମହାପାତ୍ର ପ୍ରତିଯୋଗିତାରେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ।

## ବାଲିଯୋରି ବିଦ୍ୟାଳୟରେ ଚାରାରୋପଣ



କନ୍ଧମାଳ,୨୮ ।୮ (ସମିସ): ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ବାଲିଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଦ୍ଧବ ମହାଳିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ସମ୍ମାନିତ ଅତିଥି ଭାବେ ଏବିଇଓ ନୀଳମଣି ପଣ୍ଡା, ବରପଦର ବନପାଳ ଅଶୋକ ପ୍ରଧାନ, ସିଆରସିସି ହୃଦାନନ୍ଦ ଦନ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱାଧୀନ ବଘାର, ବନରକ୍ଷୀ ଜିତୁରାଣୀ ସାହୁ, ସାମ୍ବାଦିକ ରଞ୍ଜନ ପାତ୍ର, ଦେବାଶିଷ ମଲିକ ଯୋଗ ଦେଇଥିଲେ। ଶିକ୍ଷକ ନରେନ୍ଦ୍ର ମହାଳିକ, ସମ୍ବିତ ପ୍ରଧାନ, ସୁରେଶ ନାଏକ, ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରଧାନ, ଅଶ୍ୱିନୀ ପ୍ରଧାନ, ଖଗେଶ୍ୱର ଭୋଇ, ଅଜିତ ବାଘଙ୍କ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ଫଳ, ଫୁଲ ଓ ଔଷଧୀୟ ଚାରା ରୋପଣ କରିଥିଲେ। ଏହି ଅବସରରେ ବୃକ୍ଷର ଗୁରୁତ୍ୱ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀ ରୋପିତ ଚାରାଗୁଡ଼ିକର ନିୟମିତ ଯତ୍ନ ନେବା ଓ ବୃକ୍ଷ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଶେଷରେ ସମ୍ବିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସ ପାଳିତ




ଦେବଗଡ,୨୮ ।୮ (ସମିସ): ସ୍ଥାନୀୟ ଇନଡ଼ୋର ଷ୍ଟାଡିୟମରେ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡା ବିଭାଗ ଓ କ୍ରୀଡ଼ା ସଂଘ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ହେମନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା କ୍ରୀଡା ସଂଘ ଉପ ସଭାପତି ସତ୍ୟନାରାୟଣ ମିଶ୍ର, ବରିଷ୍ଠ କ୍ରୀଡ଼ାବିତ ହେମନ୍ତ ମହାପାତ୍ର, ଜାତୀୟ ହକି ଖେଳାଳି ୱିଲସନ ମିଞ୍ଜ, ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ଧୀରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭାସଚନ୍ଦ୍ର ମିଶ୍ର, ସୁଧୀର ଦାସ, ଡିଲେଶ୍ୱର ପ୍ରଧାନ, ଡିଲେଶ୍ୱର ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ଏମ୍‌ଡି ନସିର ଖାନ୍, ପଦ୍ମିନୀ ମହାପାତ୍ର, ମାର୍କଣ୍ଡେଶ୍ୱର ଶତପଥୀ, ଲୁଥାର ଟପ୍ପୋ, ସୁବାସ ଚନ୍ଦ୍ର ଭୋଇ, ପ୍ରଦୀପ ବେହେରା, କିଶୋର ରାୟ, ଦୀପକ ଏକ୍କା, ବେଲାସ ଏକ୍କାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ୍ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ସ୍ୱତନ୍ତ୍ର କାରାଗାରରେ ରାକ୍ଷୀ ପୂର୍ଣ୍ଣମୀ



ଦେବଗଡ଼, ୨୮ ।୮ (ସମିସ): ଦେବଗଡ଼ ସ୍ୱତନ୍ତ୍ର ଉପ କାରାଗାର ପରିସରରେ ଆଜି ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନ ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ପର୍ବ ପାଳିତ ହୋଇଯାଇଛି। କାରା ନିରୀକ୍ଷିକା ସସ୍ମିତା ଅଞ୍ଜନା ଲାକ୍ରାଙ୍କ ତତ୍ତ୍ୱାବଧାନରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭାତୃ ଓ ଭଗିନୀମାନେ କାରାଗାରରେ ବନ୍ଦୀ ଅନ୍ତେବାସୀଙ୍କ ହାତରେ ରକ୍ଷାସୂତ ବାନ୍ଧିଥିଲେ।

## ୧୭ତମ ବିଶାଳ ଭଣ୍ଡାରା ଉଦ୍‌ଯାପିତ



ବଲାଙ୍ଗିର,୨୮ ।୮ (ସମିସ): ବଲାଙ୍ଗିର ସଦର ବ୍ଲକ୍ ବାରପୁଡୁଗିଆ ଖେଳ ପଡିଆରେ ବାବା ବର୍ଫାନୀ ସେବା ମଣ୍ଡଳ ବଲାଙ୍ଗିର ତରଫରୁ କାଉଡିଆଙ୍କ ସେବାରେ ୧୭ତମ ବିଶାଳ ଭଣ୍ଡାରା ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୫ହଜାରରୁ ଅଧିକ ଭକ୍ତଙ୍କ ସେବା କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ପଞ୍ଚମ ଅନୁଷ୍ଠାନ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ସୌମେନ୍ଦ୍ର ପରିଛା, ଆକାଶ ମିଶ୍ର, ସୀତାରାମ ମେହେର, କମଲ କିଶୋର ଅଗ୍ରୱାଲ, ମୁନ୍ନାଲାଲ ଅଗ୍ରୱାଲ, ଭାବେଶ ପଟେଲ, ପ୍ରଶାନ୍ତ ବିଶ୍ୱାଲ, ରାହୁଲ ସାହୁ, ବିକାଶ ବନ୍‌ସଲ, ସୁରେନ୍ଦ୍ର ସିଂ, ଲୋକନାଥ ମିଶ୍ର, ସୁଭାଷ ଅଗ୍ରୱାଲ, ଦର୍ଶନ ଭମର, ସନ୍ଦୀପ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ରାଜେନ୍ଦ୍ର ପରମାର, ପୁରୁଷୋତ୍ତମ ଅଗ୍ରୱାଲ, ଦେବଦତ୍ତମିଶ୍ର, ସୀମାଞ୍ଚଳ ପଣ୍ଡା, ମନୋଜ କେଜ୍ରିୱାଲ, ସନ୍ଦୀପ ଗୋବିନ୍ଦ ପଦାନ, ସୁରଜ ବେହେରା, ବିନିତ ଜିନ୍ଦଲ, ଗୋପାଳ ମିଶ୍ର, ଶ୍ୟାମଲ ଅଗ୍ରୱାଲ, ମେହୁଲ ପଟେଲ, ବିକାଶ ଅଗ୍ରୱାଲ, ପ୍ରସନ୍ନ ଗିରି, ସୁରେଶ ମେହେର, ଆଶିଷ ସାହୁ, ପ୍ରଭୁଦତ୍ତ ନାଏକ, ଶିନୁ ସୁନ୍ଦର ପାଢୀ, ସୁଦାର୍ଥୀ ପଟେଲ, ସୁଶାନ୍ତ ପୁରୋହିତ, ସଂଜୟ ଚନ୍ଦନ, ନରୋତ୍ତମ ପଟେଲ, ସୌମ୍ୟ ରଂଜନ ସାହୁ, ଜୟକୃଷ୍ଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଗଙ୍ଗାଧର ମେହେରଙ୍କ ସାହିତ୍ୟ ସର୍ଜନା ଅନନ୍ୟ

ବଲାଙ୍ଗିର,୨୮ ।୮ (ସମିସ)





ଭୁଲିଆ ମେହେର ସମାଜ କେନ୍ଦ୍ରୀୟ ବୋର୍ଡ ଆନୁକୂଲ୍ୟରେ ମେହେର ସମାଜର ଧର୍ମଶାଳାଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ତମ ଜୟନ୍ତୀ ପାଳନ କରାଯାଇଛି। ଗଙ୍ଗାଧର ମେହେରଙ୍କ ସାହିତ୍ୟ ସର୍ଜନା ଅନନ୍ୟ। ତାଙ୍କ ସାହିତ୍ୟର ତୁଳନା ନାହିଁ। ସେଭଳି ସାହିତ୍ୟ ଆଉ ଦ୍ୱିତୀୟ ଥର ସୃଷ୍ଟି କରା ଯାଇ ନ ପାରେ। ଗଙ୍ଗାଧର ମେହେରଙ୍କ ସାହିତ୍ୟ ଅତି ଉଚ୍ଚ ମାନର ବୋଲି ଏଥିରେ ମତ ପ୍ରକାଶ ପାଇଛି। ବୋର୍ଡର ସଭାପତି ଡ. ଲମ୍ବୋଦର ମେହେର, କାର୍ଯ୍ୟକାରୀ ସଭାପତି ନିମାଇ ଚରଣ ମେହେର, ଉପଦେଷ୍ଟା ଅମର ସିଂ ମେହେର, ସଂପାଦକ ବାସୁଦେବ ମେହେର, ସହ-ସଂପାଦକ ନବୀନ ମେହେର, ଶଶାଙ୍କ ଶେଖର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ମକରଧ୍ୱଜ ମେହେର, ଦୁଷ୍ମନ୍ତ ମେହେର, ସୂର୍ଯ୍ୟମଣି ମେହେର, ଲକ୍ଷ୍ମୀ ମେହେର, ମନମୋହନ ମେହେର, ରମାକାନ୍ତ ମେହେର, ଆହ୍ଲାଦିନୀ ମେହେର, ତପ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**କଣ୍ଟାବାଞ୍ଜି:** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ଆନୁକୂଲ୍ୟରେ ସ୍ଥାନୀୟ ପବିତ୍ର କ୍ଲାସେସ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିକେ ଉର୍ମିଳା ମୁଖ୍ୟ ଅତିଥି, ଡ.ନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ସଭା ପରିଚାଳନା କରିଥିବାବେଳେ ଉପ ସଭାପତି ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଭ୍ୟ ବିଭୁଦତ୍ତ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଆଦିତ୍ୟ ବାଗ, କନିକା ଧରୁଆ, ଅମନ ସାମଲ ଓ ପ୍ରବନ୍ଧ ଲିଖନରେ ପ୍ରହ୍ଲାଦ ପୁଟେଲ, ହଂସିକା ପୁଟେଲ, ନୀନା କୁଅଁରଙ୍କୁ ପ୍ରମାଣପତ୍ର ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ଏହି ସଭାରେ ନରେନ୍ଦ୍ର ସୁନା, କୈଳାସ ଦୀପ, ଥମିର ଛତ୍ରିଆ, ହେରମ୍ବ ବାଗ, କିଶୋର ବରିହା, ପବିତ୍ର ରଣା, ସବିତା ରଣା, ବିରଞ୍ଚି ଖର୍ସେଲ, ଅନନ୍ତ ଚରଣ ଖମାରୀ, ଗଣପତି ବେହେରା, ଦୀନବନ୍ଧୁ ବର୍ଗର୍ତ୍ତୀ, ମହିମା ପ୍ରସାଦ ରଣା, ମମତା ପଣ୍ଡା ଯୋଗ ଦେଇଥିଲେ।

**ମନମୁଣ୍ଡା:** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଭୁଲିଆ ସମାଜ ପକ୍ଷରୁ ଆଜି ସ୍ଥାନୀୟ ଶ୍ରୀ ଭଗବତ ମନ୍ଦିର ପ୍ରାଙ୍ଗଣରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ କରାଯାଇଛି।

## ନୀଳକଣ୍ଠେଶ୍ୱର ବାବାଙ୍କ ବରଫାନି ବେଶ



ତରଭା,୨୮ ।୮ (ସମିସ): ଶ୍ରାବଣ ପୂର୍ଣ୍ଣିମା ଅବସରରେ ତରଭା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀ ନୀଳକଣ୍ଠେଶ୍ୱର ବାବାଙ୍କ ବରଫାନି ବେଶ ଦର୍ଶନ ପାଇଁ ଶୁକ୍ରବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବାବାଙ୍କ ବରଫାନି ବେଶ ନୀତିକାନ୍ତି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମୁଖ୍ୟ କବାଟ ଖୋଲା ଯାଇଥିଲା। ଠେଲାକୋମୁଣ୍ଡା ପଞ୍ଚମୁଖୀ ହନୁମାନ ମନ୍ଦିର ବାବା ଅଭିମନ୍ୟୁ ଗିରି, ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ଗୁଞ୍ଜୁରୁ ଗୁରୁ, ସନ୍ତୋଷ ସାହୁ ମନ୍ଦିର ପୂଜକ ଜନାର୍ଦ୍ଦନ ଥାନାପତିଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଶ୍ରୀ ନୀଳକଣ୍ଠେଶ୍ୱର ବାବାଙ୍କୁ ବରଫାନି ବେଶରେ ସଜ୍ଜିତ କରାଯାଇଥିଲା। ବାବାଙ୍କ ବରଫାନି ବେଶ ଦର୍ଶନ ନୀତି ଆରମ୍ଭ ହେବା ପରେ ଭକ୍ତଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ମନ୍ଦିର ପୂଜକ କୁଳମଣି ଥାନାପତି, ଆଭାସ ଥାନାପତି,ଆକାଶ ଥାନାପତି, ଟିକେଶ୍ୱର ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇ ଥିଲେ। ନୀତି ନିର୍ଦ୍ଧାରିତ ସମୟରେ ବାବାଙ୍କଠାରେ ଛପନ ଭୋଗ ଅର୍ପଣ (ଲାଗି) ହୋଇଥିଲା। ବାବାଙ୍କ ବରଫାନି ବେଶ ନୀତିକାନ୍ତିରେ କର୍ତ୍ତା ଭାବେ ମୁନ୍ନା ସାହୁ ଓ ସିମ୍ମିତା ସାହୁ ଦାୟିତ୍ୱ ତୁଲାଇ ଥିଲେ। ପୂଜାକାର୍ଯ୍ୟରେ କିଶୋର ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ଭଜନ ସଂସଦ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଗଗନ ଅଗ୍ରୱାଲ, ସମ୍ପାଦକ ସତୀଶ ସାହୁ, ବିଘ୍ନ ରାଜ ନାଏକ, ଭାରତ ଶର୍ମା, ଶଙ୍କର ସାହୁ, ବିମଳ ମହାଣାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଫୁଲକିମୁଣ୍ଡାରେ ହ୍ୟାଣ୍ଡବଲ୍ ଚୟନ ଶିବିର



ଖପ୍ରାଖୋଲ,୨୮ ।୮ (ସମିସ): ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ହ୍ୟାଣ୍ଡବଲ୍ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ସମ୍ମାନିତ ଅତିଥି ରୁପେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ବିଧାୟକ ପ୍ରତିନିଧି ପଦ୍ମନ କୁମାର ସିଂ ବରିହା ,ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିନିକେତନ ବରିହା ଯୋଗ ଦେଇଥିଲେ। ଏହି ଚୟନ ଶିବିରରେ ଖପ୍ରାଖୋଲ ବ୍ଲକର ୪ଟି ଜୋନରୁ ମୋଟ ୮୦ ଜଣ ପ୍ରତିଯୋଗୀ ଯୋଗଦେଇ ନିଜ କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ। ଖେଳାଳିମାନଙ୍କ ଶାରୀରିକ ଦକ୍ଷତା, ଖେଳ କୌଶଳ ଓ ପ୍ରଦର୍ଶନକୁ ଆଧାର କରି ୨୦ ଜଣଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ଚୟନ ପ୍ରକ୍ରିୟା ସମୟରେ ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇଶପାଲ ସୁନା ଓ ସ୍ପୋର୍ଟ୍ସ ଆସୋସିଏସନର ସମ୍ପାଦକ ରଜତ ଦାସ ଖେଳାଳିମାନଙ୍କୁ ଖେଳର ନିୟମ ଓ କୌଶଳ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସଫେଇ କର୍ମଚାରୀଙ୍କୁ ନେଇ 'ସୁରକ୍ଷାର ସାକ୍ଷୀ ରାକ୍ଷୀ' କାର୍ଯ୍ୟକ୍ରମ

ବଲାଙ୍ଗିର,୨୮ ।୮ (ସମିସ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ପୌରପରିଷଦ ପକ୍ଷରୁ ସଫେଇ କର୍ମଚାରୀଙ୍କ ସହ ଏକ ନିଆରା ଏବଂ ଭାବପୂର୍ଣ୍ଣ କାର୍ଯ୍ୟକ୍ରମ 'ସୁରକ୍ଷାର ସାକ୍ଷୀ ରାକ୍ଷୀ' ରାଜେନ୍ଦ୍ର ପାର୍କଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫେଇ କର୍ମଚାରୀଙ୍କ ସହ ରାକ୍ଷୀ ପର୍ବ ପାଳନ କରିଥିଲେ। ଏହି ଅବସରରେ ସଫେଇ କର୍ମଚାରୀ ଜିଲ୍ଲାପାଳଙ୍କୁ ରାକ୍ଷୀ ବାନ୍ଧି କାର୍ଯ୍ୟକ୍ରମକୁ ଅଧିକ ଆନନ୍ଦମୟ ଓ ସ୍ମରଣୀୟ କରିଥିଲା। ଏଥିରେ ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ସାଂସଦଙ୍କ ପ୍ରତିନିଧି ପଙ୍କଜିନୀ ପଣ୍ଡା, ଜିଲ୍ଲା ସୂଚନା ଅଧିକାରୀ ରାଜେନ୍ଦ୍ର ମାଝୀ, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, ପୌରପରିଷଦର ସମସ୍ତ ସଦସ୍ୟଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ସହରକୁ ପରିଷ୍କାର, ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ସଫେଇ କର୍ମଚାରୀମାନେ ପ୍ରତିଦିନ ନିଷ୍ଠା ଓ ସମର୍ପଣର ସହ ନିଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେମାନଙ୍କ ଏହି ନିରବ ଓ ନିଷ୍ଠାପର ସେବା ପ୍ରତି ସମ୍ମାନ, ସ୍ନେହ ଓ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ପୌର ପରିଷଦ ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଥିଲା।




## ଧବଳେଶ୍ୱରଙ୍କ ପୁଷ୍ପ ଶୃଙ୍ଗାର



ବଲାଙ୍ଗିର,୨୮ ।୮ (ସମିସ): ବଲାଙ୍ଗିର ସହର ନିକଟସ୍ଥ କଅଗାଁର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ଶ୍ରାବଣ ପୂର୍ଣ୍ଣମୀ ତିଥିରେ ପୁଷ୍ପ ଶୃଙ୍ଗାର କରାଯାଇଛି। ହେମନ୍ତ ଥନାପତି, ବିରୂପାକ୍ଷ ଥନାପତି, ଗୋପାଳ ଥନାପତି, ବିଘ୍ନରାଜ ଥନାପତି, ନରସିଂହ ଥନାପତି, ପର୍ଶୁରାମ ଥନାପତି, ଦିଲୀପ ଥନାପତି, ଶାନ୍ତନୁ ଥନାପତି, ଶେଖର ଥନାପତି, ବଳରାମ ଥନାପତି, ଜୟରାମ ଥନାପତି, ରଂଜନ ଥନାପତି, ଲିଟୁ ଥନାପତି, ସୋହମ ଥନାପତି, ଭିକାରୀ ଥନାପତି, ବିଭୁ ଥନାପତି, ବାବଲୁ ଥନାପତି, ଗଣନାଥ ଥନାପତି, ସଚ୍ଚିଦା ଥନାପତି, ସୋନୁ ଥନାପତି, ମୁକେଶ ଥନାପତି, ହୃଷିକେଶ ଥନାପତି, ରିଙ୍କୁ ଥନାପତି, ପପୁନ ଥନାପତି, ଜ୍ୟୋତି ରଂଜନ ଥନାପତି, ଜଗଦୀଶ ଥନାପତି, ଦୀପକ ଥନାପତି, ଅଶ୍ୱିନୀ ଥନାପତି, ବିଶ୍ୱାମିତ୍ର ଥନାପତି, ଆନନ୍ଦ ଥନାପତି ଓ ବରିଷ୍ଠ ଆଇନଜୀବୀ ତଥା ସେବାୟତ ରାମାନନ୍ଦ ଥନାପତି ବିଭିନ୍ନ ସେବାପୂଜା କରିଥିଲେ।

## ତେନ୍ତୁଳିଖୁଣ୍ଟି ଆରୋଗ୍ୟ ମନ୍ଦିରରୁ ଚୋରି ଘଟଣାରେ ୨ ଗିରଫ





ତୁରେକେଲା,୨୮ ।୮ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ପୁଲିସ ତେନ୍ତୁଳିଖୁଣ୍ଟି ଗାଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ହସ୍ପିଟାଲ)ରୁ ଚୋରି ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ତୁରେକେଲା ଥାନା ତେନ୍ତୁଳିଖୁଣ୍ଟି ଗାଁର କୀର୍ତ୍ତନ ମାଝୀ (୨୦) ଓ ଗଡଗଡବାହାଲ ଚୁମନ ପୁଟା (୩୭)। ଗତ ୨୫ ତାରିଖ ରାତିରେ ଏମାନେ ହସ୍ପିଟାଲର ତାଲା ଭାଙ୍ଗି ଭିତରେ ପଶିଥିଲେ। ସେଠାରୁ ଗୋଟିଏ, ଇନଭର୍ଟର ବ୍ୟାଟେରୀ ଏବଂ ୪ଟି ଇଲେକ୍ଟ୍ରିକ ବଲ୍ ଚୋରି କରି ନେଇଥିଲେ। ଏ ନେଇ ୨୭ ତାରିଖରେ ତୁରେକେଲା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେମାନଙ୍କ ନିକଟରୁ ଚୋରି ହୋଇଥିବା ଇନଭର୍ଟର, ବ୍ୟାଟେରୀ ଏବଂ ଚୋରିରେ ବ୍ୟବହୃତ ଅସ୍ତ୍ର, ଗୋଟିଏ କରତ ଜବତ ହୋଇଛି ବୋଲି ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି।

## ବିଳମ୍ବରେ ସ୍କୁଲ ପହଞ୍ଚିବାରୁ ୨ ଶିକ୍ଷକ ନିଲମ୍ବିତ

ବଲାଙ୍ଗିର,୨୮ ।୯ (ସମିସ): ସ୍କୁଲରେ ବିଳମ୍ବରେ ପହଞ୍ଚିବା ଅଭିଯୋଗରେ ବଲାଙ୍ଗିର ଜିଲ୍ଲାରେ ୨ ଜଣ ପ୍ରାଥମିକ ସ୍କୁଲ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହୋଇଥିବା ଏହି ଦୁଇ ଶିକ୍ଷକ ହେଉଛନ୍ତି ବଲାଙ୍ଗିର ସଦର ବ୍ଲକ୍ ଦୁଡୁକାଶିରା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଷ୍ଣୁଚରଣ ସାହୁ ଓ ରେଣୁକା ମାଝୀ। ନିକଟରେ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ହଠାତ୍ ଏହି ବିଦ୍ୟାଳୟକୁ ପରିଦର୍ଶନ ଯାଇଥିଲେ। ଏହି ସମୟରେ ବିଦ୍ୟାଳୟରେ ଉଭୟ ଶିକ୍ଷକ ଉପସ୍ଥିତ ନ ଥିଲେ। ଉଭୟ ୧୦ଟା ୧୫ରେ ପହଞ୍ଚିଥିଲେ। ଏହାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ବଲାଙ୍ଗିର ସଦର ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ରିପୋର୍ଟ ମାଗିଥିଲେ। ତଦନ୍ତ ପରେ ଅଭିଯୋଗର ସତ୍ୟତା ନେଇ ରିପୋର୍ଟ ଦିଆଯାଇଥିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉଭୟ ଶିକ୍ଷକଙ୍କୁ ବ୍ଲକ୍ ଶିକ୍ଷା ଅଧିକାରୀ ଦିଲୀପ ଯୋଷୀ ନିଲମ୍ବିତ କରିଛନ୍ତି। ତେବେ ଏହି କାର୍ଯ୍ୟାନୁଷ୍ଠାନ ପରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ନ ହେବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟ ଦୁଇ ଜଣ ଶିକ୍ଷକଙ୍କୁ ଡେପୁଟେସନରେ ନିୟୋଜିତ କରାଯାଇଛି।

## ନିଟ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଖପ୍ରାଖୋଲ,୨୮ ।୮ (ସମିସ): ଚଳିତ ବର୍ଷର ଜାତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଆଦିବାସୀ ସମ୍ପ୍ରଦାୟର ଛାତ୍ର ମାନସ ବାଗ ଓ ଛାତ୍ରୀ ମଧୁସ୍ମିତା ମାଝୀ ସଫଳତା ହାସଲ କରିଛନ୍ତି। ଉଭୟଙ୍କୁ ଆଦିବାସୀ ସଂଘ ତରଫରୁ ତେଲେନପାଲି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାଗୃହଠାରେ ସମ୍ବର୍ଦ୍ଧିତ କରାଯାଇଅଛି। କୁସ ମାଝୀ, ଚୌବନ ମାଝୀ, ବିପ୍ର ବିଶି, ଟିକେଶ୍ୱର୍ ଧରୁଆ, ନାରାୟଣ କିଷାନ୍, ସତ୍ୟଭାମା ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଲାପ ବିଶି ମଞ୍ଚ ପରିଚାଳନା କରିଥିବାବେଳେ ତୀର୍ଥ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଶଶିକାନ୍ତ ବିଶି, ଲଛମନ ପୂଝାରୀ, ଅନ୍ତର୍ଯ୍ୟାମୀ ମାଝୀ, ହେମକନ୍ତି ନାଏକ, ବିଶାଖା ନାଏକ, ପ୍ରଶାନ୍ତ ମାଝୀ, ଡମରୁଧର ନାଗ, ତୁଳସୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ








ଝାରସୁଗୁଡ଼ା,୨୮ ।୮ (ସମିସ)

'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି। ବେହେରାମାଲସ୍ଥିତ ଏମ୍‌ସିଏଲ୍ ଅଡିଟୋରିୟମରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ମୋଟ ୧,୩୦,୨୨୪ ଜଣ ଯୋଗ୍ୟ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୬୫ କୋଟି ୧୧ ଲକ୍ଷ ୨୦ ହଜାର ଟଙ୍କା ଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ପ୍ରମୋଦ ସେନାପତି, ସୁନୀଲ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭିକ୍ଟୋରିଆ ଏକ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

**ଦେବଗଡ଼:** ଦେବଗଡ଼ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପେକ୍ଷାଳୟରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାର ୮୦ ହଜାର ,୨ ଶହ ୭୬ ଜଣ ମହିଳାଙ୍କୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅର୍ଥ ପ୍ରଦାନ କରାଯାଇଥିଲା। ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶିଶିର ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ଅର୍ଥ ବିଭାଗ କାର୍ଯ୍ୟକ୍ରମ ପରିଚାଳକ ଆଶିଷ ରଞ୍ଜନ ବାରିକ, ଜିଲ୍ଲା ଇ- ପ୍ରଶାସନର ପରିଚାଳକ ବିକାଶ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ତରଭା:** ସୋନପୁର ନୂତନ ଟାଉନ ହଲଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂଦେଓ, ଜିଲ୍ଲାପାଳ ଡ. ନୃପରାଜ ସାହୁ, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ (ସୋନପୁର) ଡ. ସୌମ୍ୟରୂପା ରଥ, ନଳିନୀ ପଣ୍ଡା ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଜିଲ୍ଲାର ୧, ୪୩,୯୫୪. ମହିଳାଙ୍କୁ ୭୧ କୋଟି ୯୭ ଲକ୍ଷ ୭୦ ହଜାର ଟଙ୍କା ସୁଭଦ୍ରାର ପଞ୍ଚମ କିସ୍ତିରେ ମିଳିଛି। ମଞ୍ଜୁଶ୍ରୀ ବାରିକ ସଂଯୋଜନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳେ ଦ୍ୱନ୍ଦ୍ୱ ମୋ ମନକୁ ବିଦୀର୍ଣ୍ଣ କରେ, ହତାଶା ବିଷଣ୍ଣ କରେ, ଦିଗବଳୟରୁ ଆଶାର କିରଣ ଅସ୍ତ ହୋଇଯାଏ, ସେତେବେଳେ ମୁଁ ଭଗବତ୍ ଗୀତାର ବାଣୀକୁ ସ୍ମରଣ କରି ସ୍ଥିତପ୍ରଜ୍ଞ ହୋଇଯାଏ।

-ମହାତ୍ମା ଗାନ୍ଧୀ

## ପର୍ବତର ବାର୍ତ୍ତା

ନେପାଳରେ ବନ୍ୟା ବିଭୀଷିକାରେ ଏ ପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୫୦୦ ଟପିଥିବା ବେଳେ ନିଖୋଜଙ୍କ ସଂଖ୍ୟା ଆକଳନ କରାଯାଇପାରିନାହିଁ। ଏହା କୌଣସି ବାଦଲଫଟା ବର୍ଷା ଜନିତ ବନ୍ୟା ନଥିଲା। ଉପରମୁଣ୍ଡରେ ତିବ୍ବତରେ ଆକସ୍ମିକ ଭୂସ୍ଖଳନ ଓ ଗ୍ଲେସିୟର ତରଳିବା କାରଣରୁ ଅଚାନକ ବନ୍ୟା ଆସିଥିଲା, ଯାହାର କରୁଣ ପରିଣତି ନେପାଳବାସୀ ଭୋଗୁଛନ୍ତି ଏବଂ ବିଶ୍ୱବାସୀ ଦେଖୁଛନ୍ତି। ଏହି ସମ୍ପୂର୍ଣ୍ଣ ଘଟଣାରେ ଗ୍ଲେସିୟରର ଅସ୍ୱାଭାବିକ ବିପ୍ଳାତକୁ ଖଳନାୟକ ଭାବେ ଦର୍ଶାଯାଉଥିଲେ ହେଁ ବାସ୍ତବ ଖଳକାରକମାନ ହେଉଛି ମଣିଷର ଅନିୟନ୍ତ୍ରିତ ମାତ୍ରାଧିକ ପରିବେଶ ଓ ପ୍ରକୃତି ବିରୋଧୀ କାର୍ଯ୍ୟକଳାପ। ନେପାଳର ଏହି ପ୍ରାକୃତିକ ଅଘଟଣ ଭାରତ ପାଇଁ ମଧ୍ୟ ଚେତାବନୀ ଆଣିଦେଇଛି।

ହିମାଳୟ ପାର୍ବତ୍ୟାଞ୍ଚଳ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାକୃତିକ ବିପର୍ଯ୍ୟୟ କ୍ରମାଗତ ଭାବେ ଘଟିଚାଲିଥିଲେ ହେଁ ସରକାରୀ ତତ୍ପରତା କେବଳ ବିପର୍ଯ୍ୟୟ ପ୍ରଶମନ ଟିମ୍ ପ୍ରେରଣ, ବିପର୍ଯ୍ୟସ୍ତଙ୍କୁ ଉଦ୍ଧାର ଏବଂ କ୍ଷୟକ୍ଷତିର ପୁନରୁଦ୍ଧାରରେ ସୀମିତ ରହିଯାଇଛି। ଯଦି ବିପର୍ଯ୍ୟୟର କାରଣଗୁଡ଼ିକୁ ଏଡ଼ାଇବାରେ ଆନ୍ତରିକତା ଥା'ନ୍ତା ତେବେ ବିପର୍ଯ୍ୟୟ ପ୍ରଶମନ ତତ୍ପରତାର ଆବଶ୍ୟକତା ହିଁ ପଡ଼ନ୍ତା ନାହିଁ। ବିଡ଼ମ୍ବନା ହେଉଛି ପରିବେଶ ପ୍ରତିକୂଳ ବିକାଶ କାର୍ଯ୍ୟ ଯେ ବିନାଶ ଆଡ଼କୁ ବାଟ କଢ଼ାଇ ନେଉଛି ଏହା ଜାଣି ମଧ୍ୟ ଆମେ ନ ଜାଣିବାର ଅଭିନୟ କରୁଛୁ। ବିପର୍ଯ୍ୟୟକୁ ଆବାହନ କରୁଥିବା ଏହି ବିକାଶ କାର୍ଯ୍ୟ ରାଷ୍ଟ୍ରୀୟ ନୀତି ହୋଇସାରିଥିବାରୁ ତଦ୍‌ଜନିତ ପ୍ରଭାବ ହିମାଳୟ ପାଦଦେଶରୁ ପଶ୍ଚିମଘାଟ ଓ ପୂର୍ବଘାଟ ପାର୍ବତ୍ୟାଞ୍ଚଳକୁ ବ୍ୟାପି ସାରିଲାଣି। ଓଡ଼ିଶାର କଳିଙ୍ଗା ଘାଟିରେ ନିକଟରେ ଘଟିଥିବା ଭୂସ୍ଖଳନ ଆମକୁ ଚେତାଇ ଦେଇଛି ଯେ ଅପରିଣାମଦର୍ଶୀ ବିକାଶରେ ଏବେ ଅଙ୍କୁଶ ଲଗାଇବାର ବେଳ ଆସିଛି।

ଚଳିତ ମୌସୁମୀ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡରେ ନାହିଁ ନଥିବା ବିପର୍ଯ୍ୟୟ ଆଣିଛି। ଦିଲ୍ଲୀ, ମୁମ୍ବାଇ ଜଳପ୍ଲାବିତ ହୋଇଛି। ବାଦଲ୍‌ଫଟା ବର୍ଷାର ପ୍ରଭାବ ଏତେ ନଥିଲେ ମଧ୍ୟ ଭୂସ୍ଖଳନ ଓ ବନ୍ୟା ସୂଚାଇ ଦେଉଛି ଯେ ଦାୟିତ୍ୱହୀନ ମାନବିକ କାର୍ଯ୍ୟକଳାପ ଜଳବାୟୁର ଅସ୍ୱାଭାବିକତାକୁ ଆହୁରି ଉତ୍କଟ କରୁଛି ଏବଂ ସେଥିରେ ଧନଜୀବନର ବ୍ୟାପକ କ୍ଷୟକ୍ଷତି ଘଟୁଛି। ଏଥିରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସରକାରୀ ଟିମ୍ ଓ ସ୍ୱେଚ୍ଛାସେବୀ ସଂଗଠନର ଅକ୍ଳାନ୍ତ ପରିଶ୍ରମ କେବଳ ଯାହା ସାର ହେଉଛି। ଏହାର ଦୀର୍ଘସ୍ଥାୟୀ ପ୍ରତିକାର ନ ହେବା ପର୍ଯ୍ୟନ୍ତ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଏବଂ ଉଦ୍ଧାର କସରତ ଜାରି ରହିଥିବ।



ଭିତ୍ତିଭୂମି ବିକାଶ କଥା ଚିନ୍ତା କଲା ବେଳେ ନୀତି ନିର୍ଦ୍ଧାରକମାନେ ଏ କଥା ମଧ୍ୟ ସ୍ମରଣକୁ ଆଣିବା ଆବଶ୍ୟକ ଯେ ଜଳବାୟୁ ଅସ୍ୱାଭାବିକ ପରିବର୍ତ୍ତନ ପ୍ରଭାବରୁ ସହରାଞ୍ଚଳ ମଧ୍ୟ ମୁକ୍ତ ନୁହେଁ। ଭବିଷ୍ୟତ ଭାରତ ଗଠନରେ ସହରୀ ସଭ୍ୟତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଅପରପକ୍ଷରେ ଦ୍ରୁତ ସହରୀକରଣ ହିଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟକୁ ଡାକି ଆଣୁଛି। ତେଣୁ ପରିବେଶ ଅନୁକୂଳ ସହରୀ ଯୋଜନା ଆଜିର ଆବଶ୍ୟକତା। ଗୃହ ନିର୍ମାଣ ବେଳେ ଉପଯୁକ୍ତ ଦୂରଦର୍ଶୀ ଯୋଜନା ଅଭାବରୁ ସମ୍ପ୍ରତି ଭାରତର ଦୁଇ-ତୃତୀୟାଂଶ ଆବାସିକ କୋଠା ବନ୍ୟା ସଙ୍କଟପ୍ରବଣ। ରାସ୍ତାଘାଟ କଥା ନ କହିବା ଭଲ। ଏଭଳି ଅଦୂରଦର୍ଶୀ ସହରୀକରଣ ଯୋଗୁଁ ଗତବର୍ଷ ଦୁବାଇ ସାମାନ୍ୟ ବର୍ଷାରେ ଇତିହାସରେ ପ୍ରଥମ ଥର ପାଇଁ ବନ୍ୟାପ୍ଲାବିତ ହୋଇଥିଲା। ଏବେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ମେଟ୍ରୋ ସହରର ସ୍ଥିତି ଆମ ଆଖି ଆଗରେ। ମେଟ୍ରୋ ସହର କଥା ଦୂରେ ଥାଉ ଆମ ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ସାମାନ୍ୟ ବର୍ଷାରେ ରାସ୍ତାରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହେଉଛି। ଏଥିପାଇଁ ଜଳବାୟୁର ଅସ୍ୱାଭାବିକତା ତୁଳନାରେ ମାନବୀକୃତ ବନ୍ୟା ଅଧିକ ଦାୟୀ, ଏକଥା ଉଣାଅଧିକେ ସମସ୍ତେ ହୃଦୟଙ୍ଗମ କରିସାରିଲେଣି।

ଏକପକ୍ଷରେ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ବିଶ୍ୱ ଶିଖର ସମ୍ମିଳନୀମାନଙ୍କରେ ସଂକଳ୍ପ ପାରିତ ହେଉଛି; ଅପରପକ୍ଷରେ ବିଭିନ୍ନ ବିକାଶ ପ୍ରକଳ୍ପ ମଞ୍ଜୁରୀ ବେଳକୁ ସେହି ସଂକଳ୍ପ ପାଶୋରା ହୋଇଯାଉଛି। ଉତ୍ତରାଖଣ୍ଡ, ଆସାମ, ବିହାର ଓ କେରଳରେ ଯେଉଁ ନିରନ୍ତର ପ୍ରାକୃତିକ ବିପର୍ଯ୍ୟୟ ଓ ତଦ୍‌ଜନିତ ଧନଜୀବନ ହାନି ଆମ ସ୍ୱଚକ୍ଷୁରେ ଦେଖି ଆସୁଛନ୍ତି ତାହା ପଛର କାରଣ କେବଳ ମାନବୀୟ ବିଶୃଙ୍ଖଳା। ବିକାଶ ଆଳରେ ମାନବକୃତ ଏହି ଖଳକାରକ ଲଗାମଛଡ଼ା ଥିବା ପର୍ଯ୍ୟନ୍ତ ବିଭୀଷିକାର କରାଳ ଗ୍ରାସରେ ଧନଜୀବନ ଏଭଳି ଲୀନ ହୋଇଚାଲିଥିବ।

ବେଳ ହୁଁ ତ୍ରୁଟି ନ ସଜାଡ଼ିଲେ ୨୦୭୦ ସୁଦ୍ଧା କେବଳ ସହରୀ ବନ୍ୟାରେ ଭାରତ ୩୦୦୦ କୋଟି ଡଲାର କ୍ଷତି ସହିବ ବୋଲି ଆକଳନ କରାଯାଇଛି। ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ପରିବେଶର ଶୀତଳୀକରଣ ସହିତ ବର୍ଜ୍ୟ ସଂଗ୍ରହ ପରିଚାଳନାରେ ସୁଧାର। କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ବିପର୍ଯ୍ୟୟରୁ ଆମେ ଶିଖିବା କେବେ ଏବଂ ଚେତିବା କେବେ? ଏହି ପ୍ରଶ୍ନର ଉତ୍ତର ନ ମିଳିବା ପର୍ଯ୍ୟନ୍ତ ସମାଧାନର ବାଟ ଆବିଷ୍କୃତ ହୋଇପାରିବ ନାହିଁ।

## ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ଓଡ଼ିଶୀ ସଙ୍ଗୀତର ସ୍ଥାନ

**ଗୁରୁ ଶ୍ରୀଶତ୍ରୁଘ୍ନ ନାୟକ**

ଜଗତରନାଥ ବିଶ୍ୱନିୟନ୍ତା ପରମକାରୁଣିକ ଓଡ଼ିଶୀ ସଙ୍ଗୀତର ମଣ୍ଡନମଣି ଓ ସଙ୍ଗୀତ ରସିକଚୂଡ଼ାମଣି ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିରରୁ ହିଁ ଓଡ଼ିଶୀ ସଙ୍ଗୀତର ସୃଷ୍ଟି। ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କର ଦୈନନ୍ଦିନ ସମସ୍ତ ରୀତିନୀତିରେ ଓଡ଼ିଶୀ ସଙ୍ଗୀତର ଛିଟା ରହିଛି। ମହାପ୍ରଭୁଙ୍କର ଦ୍ୱାର ଫିଟାଠାରୁ ଆରମ୍ଭ କରି ରାତ୍ରପହୁଡ଼ ପର୍ଯ୍ୟନ୍ତ ସମସ୍ତ ରୀତିନୀତିରେ କେବଳ ଓଡ଼ିଶୀ ସଙ୍ଗୀତ ଓ ଦେବଦାସୀ ନୃତ୍ୟ ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସେବା ପାଇଁ ସମର୍ପିତ ଛତିଶା ନିଯୋଗରେ ପଡ଼ିଆରୀ ନିଯୋଗର ସେବକମାନଙ୍କର ଦାୟିତ୍ୱ ହେଉଛି ଦାରୁବିଗ୍ରହ ମହାପ୍ରଭୁଙ୍କର ଅଙ୍ଗରକ୍ଷା ଏବଂ ପର୍ବପର୍ବାଣିରେ, ରୀତିନୀତିରେ ସଙ୍ଗୀତ ପରିବେଷଣ। ସେମାନେ ଓଡ଼ିଶୀ ସଙ୍ଗୀତ, ଦଶାବତାର, ଗୀତଗୋବିନ୍ଦ, ବିଭିନ୍ନ ଭଜନ ଜଣାଣ, ପୁରାତନ ଓଡ଼ିଶୀ ସଙ୍ଗୀତ ଇତ୍ୟାଦି ପରିବେଷଣ କରିଥା'ନ୍ତି। ଆଉମଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଭାବରେ ଏକ ଓଡ଼ିଶୀ ସଙ୍ଗୀତ ମଣ୍ଡପ ଅବସ୍ଥିତ, ଯାହା କି ମାଜଣା ମଣ୍ଡପ ନାମରେ ଖ୍ୟାତ। ଏହି ମଣ୍ଡପରେ ଦୈନିକ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ପରେ ପଡ଼ିଆରୀ ସେବକ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଭକ୍ତମାନେ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ, ଭଜନ, ଜଣାଣ, ଚମ୍ପୁ, ଛାନ୍ଦ, ଚଉତିଶା ଇତ୍ୟାଦି ପରିବେଷଣ କରିଥା'ନ୍ତି।

ବିଶ୍ୱବିଦିତ ଓଡ଼ିଶୀ ନୃତ୍ୟ ମୂଳ ଓଡ଼ିଶୀ ସଂଗୀତକୁ ନେଇ ଆଜି ସର୍ବଭାରତୀୟ ସ୍ତରରେ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଛି। କିନ୍ତୁ ଓଡ଼ିଶୀ ସଂଗୀତ ଶାସ୍ତ୍ରୀୟ ମର୍ଯ୍ୟାଦାରୁ ଅଦ୍ୟାବଧି ବଞ୍ଚିତ ରହିଛି। ଆମର ପ୍ରାତଃସ୍ମରଣୀୟ ଓ ପରମପୂଜ୍ୟନୀୟ ଗୁରୁଜୀମାନେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଁ ସେସମୟରେ ସର୍ବଭାରତୀୟସ୍ତରରେ ଉଦ୍ୟମ କରିଥିଲେ। ସେମାନେ ଚାହିଁଥିଲେ ସଙ୍ଗୀତର



ମୂଳ ପିଣ୍ଡ ଓଡ଼ିଶୀ ସଂଗୀତ ମଧ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇପାରିଥାନ୍ତା। 'ଗୀତମ ବାଦ୍ୟମ ନୃତ୍ୟମ ତ୍ରୟମ ତ ସଙ୍ଗୀତମ ଉଚ୍ୟତେ' ଏକଥା ଭାରତୀୟ ସଙ୍ଗୀତ ଶାସ୍ତ୍ରବିଦିତ। ଗୀତର ଅଧୀନ ବାଦ୍ୟ, ବାଦ୍ୟର ଅଧୀନ ନୃତ୍ୟ। ତେଣୁ ସେସମୟରେ ଯଦି ଓଡ଼ିଶୀ ନୃତ୍ୟ ସହିତ ଓଡ଼ିଶୀ ସଂଗୀତକୁ ମଧ୍ୟ ସର୍ବଭାରତୀୟ ସ୍ତରରେ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଚେଷ୍ଟା କରାଯାଇପାରିଥା'ନ୍ତା, ତେବେ ଆଜି ଆମକୁ ନିଜ ଗୌରବ ଓ ଅଧିକାର ପାଇଁ ସଂଘର୍ଷ କରିବାକୁ ପଡ଼ୁ ନ ଥା'ନ୍ତା।

ଏହାଛଡ଼ା ଅନ୍ୟାନ୍ୟ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ଆମର ଏହି ମହାନ୍ ଶ୍ରୀଜଗନ୍ନାଥଘରାନା-ଓଡ଼ିଶୀ ସଙ୍ଗୀତ କୋଉ ଗୁଣରେ କମ୍ ନୁହେଁ। ହିନ୍ଦୁସ୍ଥାନୀ ସଙ୍ଗୀତ ଓ କର୍ଣ୍ଣାଟକୀ ସଙ୍ଗୀତକୁ ମଧ୍ୟ ସରକାର ଶାସ୍ତ୍ରୀୟ ମାନ୍ୟତା ଦେଇଛନ୍ତି ବୋଲି କୌଣସି ପ୍ରାମାଣିକ ତଥ୍ୟ ନାହିଁ। କେବଳ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ପ୍ରଥମେ କର୍ଣ୍ଣାଟକୀ ସଙ୍ଗୀତ ଏବଂ ପରେ ହିନ୍ଦୁସ୍ଥାନୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇଛି ବୋଲି ପ୍ରମାଣ ମିଳେ। ଯାହା ଅଛି ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତେ ତାହା ନାହିଁ ଭାରତୀୟ ଶାସ୍ତ୍ରୀୟଜଗତେ। ଆମ ଓଡ଼ିଶୀ ସଙ୍ଗୀତର ଗାୟନ ଶୈଳୀର ଏକ ସ୍ୱତନ୍ତ୍ର ପରିଚୟ ମିଳେ, ଯାହା କି ଅନ୍ୟ କୌଣସି ଶାସ୍ତ୍ରୀୟ ସଙ୍ଗୀତରେ ଦେଖିବାକୁ ମିଳେନାହିଁ। ଆମ ଓଡ଼ିଶୀ ସଙ୍ଗୀତର ଗାୟନ ଶୈଳୀରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି, ଯାହା କି ଦର୍ଶକ ଓ ଶ୍ରୋତାଙ୍କୁ ମୁଗ୍ଧ କରିବା ସହିତ ଦର୍ଶକ ମହଲରେ ବାନ୍ଧି ରଖିଥାଏ। ଓଡ଼ିଶୀ ସଙ୍ଗୀତର ବାଦ୍ୟ ଅତି ସୁନ୍ଦର। ଓଡ଼ିଶୀରେ ଯେଉଁ ମର୍ଦ୍ଦଳ, ବେହେଲା, ଓଡ଼ିଶୀ ବଂଶୀ, ବୀଣା ଓ ମଞ୍ଜିରା ଇତ୍ୟାଦି ବ୍ୟବହାର ହେଉଛି ତାହା ସ୍ୱତନ୍ତ୍ର।

ଆଜିକାଲି ବହୁ ବଡ଼ବଡ଼ କଳାକାର ଓଡ଼ିଶୀ ସଙ୍ଗୀତକୁ ଅନୁକରଣ କରି ହିନ୍ଦୁସ୍ଥାନୀ ସଙ୍ଗୀତ ଓ କର୍ଣ୍ଣାଟକୀ ସଙ୍ଗୀତର ସରଗମ୍ କରିବା ଦ୍ୱାରା ଓଡ଼ିଶୀ ସଙ୍ଗୀତର ସ୍ୱତନ୍ତ୍ରତା ନଷ୍ଟ ହେଉଛି। ଓଡ଼ିଶୀ ସଙ୍ଗୀତର ଆଦିଗୁରୁ ଦେଶରଜା ସ୍ୱର୍ଗତ ସିଂହାରୀ ଶ୍ୟାମସୁନ୍ଦର କର, ପଣ୍ଡିତ ମାର୍କଣ୍ଡେୟ ମହାପାତ୍ର, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ, ପଣ୍ଡିତ ଲୋକନାଥ ରଥ, ପଣ୍ଡିତ ଲୋକନାଥ ପାଳ, ପଣ୍ଡିତ କାଶୀନାଥ ପୂଜାପଣ୍ଡା, ବିଶ୍ୱନାଥ ପୂଜାପଣ୍ଡା, ପଣ୍ଡିତ ବିଶ୍ୱନାଥ ମହାପାତ୍ର, ପଣ୍ଡିତ ନୃସିଂହନାଥ ଖୁଣ୍ଟିଆ, ପଣ୍ଡିତ ତାରିଣୀ ଚରଣ ପାତ୍ର, ପଣ୍ଡିତ ଗୋପାଳଚନ୍ଦ୍ର ପଣ୍ଡା, ଆଚାର୍ଯ୍ୟ ପଣ୍ଡିତ ସୀମାଞ୍ଚଳ ଦାଶ, ପଣ୍ଡିତ ରାମହରି ଦାଶ ପ୍ରମୁଖଙ୍କର ଶୈଳୀ ହିଁ ପ୍ରକୃତ ଓଡ଼ିଶୀ ସଙ୍ଗୀତ ପଦ୍ଧତି। କିନ୍ତୁ ଆଜିକାଲି ବଡ଼ବଡ଼ ସଙ୍ଗୀତ ଗୁରୁମାନେ ନିଜର ଅହଙ୍କାର ଓ ବଡ଼ିମା ପ୍ରଦର୍ଶନ କରିବା ପାଇଁ ଓଡ଼ିଶୀ ସଙ୍ଗୀତରେ ବହୁ ପରିମାଣରେ ସରଗମ କରି କହୁଛନ୍ତି। ମୋ ମତରେ ଏଇଟା ଠିକ୍ ନୁହେଁ।

ଆମ ରାଜ୍ୟରେ ଭାରତ ସରକାରଙ୍କର ଆକାଶବାଣୀ ଓ ଦୂରଦର୍ଶନରେ ଓଡ଼ିଆ ମାଟିର ବହୁ ଓଡ଼ିଆ କଳାକାର କାର୍ଯ୍ୟରତ। ଯଦି ସେମାନେ ଆମ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ବୋଲି ପ୍ରଚାର ଓ ପ୍ରସାର କରନ୍ତେ ତେବେ ମଧ୍ୟ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇବା ଦିଗରେ ପଥ ପ୍ରଶସ୍ତ ହୋଇପାରନ୍ତା। କିନ୍ତୁ ଅଦ୍ୟାବଧି ଆକାଶବାଣୀ ଓ ଦୂରଦର୍ଶନର ଆମ ଓଡ଼ିଶୀ ସଙ୍ଗୀତକୁ ଆଞ୍ଚଳିକ ଓ ଲୋକସଙ୍ଗୀତ ଭାବେ ପ୍ରଚାର କରାଯାଉଛି। ଓଡ଼ିଶା ସରକାର ଓଡ଼ିଶୀ ସଙ୍ଗୀତ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କଲେ ମଧ୍ୟ ମୂଳଲକ୍ଷ୍ୟ ପୂରଣ ହେଉନି। ଏକ ଖୁସିର ବିଷୟ ଯେ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ 'ଆମ କଳାକାର ଓ ଆମ ସଂସ୍କୃତି' ନାମରେ ପ୍ରସ୍ତୁତ ୱେବ୍‌ସାଇଟ୍‌ରେ ଓଡ଼ିଶୀ ସଙ୍ଗୀତକୁ ଅନ୍ୟ ଶାସ୍ତ୍ରୀୟ ସଙ୍ଗୀତ ସହିତ ସମାନ ଭାବରେ ଦର୍ଶାଯାଇଛି।

ଓଡ଼ିଶୀ ସଙ୍ଗୀତ ଶିକ୍ଷା ନେବା ପାଇଁ ହଜାରହଜାର ଯୁବପିଢ଼ିର କଳାକାର ଆଗ୍ରହ ପ୍ରକାଶ କଲେଣି। ତେଣୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରତିଜିଲ୍ଲାରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଆବଶ୍ୟକ। ସେଠାରେ କେବଳ ଓଡ଼ିଶୀ ଗୀତ, ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ମର୍ଦ୍ଦଳ, ଓଡ଼ିଶୀ ବେହେଲା, ଓଡ଼ିଶୀ ବଂଶୀ, ଓଡ଼ିଶୀ ବୀଣା ଓ ଓଡ଼ିଶୀ ସଙ୍କୀର୍ତ୍ତନ ଇତ୍ୟାଦି ମହାନ୍ ଗୁରୁମାନଙ୍କୁ ନେଇ ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିସହିତ ସରକାରଙ୍କ ତରଫରୁ ପ୍ରତ୍ୟେକ ଜିଲ୍ଲାରେ ଓ ପଞ୍ଚାୟତ ସ୍ତରରେ ଓଡ଼ିଶୀ ସଙ୍ଗୀତର ବିଭିନ୍ନ ପ୍ରତିଯୋଗିତା ସହିତ ତ୍ରୈମାସିକ ଓ ବାର୍ଷିକ ଓଡ଼ିଶୀ ସଙ୍ଗୀତ ସମାରୋହମାନ ଅନୁଷ୍ଠିତ ହେବା ଆବଶ୍ୟକ। ଏଭଳି ସମ୍ମିଳିତ ଉଦ୍ୟମ ଦ୍ୱାରା ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇପାରିବ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ଓଡ଼ିଶୀସଙ୍ଗୀତର ସ୍ଥାନ ଅତି ଉଚ୍ଚକୋଟୀର।

ଗୋପୀନାଥପୁର(ପୁରୀ)
ମୋ: ୯୪୩୮୪୭୫୫୭୭

## ବିକାଶର ପ୍ରକୃତ ମାପକାଠି

**ବିଦ୍ୟାଧର ମହାରଣା**

ସଡ଼କ, ବିଜୁଳି, ପାଣି - ଏହି ତିନୋଟି ଶବ୍ଦ କେବଳ ନିର୍ବାଚନୀ ସ୍ଲୋଗାନ ନୁହେଁ, ବରଂ ଏକ ଦେଶର ବିକାଶର ମୌଳିକ ଆଧାର। ଯେଉଁ ଅଞ୍ଚଳରେ ଉନ୍ନତ ସଡ଼କ, ବିଶୁଦ୍ଧ ପାନୀୟ ଜଳ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସୁବିଧା ଉପଲବ୍ଧ, ସେହି ଅଞ୍ଚଳ ସାମାଜିକ ଓ ଅର୍ଥନୈତିକ ଭାବରେ ଦ୍ରୁତ ଅଗ୍ରଗତି କରିଥାଏ। ତେଣୁ ଏହି ତିନୋଟିକୁ ବିକାଶର ପ୍ରକୃତ ମାପକାଠି ବୋଲି କୁହାଯାଏ। ଓଡ଼ିଶାରେ 'ଗୋପବନ୍ଧୁ ଗ୍ରାମୀଣ ଯୋଜନା' ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିର ବିକାଶ କରି ଲୋକଙ୍କ ଜୀବନଧାରଣର ମାନ ଉନ୍ନତ କରିବା ଉଦ୍ଦେଶ୍ୟରେ 'ବିଜୁଳି, ସଡ଼କ ଓ ପାଣି' ଉପରେ କାର୍ଯ୍ୟକାରୀ ହୋଇଥିଲା। ଗ୍ରାମୀଣ ରାସ୍ତାର ବିକାଶ ପାଇଁ ଗ୍ରାମକୁ ମୁଖ୍ୟ ସଡ଼କ ଓ ନିକଟସ୍ଥ ବଜାର ସହିତ ଯୋଡ଼ିବା, ଗ୍ରାମାଞ୍ଚଳରେ ବିଦ୍ୟୁତ ସେବା ଓ ଆବଶ୍ୟକ ଭିତ୍ତିଭୂମିର ବିକାଶ ସହିତ ଗ୍ରାମବାସୀଙ୍କ ପାଇଁ ସୁରକ୍ଷିତ ପାନୀୟ ଜଳର ବ୍ୟବସ୍ଥା ଉପରେ ଏହି ଯୋଜନାରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହାସହିତ ସାମାଜିକ ଭିତ୍ତିଭୂମିବିକାଶ ପାଇଁ ଗ୍ରାମରେ ଆବଶ୍ୟକ ଛୋଟଛୋଟ ଉନ୍ନୟନମୂଳକ କାର୍ଯ୍ୟକୁ ସହାୟତା ଦିଆଯାଇଥିଲା।

ଉନ୍ନତ ସଡ଼କ ବ୍ୟବସ୍ଥା କେବଳ ଯାତାୟାତକୁ ସହଜ କରେ ନାହିଁ; ଏହା ଅର୍ଥନୀତିର ଗତିକୁ ମଧ୍ୟ ବଢ଼ାଇଥାଏ। କୃଷକ ନିଜ ଉତ୍ପାଦକୁ ଶୀଘ୍ର ବଜାରରେ ପହଞ୍ଚାଇପାରନ୍ତି, ଶିଳ୍ପ ପାଇଁ କଞ୍ଚାମାଲ ଓ ପ୍ରସ୍ତୁତ ସାମଗ୍ରୀର ପରିବହନ ସହଜ ହୁଏ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଦୁର୍ଗମ ଅଞ୍ଚଳରେ ମଧ୍ୟ ପହଞ୍ଚିପାରେ। ଏକ ଭଲ ସଡ଼କ ଅନେକ ସମୟରେ ଏକ ଗାଁର ଭାଗ୍ୟ ବଦଳାଇ ଦେଇପାରେ। ସେଥିପାଇଁ ଭାରତ ସରକାର ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ମନରେଗା (ଭି.ବି.ଜି ରାମଜୀ) ଯୋଜନାରେ ଗ୍ରାମ୍ୟ ସଡ଼କ ନିର୍ମାଣ ବହୁ ଅର୍ଥ ବ୍ୟବସ୍ଥା କରାଯାଇଛି।

ସେହିପରି ଜଳ ବିନା ଜୀବନ କଳ୍ପନା କରାଯାଇ ପାରିବ ନାହିଁ। ଜଳବାୟୁ ପରିବର୍ତ୍ତନ, ଅନିୟମିତ



ବର୍ଷା ଓ ଭୂତଳ ଜଳସ୍ତର ହ୍ରାସ ଆଜି ଜଳ ସୁରକ୍ଷାକୁ ଏକ ବଡ଼ ଆହ୍ୱାନରେ ପରିଣତ କରିଛି। ପ୍ରତ୍ୟେକ ବୁନ୍ଦା ଜଳର ସଂରକ୍ଷଣ, ବର୍ଷାଜଳ ଅମଳ, ପୋଖରୀ ଓ ଜଳାଶୟର ପୁନରୁଦ୍ଧାର ଏବଂ ଜଳର ସୁଚିନ୍ତିତ ବ୍ୟବହାର ବର୍ତ୍ତମାନ ସମୟର ଅନିବାର୍ଯ୍ୟ ଦାୟିତ୍ୱ।

ବିଦ୍ୟୁତ ଶକ୍ତି ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବିଦ୍ୟୁତ ଆଜି ଉନ୍ନତିର ଶକ୍ତି। କୃଷିରେ ଜଳସେଚନ, ଶିଳ୍ପରେ ଉତ୍ପାଦନ, ଛାତ୍ରଛାତ୍ରୀଙ୍କ ଶିକ୍ଷା, ଡିଜିଟାଲ ସେବା, ହସ୍ପିଟାଲର ଜରୁରୀ ଚିକିତ୍ସା ସବୁକିଛି ବିଦ୍ୟୁତ ଉପରେ ନିର୍ଭର କରେ। ନବୀକରଣଯୋଗ୍ୟ ଶକ୍ତି, ବିଶେଷକରି ସୌର ଶକ୍ତିର ପ୍ରସାର ଭବିଷ୍ୟତର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିପାରିବ।

ଓଡ଼ିଶାରେ ଗତ କିଛିବର୍ଷ ଧରି ସଡ଼କ, ପାନୀୟଜଳ ଓ ବିଦ୍ୟୁତ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହୋଇଛି। ତଥାପି ଅନେକ ଗ୍ରାମାଞ୍ଚଳରେ ରାସ୍ତାର ଦୁରବସ୍ଥା, ଗ୍ରୀଷ୍ମଦିନରେ ଜଳସଙ୍କଟ ଏବଂ ବିଦ୍ୟୁତ ବିଭ୍ରାଟ ଏବେ ମଧ୍ୟ ଚିନ୍ତାର ବିଷୟ। କେବଳ ପ୍ରକଳ୍ପ ଘୋଷଣା କଲେ ଚାଲିବ ନାହିଁ; ସେଗୁଡ଼ିକର ଗୁଣାତ୍ମକ କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଓ ସ୍ୱଚ୍ଛ ପରିଚାଳନା ଉପରେ ସମାନ ଗୁରୁତ୍ୱ ଦେବାକୁ ହେବ। ଭଲ ରାସ୍ତା ଅଭାବରୁ କେତେକ ଗ୍ରାମକୁ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆ ଯାଇପାରୁନାହିଁ। ଯାଜପୁର ନଗଡ଼ା ଗ୍ରାମର କରୁଣ ଚିତ୍ର, ଦାନ ମାଝି ଘଟଣା ସାରା ଦେଶରେ ଚହଳ ପକାଇଥିଲା। ରାଜ୍ୟର ୪୦% ଗ୍ରାମରେ ନିରାପଦ ପାନୀୟ ଜଳ ଯୋଗାଣ ହୋଇ ନ ଥିବା ବେସରକାରୀ ସୂତ୍ରରୁ ଜଣାପଡ଼ିଛି, ଯଦିଓ ସରକାରୀ ସୂତ୍ର ଅନୁସାରେ ୬୮ ପ୍ରତିଶତ ଗ୍ରାମକୁ ପାଇପ୍ ଜଳ ଯୋଗାଣ ହୋଇ ସାରିଛି ଏବଂ ଅନ୍ୟ ରାଜସ୍ୱ ଗ୍ରାମକୁ ନଳକୂପ ଯୋଗାଇ ଦିଆଯାଇଛି।

'ବିଜୁଳି, ସଡ଼କ, ପାଣି' କୌଣସି ଗୋଟିଏ ଯୋଜନାର ନାମ ନୁହେଁ। ଏହା ଦେଶର ମୌଳିକ ଭିତ୍ତିଭୂମି ବିକାଶର ଏକ ପ୍ରମୁଖ ଲକ୍ଷ୍ୟ। ଏହି ତିନୋଟି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଫ୍ଲାଗସିପ୍ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର ଘର ଯୋଜନା (ସୌଭାଗ୍ୟ) ରେ ପ୍ରତ୍ୟେକ ପରିବାରକୁ ବିଦ୍ୟୁତ ସଂଯୋଗ ଯୋଗାଇବା ସହିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିର ବିକାଶ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଦ୍ୱାରା ଗ୍ରାମାଞ୍ଚଳକୁ ସବୁଋତୁରେ ଚଳାଚଳ ଯୋଗ୍ୟ ସଡ଼କ ସହିତ ସଂଯୋଗ କରିବା କାର୍ଯ୍ୟ ଗ୍ରହଣ କରାଯାଇଛି। ଆମ ରାଜ୍ୟରେ ମଧ୍ୟ ଆଗରୁ ବିଜୁ ଗ୍ରାମ ଜ୍ୟୋତି ଯୋଜନା ୨୦୦୭-୦୮ ରେ କାର୍ଯ୍ୟକାରୀ ହୋଇଥିଲା। ୨୦୧୪ ମସିହାରେ ବିଜୁ ସେତୁ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଭାରତ ସରକାରଙ୍କ ଜଳଜୀବନ ମିଶନ ଯୋଜନାରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ନଳ କୂପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ରାଜ୍ୟର ସମସ୍ତ ଗ୍ରାମକୁ, ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ବିଜୁଳି, ସଡ଼କ, ପାଣି ଯୋଗାଇ ଦିଆଯାଇ ପାରିନାହିଁ। ପାନୀୟ ଜଳ ପାଇଁ କିଲୋମିଟର ପର୍ଯ୍ୟନ୍ତ ମହିଳାମାନେ ଯାଉଛନ୍ତି।

ବିକଶିତ ଭାରତ ଗଠନର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ଦେଶର ପ୍ରତ୍ୟେକ ଗାଁ ଓ ପ୍ରତ୍ୟେକ ପରିବାର ଉନ୍ନତ ସଡ଼କ, ବିଶୁଦ୍ଧ ପାନୀୟ ଜଳ ଓ ନିରବଚ୍ଛିନ୍ନ ବିଦ୍ୟୁତ ସୁବିଧା ପାଇବେ। ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ; ଜନସାଧାରଣଙ୍କ ସଚେତନତା ଓ ସହଯୋଗ ମଧ୍ୟ ସମାନଭାବେ ଆବଶ୍ୟକ। ସଡ଼କ, ପାଣି ଓ ବିଜୁଳି ହେଉଛି ଏକ ରାଷ୍ଟ୍ରର ସଭ୍ୟତା, ସୁଶାସନ ଓ ବିକାଶର ପ୍ରତୀକ। ଗ୍ରାମରେ ବିକାଶ ଯୋଜନା କଲା ବେଳେ ସାଧାରଣତଃ ମାନବୀୟ ବିକାଶ, ଅର୍ଥନୈତିକ ବିକାଶ, ସାମାଜିକ ବିକାଶ, ପ୍ରାକୃତିକ ସମ୍ବଳ ବିକାଶ ସହିତ ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯାଏ। ଭିତ୍ତିଭୂମି ବିକାଶରେ ସଡ଼କ, ବିଜୁଳି ଓ ପାଣି ଉପରେ ସର୍ବାଧିକ ପ୍ରାଥମିକତା ଦେଇ ଯୋଜନାବଦ୍ଧ ଭାବରେ ଆଗେଇଲେ ଭାରତ ଏକ ସମୃଦ୍ଧ, ସଶକ୍ତ ଓ ଆତ୍ମନିର୍ଭର ରାଷ୍ଟ୍ରଭାବେ ବିଶ୍ୱରେ ଅଧିକ ଦୃଢ଼ସ୍ଥାନ ଅଧିକାର କରିପାରିବ।

ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ


**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

**ମତାମତ:** କଳିଙ୍ଗ ଅନୁଶାସନର ପୁନଃ ବିଶ୍ଳେଷଣ କଲା ବେଳେ କେତେକ ତଥ୍ୟ ସୂଚନା ଓ ମତାମତ ସାମନାକୁ ଆସିଥାଏ। ସେଗୁଡ଼ିକ ହେଲା - କଳିଙ୍ଗର ପରାଜୟରେ ଅଶୋକ ଯଦିଓ ଲୁହର ନଦୀ ବୁହାଇଥା'ନ୍ତେ, ତଥାପି ମଧ୍ୟ କଳିଙ୍ଗକୁ ମୁକ୍ତ କରିବା ନିମନ୍ତେ ଚିନ୍ତା କରିବା ପାଇଁ ତାଙ୍କର କୌଣସି ଅଭିଳାଷ କିମ୍ବା କାର୍ଯ୍ୟ ଯୋଜନା ହିଁ ନଥିଲା। କାରଣ ସେ ଜଣେ ସଂପୂର୍ଣ୍ଣ ସାମ୍ରାଜ୍ୟବାଦୀ ଥିଲେ। କେବଳ କଳିଙ୍ଗ ରାଜାଙ୍କ ଗୌରବ ଛଡ଼ାଇ ନେଇ ଅଶୋକ ସନ୍ତୁଷ୍ଟ ହୋଇ ନଥିଲେ; ବରଂ ନିର୍ଦ୍ଦୟ ଭାବେ ତାଙ୍କର ସମଗ୍ର ରାଜ୍ୟକୁ ମଧ୍ୟ ଛଡ଼ାଇ ନେଇଥିଲେ। ସ୍ୱାଭିମାନୀ କଳିଙ୍ଗବାସୀଙ୍କୁ ନିଜର ପ୍ରଜାଭାବେ ଶାସନ କରିବା ପରିବର୍ତ୍ତେ ସେମାନଙ୍କ ସହ ବନ୍ଧୁତାପୂର୍ଣ୍ଣ ସଂପର୍କ ସ୍ଥାପନ କରି କଳିଙ୍ଗକୁ ଏକ ମିତ୍ରରାଷ୍ଟ୍ର ଭାବରେ ଗ୍ରହଣ କରିଥିଲେ ଅଶୋକଙ୍କ ପାଇଁ ତାହା ନିଶ୍ଚିତଭାବେ ଅଧିକ ଭଲ ହୋଇଥା'ନ୍ତା।

ସେହିଭଳି ଅଭିଲେଖଗୁଡ଼ିକରେ ତୋଷାଳିର କୁମାରଙ୍କ (ରାଜକୁମାର) ବିଷୟରେ ଦିଆଯାଇଥିବା ଉଲ୍ଲେଖରୁ ଯାହା ଜଣାପଡୁଛି ଅନ୍ୟ ପ୍ରଦେଶର କୁମାର ରାଜ୍ୟପାଳମାନଙ୍କ ତୁଳନାରେ ତାଙ୍କର ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର କ୍ଷମତା ବହୁତ କମ୍ ଥିଲା। ଅଶୋକ ନିଜ ସାମ୍ରାଜ୍ୟ ସହିତ କଳିଙ୍ଗକୁ ସଂପୂର୍ଣ୍ଣ ରୂପେ ମିଶାଇ ଦେବା ଆଶାରେ ସେଠାକାର ଶାସନ ଏବଂ ପ୍ରଶାସନ ଉପରେ ବିଶେଷ ବ୍ୟକ୍ତିଗତ ଧ୍ୟାନ ଦେଉଥିଲେ। ଆମେ ତାଙ୍କର ନୀତିର ସଠିକ୍ ଆକଳନ କରିପାରୁ ନ ଥିଲେ ମଧ୍ୟ ଏହା ଏକ ସାମ୍ରାଜ୍ୟବାଦୀ ନୀତି ଥିଲା ଏବଂ ଶେଷରେ ଏହା ବିଫଳ ହେଲା। କେବେ କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟ ହାତରୁ ଖସିଯାଇଥିଲା, ତାହା ସଠିକ୍ ଭାବେ ଆମକୁ ଜଣା ନଥିଲେ ମଧ୍ୟ ଅଶୋକଙ୍କ ମୃତ୍ୟୁର ପ୍ରାୟ ପଚାଶ ବର୍ଷ ମଧ୍ୟରେ ସମଗ୍ର ବଂଶ ନଷ୍ଟ ହୋଇଯାଇଥିଲା ଏବଂ ମୌର୍ଯ୍ୟ ସାମ୍ରଜ୍ୟ ଆଉ ଅସ୍ତିତ୍ୱରେ ନଥିଲା। କଳିଙ୍ଗରେ ମୌର୍ଯ୍ୟ ମାନଙ୍କର ସାମୟିକ ଶାସନର ଅନ୍ତ ହୋଇ କଳିଙ୍ଗ ପୁନଶ୍ଚ ଏକ ସ୍ୱାଧୀନ ରାଜ୍ୟ ହୋଇଗଲା। ମୋଗଲମାନଙ୍କ ଦ୍ୱାରା ପରାସ୍ତ ହେବା ପର୍ଯ୍ୟନ୍ତ ଏହା ପ୍ରାୟ ଦେ ହଜାର ବର୍ଷ ଧରି ଏହିପରି ସ୍ୱାଧୀନ ଭାବେ ଶାସିତ ହେଉଥିଲା।

ଓଡ଼ିଶାର ବୌଦ୍ଧ ପରମ୍ପରା



ଯଦି ମୌର୍ଯ୍ୟ ବିଜୟର କୌଣସି ସ୍ଥାୟୀ ପ୍ରଭାବ ଏଠାରେ ଥାଏ, ତେବେ ତାହା ନିଶ୍ଚିତ ଭାବେ ହେବ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର। ସମସ୍ତ ପରମ୍ପରା ମୁତାବକ ଅଶୋକ ନିଜ ସାମ୍ରାଜ୍ୟ ତଥା ବାହାରେ ବୌଦ୍ଧ ଧର୍ମର ପ୍ରଚାରକୁ ଅତ୍ୟନ୍ତ ଯତ୍ନର ସହ ଉତ୍ସାହିତ କରିଥିଏ। କିନ୍ତୁ ସାମ୍ରାଜ୍ୟର ଅନ୍ୟ କୌଣସି ଅଞ୍ଚଳରେ ନୂତନ ଭାବେ ଅଧିକୃତ କଳିଙ୍ଗ ପ୍ରଦେଶ ଭଳି ବୌଦ୍ଧ ଧର୍ମକୁ ଏତେ ଯତ୍ନ ଓ ଉତ୍ସାହର ସହ ପ୍ରୋତ୍ସାହନ ଦେଇ ନଥିଲେ। ତେଣୁ ଧଉଳିଠାରେ ପ୍ରତିଷ୍ଠିତ ନୂତନ ସ୍ତୂପରେ ଅଶୋକଙ୍କ ଅନୁତାପକୁ ଚିତ୍ରିତ କରି ଗଢ଼ାଯାଇଥିବା ଭାସ୍କର୍ଯ୍ୟ (ରିଲିଫ) ଅନୁପଯୁକ୍ତ ନୁହେଁ। ଅଶୋକ ଜଣେ ସାମ୍ରାଜ୍ୟବାଦୀ ହୋଇ ରହିଥଲେ ମଧ୍ୟ ସେ ନିଜର ଦୃଷ୍ଟିକୋଣ ଅନୁଯାୟୀ ତାଙ୍କର ପ୍ରଜାମାନଙ୍କର କଲ୍ୟାଣ ନିମନ୍ତେ ଆନ୍ତରିକ ଭାବେ ଉଦ୍ୟମ କରି ଜଣେ ଉଦାର ଶାସକ ପାଲଟି ଯାଇଥିଲେ। ଯଦି ସମ୍ରାଟ ଅଶୋକ ନଥା'ନ୍ତେ, ତେବେ ଓଡ଼ିଶାରେ ବୌଦ୍ଧ ଧର୍ମ ବିଷୟରେ ଆଲୋଚନା ନିମନ୍ତେ ମୂଳ ଉପାଦାନ ଏବଂ ତଥ୍ୟ / ପ୍ରମାଣ ଆଦି ମିଳିପାରି ନଥା'ନ୍ତା। (ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୁଣି ଫାଟିଲା...

କରିଥିଲା। ପରେ ପାଣିର ଚାପ ବଢ଼ିବାରୁ ହ୍ରଦର ଅଂଶ ଭାଙ୍ଗିଯାଇଥିବା ଖବର ମିଳିଛି। ହ୍ରଦ ଭାଙ୍ଗିବା ପରେ ଭୋଟେକୋଶୀ ନଦୀର ଜଳସ୍ତର ଦ୍ରୁତ ବଢ଼ିଛି। ରାସୁୱାର ସ୍ୟାବ୍ରୁବେସୀ ଅଞ୍ଚଳକୁ ବନ୍ୟାଜଳ ପହଞ୍ଚିଛି। ତ୍ରିଶୁଲୀ ନଦୀକୂଳରେ ରହୁଥିବା ଲୋକଙ୍କୁ ମଧ୍ୟ ଉଚ୍ଚ ସତର୍କତାରେ ରହିବାକୁ ପ୍ରଶାସନ କହିଛି। ବନ୍ୟାର ପ୍ରଭାବ ମୁଗ୍ଲିନ୍ ପର୍ଯ୍ୟନ୍ତ ପହଞ୍ଚିପାରେବୋଲିବନ୍ୟାପୂର୍ବାନୁମାନବିଭାଗସତର୍କକରିଛି। ନଦୀକୂଳରେ ରହୁଥିବା ଲୋକଙ୍କୁ ଯେକୌଣସି ସମୟରେ ସ୍ଥାନାନ୍ତର ହେବା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବୁଧବାର ନେପାଳରେ ଆସିଥିବା ଭୟଙ୍କର ଆକସ୍ମିକ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୪୮୯ରେ ପହଞ୍ଚିଛି। ନେପାଳର ବିଭିନ୍ନ ଜିଲ୍ଲାରେ ଉଦ୍ଧାରକାରୀ ଦଳ ମୃତଦେହ ଖୋଜିବା ସହ ନିଖୋଜ ଲୋକଙ୍କ ସନ୍ଧାନ ଜାରି ରଖିଛନ୍ତି। ନେପାଳରେ ପ୍ରାୟ ୯୭୭ ଜଣ ନିଖୋଜ ଥିବା ସୂଚନା ମିଳିଛି। ନିଖୋଜଙ୍କ ମଧ୍ୟରେ ବିଦେଶୀ ନାଗରିକ, ନେପାଳ ସେନା ଓ ପୁଲିସ କର୍ମଚାରୀ ମଧ୍ୟ ଅଛନ୍ତି। ତିବତରେ ମଧ୍ୟ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁ ଘଟିଛି। ଚୀନ୍ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ସେଠାରେ ମଧ୍ୟ ଶତାଧିକ ଲୋକ ନିଖୋଜ ଅଛନ୍ତି। ନେପାଳ ଓ ତିବତକୁ ମିଶାଇ ଏହି ବିପର୍ଯ୍ୟୟରେ ୧୫୦୦ରୁ ଅଧିକ ଲୋକ ନିଖୋଜ ଥିବା ଜଣାପଡ଼ିଛି। ନିଖୋଜଙ୍କ ମଧ୍ୟରେ ବହୁ ବିଦେଶୀ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଅଛନ୍ତି। ନେପାଳ ସରକାର ପ୍ରକାଶ କରିଥିବା ବିଦେଶୀ ନିଖୋଜଙ୍କ ତାଲିକାରେ ୫୩୭ ଜଣ ବିଦେଶୀ ନାଗରିକଙ୍କ ନାମ ରହିଛି। ନେପାଳ ସରକାରଙ୍କ ତାଲିକାରେ ୧୭୮ ଜଣ ଭାରତୀୟ ନିଖୋଜ ଥିବା ଉଲ୍ଲେଖ ରହିଛି। ଅନ୍ୟପଟେ ଉଦ୍ଧାର ଅଭିଯାନରେ ଅନେକ ଭାରତୀୟଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ନେପାଳ ପର୍ଯ୍ୟଟନ ବୋର୍ଡ ଅନୁସାରେ ଉଦ୍ଧାର ହୋଇଥିବା ବିଦେଶୀଙ୍କ ମଧ୍ୟରେ ୮୫ ଜଣ ଭାରତୀୟ, ୧୬ ଜଣ ଚୀନ୍ ନାଗରିକ ଓ ୯ ଜଣ ଦକ୍ଷିଣ କୋରିଆ ନାଗରିକ ଅଛନ୍ତି। ନେପାଳ ସେନା ଦୁର୍ଗମ ଓ ବନ୍ୟାପ୍ରଭାବିତ ଅଞ୍ଚଳରୁ ୧୦୨୪ ଜଣ ବିଦେଶୀ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ସୂଚନା ମିଳିଛି। ହେଲିକପ୍ଟର ମାଧ୍ୟମରେ ଲୋକଙ୍କୁ ଉଦ୍ଧାର କରାଯିବା ସହ ଆବଶ୍ୟକ ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ମଧ୍ୟ ପହଞ୍ଚାଯାଉଛି। ଭାଙ୍ଗିଯାଇଥିବା ରାସ୍ତା ଓ ସେତୁ ଯୋଗୁଁ ଭୂମିପଥରେ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବନ୍ୟା ପରେ ତ୍ରିଶୁଲୀ ଅଞ୍ଚଳର ଜଳବିଦ୍ୟୁତ ପ୍ରକଳ୍ପର ଏକ ସୁଡ଼ଙ୍ଗରେ ବହୁ ଲୋକ ଫସିଥିବା ଖବର ମିଳିଥିଲା। ଚୀନ୍ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ରାସ୍ତା ଓ ସେତୁ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି କ୍ଷତି ନେପାଳର ଅର୍ଥନୀତି ଉପରେ ମଧ୍ୟ ବଡ଼ ପ୍ରଭାବ ପକାଇପାରେ। ନୂଆ ହ୍ରଦରୁ ବନ୍ୟା ଆଶଙ୍କା ବଢ଼ିବା ପରେ ଚୀନ୍ ତିବତରେ ଚାଲିଥିବା ଉଦ୍ଧାର କାର୍ଯ୍ୟକୁ ସାମୟିକ ଭାବେ ବନ୍ଦ କରିଥିଲା।

### ହାତ କାଟିଦେବି...

ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି ଓ ପୁଣି ନିର୍ବାଚନ ଲଢ଼ିବେ, ତାଙ୍କ ବିରୋଧରେ କାମ କରୁଥିବା ଲୋକଙ୍କୁ ଜବାବ ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି । ଜୁଏଲଙ୍କ ଏହି ବିସ୍ଫୋରକ ଧମକ ରାଜ୍ୟ ବିଜେପିର ଆଭ୍ୟନ୍ତରୀଣ ରାଜନୀତିକୁ ସରଗରମ କରିଛି । ଅନ୍ୟପକ୍ଷରେ ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ସମ୍ଭବତଃ ସେ ମନ୍ତ୍ରିମଣ୍ଡଳରୁ ବାଦ ପଡ଼ିବା ଆଶଙ୍କା ଥିବାରୁ ଜୁଏଲ୍ କ୍ରୋଧିତ ହୋଇ ଏପରି ମନ୍ତବ୍ୟ ଦେଇଥାଇ ପାରନ୍ତି ବୋଲି ମଧ୍ୟ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଛି ।

କେନ୍ଦ୍ରମନ୍ତ୍ରୀଙ୍କ ଆର୍‌ଏମ୍‌ସି ପ୍ରତିନିଧି ତଥା ଯୁବ ବିଜେପି ନେତା ପ୍ରକାଶ ପାଶ୍ୱାନଙ୍କ ନାମରେ ସର୍କିଟ ହାଉସରେ ଦୀର୍ଘ ୨୫ ଦିନ ଧରି ବୁକ୍ ହୋଇଥିବା କୋଠରୀରୁ ବିପୁଳ ମାରଣାସ୍ତ୍ର ସହ ୭ ଜଣ ହାଡ଼କୋର ଅପରାଧୀ ଧରାପଡ଼ିବା ଘଟଣା ରାଜ୍ୟ ରାଜନୀତିକୁ ହଲଚଲ କରିଛି । ପ୍ରକାଶଙ୍କୁ ଦଳରୁ ନିଲମ୍ବନ କରାଯାଇଛି ଓ ବିହାରର ବେଗୁସରାଇ ଅଞ୍ଚଳରୁ ତାଙ୍କୁ ରାଉରକେଲା ପୁଲିସ ଗିରଫ କରିଛି। ଏହି ସମୟରେ ଜୁଏଲଙ୍କ ତଥାକଥିତ ନିର୍ବାଚନମଣ୍ଡଳୀ ପ୍ରତିନିଧି ତଥା ପ୍ରଚାରିତ ଅତିରିକ୍ତ ପିଏସ୍ ଖୁସ୍‌ବୁ ଯାଦବଙ୍କୁ ନେଇ ଆଉ ଏକ ବିବାଦ ସୃଷ୍ଟି ହୋଇଛି । ଏହି ମହିଳା ତାଙ୍କର ଅତିରିକ୍ତ ପିଏସ୍ ନୁହନ୍ତି ବୋଲି ସାମାଜିକ ଗଣମାଧ୍ୟମରେ 'ସ୍ପଷ୍ଟ ଓ କଡ଼ା ସୂଚନା' ହିଁ ଜୁଏଲଙ୍କ ବିବାଦ ବଢ଼ାଇଛି । କେଉଁ ପରିସ୍ଥିତିରେ ସମ୍ପୃକ୍ତ ମହିଳା ସରକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହୁଥିଲେ ବୋଲି ମଧ୍ୟ ଏବେ ପ୍ରଶ୍ନ ଉଠିଛି । ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମଙ୍କ ମନ୍ତବ୍ୟକୁ ଅନେକ ପ୍ରକାଶ ପାଶ୍ୱାନ ଓ ଖୁସ୍‌ବୁ ଯାଦବ ପ୍ରସଙ୍ଗ ସହ ଯୋଡ଼ିବା ଆରମ୍ଭ କରିଛନ୍ତି।

ରାଜ୍ୟରେ ବିଜେପି ସରକାର ଗଠନ ପରେ ଦଳରେ ଅନ୍ତଃକନ୍ଦଳ ଦିନକୁ ଦିନ ତୀବ୍ର ହୋଇଛି । ସବୁ ସଂସଦୀୟ କ୍ଷେତ୍ରରେ ଅନୁରୂପ ବିବାଦ ଉଗ୍ର ରୂପ ନେଉଥିବା ଦେଖିବାକୁ ମିଳୁଛି । ଗତକାଲି ବ୍ରହ୍ମପୁରରେ ମୁଖ୍ୟମନ୍ତ୍ରୀଙ୍କ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସଦ ବିକାଶମୂଳକ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ସହ ସଭା ଶେଷ ପୂର୍ବରୁ ମଞ୍ଚ ଛାଡ଼ି ଚାଲି ଯାଇଥିଲେ। ଏହାର ଦିନ ପରେ ଜଣେ କେନ୍ଦ୍ରମନ୍ତ୍ରୀ ନିଜ ଦଳର ନେତାମାନଙ୍କର ହାତ କାଟିଦେବା ଓ ଜାଳିଦେବାକୁ ଧମକ ଦେବା ଆହୁରି ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି।

### ଆଜି ଲଘୁଚାପ...

ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଲଘୁଚାପ ଯୋଗୁଁ ଆଗାମୀ କିଛି ଦିନ ପାଇଁ ଉତ୍ତର ଓଡ଼ିଶାରେ ଭୀଷଣ ବର୍ଷା ଆଶଙ୍କା ରହିଥିବାରୁ ପ୍ରମୁଖ ନଦୀଗୁଡ଼ିକ ଫୁଲିବା ଆଶଙ୍କା ରହିଛି। ବୈତରଣୀ, ବୁଢ଼ାବଲଙ୍ଗ ଓ ସୁବର୍ଣ୍ଣରେଖା ସମେତ ବ୍ରାହ୍ମଣୀ ଓ ପରବର୍ତ୍ତୀ ସମୟରେ ମହାନଦୀ ଅବବାହିକାରେ ବର୍ଷା ପୂର୍ବାନୁମାନ ରହିଥିବାରୁ ପୁଣି ଥରେ ବନ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ବୈତରଣୀ ଓ ବ୍ରାହ୍ମଣୀ ସମେତ କିଛି ଅବବାହିକାରେ ଆଗାମୀ ଦିନରେ ୨୬ରୁ ୩୭ ମିମି ବର୍ଷାର ପୂର୍ବାନୁମାନ କରାଯାଇଛି।

### ଡାଟା ଏଣ୍ଟ୍ରି ଅପରେଟର୍...

ହୋଇଥିବା ଜଣାପଡିଛି। ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଟଙ୍କା ପାଇବାକୁ ଥିବା କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବଦଳରେ ଅନ୍ୟ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଟ୍ରାନ୍ସଫର ହୋଇଛି। ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କ ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟକୁ ଏହି ଟଙ୍କା ସ୍ଥାନାନ୍ତର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ୨୦୧୬ରୁ ଏଭଳି ହେରଫେର ନିୟମିତ ବ୍ୟବଧାନରେ ହୋଇଆସିଥିବା ଅଡିଟ ରିପୋର୍ଟରେ ଦର୍ଶାଯାଇଛି। ଯେହେତୁ ଏସ୍‌ସିବିରେ ସମସ୍ତ କର୍ମଚାରୀଙ୍କ ଦରମା ମିଳିବା ପୂର୍ବରୁ ଡାଟା ଏଣ୍ଟ୍ରି ଅପରେଟର ଏହାକୁ କମ୍ପ୍ୟୁଟରରେ ଏଣ୍ଟ୍ରି କରିବା ପରେ ଡିଲିଂ ଆସିଷ୍ଟାଣ୍ଟ ଯାଞ୍ଚ କରିଥାନ୍ତି। ଆକାଉଣ୍ଟାଣ୍ଟ ଏବଂ କ୍ୟାସିୟରଙ୍କ ମାଧ୍ୟମରେ ଏହା ଡିଡିଓ(ଡ୍ରଇଂ ଏଣ୍ଡ ଡିସବର୍ସିଂ ଅଫିସର)ଙ୍କ ନିକଟରେ ପହଞ୍ଚିଥାଏ। ଡିଡିଓ ଏହାକୁ ଅନୁମୋଦନ କରିବା ପରେ ଟ୍ରେଜେରିକୁ ଯାଇଥାଏ। ଟ୍ରେଜେରି ପକ୍ଷରୁ ଏହାକୁ ଯାଞ୍ଚ କରିବା ପରେ ପବ୍ଲିକ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ(ପିଏଫ୍‌ଏମ୍‌ଏସ) ମାଧ୍ୟମରେ ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ଟଙ୍କା ଯାଇଥାଏ। ଏହି ସୁଯୋଗରେ ଡିଇଓ ଜଣକ ଅନ୍ୟ ଏକ ଆକାଉଣ୍ଟ ଖୋଲି କର୍ମଚାରୀଙ୍କ ଟଙ୍କାକୁ ସେଥିରେ ଟ୍ରାନ୍ସଫର କରି ନେଉଥିଲେ। ଏହିଭଳି ଭାବେ ୨୦୧୫-୧୬ରୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଟିଏ, ଡିଏ, ଏରିଅର, ଷ୍ଟଡି ଟୁର, ମାଟର୍ନିଟି ଲିଭ ବାବଦ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ଡିଇଓଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଛି। ଏହି ବିଷୟ ସାମ୍ନାକୁ ଆସିବା ପରେ ପୋଲିସ ପକ୍ଷରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ୨୦୧୫-୧୬ରୁ ୨୦୨୬ ଯାଏ ସମସ୍ତ ଆର୍ଥିକ କାରବାରର ତଥ୍ୟ ଦେବାକୁ ଚିଠି ଲେଖାଯାଇଛି। ବ୍ୟାଙ୍କ ପକ୍ଷରୁ ଉକ୍ତ ଡିଇଓଙ୍କ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁଳି କୌଣସି ଟଙ୍କା ଉଠାଣ ହୋଇପାରିବ ନାହିଁ, ସେଥିପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଘଟଣାରେ ପୁଲିସ ଏସସିବିର ଆକାଉଣ୍ଟାଣ୍ଟ, କ୍ୟାସିୟର ଏବଂ ପେନ୍‌ସନ ବିଭାଗର କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିଥଲବା ସୂଚନା ମିଳିଛି।

### ମୁଖ୍ୟମନ୍ତ୍ରୀ ବାଣ୍ଟିଲେ...

ପଠାଇଛନ୍ତି। ଚଳିତ ଥର ନୂତନଭାବେ ଏହି ଯୋଜନାରେ ୨ ଲକ୍ଷ ୨୧ ହଜାର ହିତାଧିକାରୀ ଯୋଡ଼ି ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ, ଦେଶରେ ଓଡ଼ିଶା ଲକ୍ଷପତି ଦିଦି ସୃଷ୍ଟି କରିବାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଯୋଜନାର ସଫଳତା ଏଥିରୁ ସ୍ପଷ୍ଟ ବୋଲି କହିଥିଲେ। ସୁଭଦ୍ରା ଯୋଜନା ଫଳରେ ରାଜ୍ୟରେ ମହିଳାଙ୍କ ଆୟ ବୃଦ୍ଧି ହୋଇଥିବା ବିଭିନ୍ନ ସର୍ଭେ ରିପୋର୍ଟ ଆସିଛି ବୋଲି କହିଥିଲେ। ସୁଭଦ୍ରା ଯୋଜନାରେ ଅର୍ଥ ପାଇ ସ୍ୱାବଲମ୍ବୀ ହୋଇଥିବା ନୟାଗଡ଼ ଜିଲ୍ଲା ରଣପୁର ଏନଏସିର ସୌଦାମିନୀ ନନ୍ଦ ଏବଂ ଅନ୍ୟ ଜିଲ୍ଲାର କିଛି ମହିଳାଙ୍କ ନାଁ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ। ଚଳିତବର୍ଷ ସୁଦ୍ଧା ୨୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇଥିବା ସେ କହିଥିଲେ। ମହିଳାଙ୍କୁ ପ୍ରାଥମିକତା ଦେଇ ରାଜ୍ୟ ସରକାର କନ୍ୟାବିବାହ ଯୋଜନା, କନ୍ୟା ସମୃଦ୍ଧି ଯୋଜନା କାର୍ଯ୍ୟକାରୀ କରିବା ସହ କେନ୍ଦ୍ର ସରକାର ମହିଳା ସୁରକ୍ଷା ବିଲ୍ ଆଣିବା ପାଇଁ ଚେଷ୍ଟିତ ବୋଲି କହିଥିଲେ। କନ୍ଧମାଳ ସାଂସଦ ପାଣିଗ୍ରାହୀ କହିଲେ ଉଦ୍ୟୋଗୀଙ୍କ ବିକାଶ କରିବା ପାଇଁ ସୁଭଦ୍ରା ଯୋଜନା ସହାୟକ ହେଉଛି। ସମୃଦ୍ଧ ଓଡ଼ିଶା ଗଠନରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ସେହିଭଳି ଭାବେ ପୁରୀ ସାଂସଦ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ବିଷୟରେ କହିବା ସହ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ଦ୍ୱାରା ମହିଳାମାନେ କିଭଳି ସାମ୍ବାଲମ୍ବୀ ହେଉଛନ୍ତି ତାହା କହିଥିଲେ। ନାରୀ ଶକ୍ତି ଆମର ଶକ୍ତି, ନାରୀ ସମୃଦ୍ଧି ଓଡ଼ିଶାର ସମୃଦ୍ଧି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ। ସେହିଭଳି ଭାବେ ବାଚସ୍ପତି ଶ୍ରୀମତି ପାଢ଼ୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଜିଲ୍ଲା ବାସୀ ପାଇଁ ଆବଶ୍ୟକ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସୁଭଦ୍ରା କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶାଳୀକୁ ଧରି ଚମ୍ପଟ୍...

କ୍ଷେତ୍ରଙ୍କ ମୃତ୍ୟୁ ଘଟିଥିଲା। ଶାଳି ଏହା ଦେଖି ଦୌଡ଼ି ଦୌଡି ପାଣ୍ଡେସରା ଗାଁକୁ ଯାଇଥିଲା। ଏହାର ସୁଯୋଗ ନେଇ ବାର୍‌ହା ଶିକାରୀ ଶବ ନିଖୋଜ କରିଦେଇଥିଲେ। ପରେ ସ୍ଥାନୀୟ ଲୋକ ଯୁବତୀକୁ ବୁଝାସୁଝା କରି ପୁଲିସକୁ ଖବର ଦେଇଥିଲେ। ଯୁବତୀ ଜଣକ ମୂକ ହୋଇଥିବାରୁ ପୁଲିସ ପାଇଁ ମୁଣ୍ଡବ୍ୟଥା ପାଲଟିଥିଲା। ବିଦ୍ୟୁତ ଆଘାତ ଯୋଗୁଁ ଶାଳିର ଉଭୟ ଗୋଡ଼ରେ କ୍ଷତ ହୋଇଛି। ପୁଲିସ ଶାଳିକୁ ନେଇ ପ୍ରାଥମିକ ଚିକିତ୍ସା କରାଇବା ସହ ତଦନ୍ତ ଜାରି ରଖିଛି। ଅନ୍ୟପଟେ ଜଙ୍ଗଲ ବିଭାଗର ଅପାରଗତା ଯୋଗୁଁ ଜଣେ ଲୋକଙ୍କ ବାର୍‌ହା ଫାସରେ ମୃତ୍ୟୁ ଘଟିଥିବା ଅଭିଯୋଗ ଉଠିଛି। ଗତବର୍ଷ ଗଡିଆଜୋର ନିକଟରେ ଏଭଳି ବିଦ୍ୟୁତ୍ ତାର ବାର୍‌ହା ଫାସରେ ଲାଗି ଗୋଟିଏ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ପ୍ରଥମେ ପ୍ରଥମେ ଜଙ୍ଗଲ ବିଭାଗ ସ୍ୱାଭାବିକ ମୃତ୍ୟୁ ବୋଲି କହୁଥିଲା; ହେଲେ "ସକାଳ"ରେ ଲଗାତାର ଖବର ପ୍ରକାଶ ପରେ ବାର୍‌ହା ଶିକାରୀ ଗିରଫ ହୋଇଥିଲେ। ଏହି ଘଟଣାକୁ ମଧ୍ୟ ଅନ୍ୟ ରୂପ ଦେବା ପାଇଁ ଜଙ୍ଗଲ ବିଭାଗ ଉଦ୍ୟମ ଜାରି ରଖିଛି। ସ୍ଥାନୀୟ ଅଞ୍ଚଳର କିଛି ବାର୍‌ହା ଶିକାରୀ କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି ନିତିଦିନିଆ ବିଦ୍ୟୁତ୍ ତାରରେ ବାର୍‌ହା ଶିକାର ଲାଗି ଫାସ ପକାଉଛନ୍ତି। ଏ ଖବର ଜାଣି ସୁଦ୍ଧା ବନ ବିଭାଗ ଚୁପ୍ ରହୁଛି।

### ଇବ୍‌ରୁ ମିଳିଲା...

ଓପିଏମ୍ ଘାଟ ନିକଟରୁ ରବିଙ୍କ ସ୍କୁଟି ଓ ଚପଲ ମିଳିଥିଲା। ଏହି ଘଟଣା ପରେ ସେ ନଦୀ କୂଳକୁ ଯାଇଥିବା ସନ୍ଦେହ ଘନୀଭୂତ ହୋଇଥିଲା। ଖବର ପାଇ ପୁଲିସ ଓ ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ନଦୀ ଭିତରେ ଜୋରଦାର ତଲାସୀ ଅଭିଯାନ ଚଳାଇଥିଲେ। ରାତିସାରା ଖୋଜାଖୋଜି ଚାଲିଥିବାବେଳେ ସ୍ଥାନୀୟ ଲୋକଙ୍କ ସହଯୋଗ ମଧ୍ୟ ନିଆଯାଇଥିଲା। ଆଜି ସକାଳେ ଫାୟାର ଟିମ୍ ଇବ ନଦୀ ଭିତରୁ ରବି ସୋନିଙ୍କ ମୃତଦେହ ଠାବ କରିଥିଲା। ପରେ ମୃତଦେହକୁ ନଦୀରୁ ବାହାରକୁ ଅଣାଯାଇଥିଲା। ପରିବାର ସଦସ୍ୟମାନେ ମୃତଦେହକୁ ରବି ସୋନିଙ୍କର ବୋଲି ଚିହ୍ନଟ କରିଥିବା ଜଣାପଡ଼ିଛି।

ତେବେ ରବିଙ୍କ ମୃତ୍ୟୁ ଆକସ୍ମିକ ନୁହେଁ; ତାଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ରବିଙ୍କ ପତ୍ନୀ। ଏ ସଂକ୍ରାନ୍ତରେ ଥାନାରେ ମଧ୍ୟ ଅଭିଯୋଗ କରାଯାଇଛି। ପୂର୍ବରୁ ରବିଙ୍କ ନିଖୋଜ ଥିବା ମାମଲା ହୋଇଥିବାବେଳେ ଏବେ ଆଉ ଏକ ମାମଲା ରୁଜୁ ହୋଇଛି । ଅଭିଯୋଗ ଆଧାରରେ ବ୍ରଜରାଜନଗର ଥାନାରେ କେସ୍ ନମ୍ବର ୧୮୫/୨୦୨୬ ରୁଜୁ କରାଯାଇଛି। ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି ଯେ ଘଟଣାର ପ୍ରକୃତ କାରଣ ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ଅଧିକ ସ୍ପଷ୍ଟ ହେବ। ରବି ସୋନି କେଉଁ ପରିସ୍ଥିତିରେ ନଦୀ ନିକଟକୁ ଯାଇଥିଲେ, ଘଟଣା ସମୟରେ ସେଠାରେ ଅନ୍ୟ କେହି ଉପସ୍ଥିତ ଥିଲେ କି ନାହିଁ ଓ ତାଙ୍କ ମୃତ୍ୟୁ ପଛରେ କୌଣସି ଅପରାଧିକ କାରଣ ରହିଛି କି ନାହିଁ—ଏସବୁ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି।

ଅନ୍ୟପକ୍ଷରେ ରବିଙ୍କ ମୃତ୍ୟୁକୁ ସ୍ୱାଭାବିକ ବା ଆକସ୍ମିକ ବୋଲି ସହଜରେ ଗ୍ରହଣ କରାଯାଇପାରୁ ନାହିଁ । ସ୍ଥାନୀୟ ଜନସାଧାରଣଙ୍କ କହିବା ଅନୁସାରେ ରବି ବିଭିନ୍ନ ସମୟରେ ବିଭିନ୍ନ ପ୍ରସଙ୍ଗ ନେଇ କୋଇଲା ଓ ବାଲି ମାଫିଆଙ୍କୁ ସାମାଜିକ ଗଣମାଧ୍ୟମରେ କଡ଼ା ସମାଲୋଚନା କରୁଥିଲେ। ଅନ୍ୟପକ୍ଷରେ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ମଧ୍ୟ ନିଶାଣ କରୁଥିଲେ। ବିଭିନ୍ନ ସମୟରେ ରାମଚଣ୍ଡୀ ରୂପ ନେଇ ଦୁର୍ନୀତିଗ୍ରସ୍ତ ଲୋକମାନଙ୍କୁ ଅଭିଶାପ ଦେଉଥିଲେ। କିଛିଦିନ ତଳେ ସାମାଜିକ ଗଣମାଧ୍ୟମରେ ସେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ଆହ୍ୱାନ ଦେଇଥିବା ଭିଡ଼ିଓ ଭାଇରାଲ ହୋଇଥିଲା । ପୁଣି କୋଇଲା ଓ ବାଲି ମାଫିଆଙ୍କ ସହ ରାଜନେତାମାନେ ମିଳିମିଶି ଲୁଟ କରୁଥିବା ମଧ୍ୟ ସେ ଆଉଏକ ଭିଡ଼ିଓରେ ଅଭିଯୋଗ କରିଥିଲେ । ସବୁ ଭିଡ଼ିଓ ଓ ଡ଼ିଜିଟାଲ ପ୍ରମାଣ ତାଙ୍କ ମୋବାଇଲ ଫୋନ୍‌ରୁ ମିଳିବାର ସମ୍ଭାବନା ରହିଛି । ତେବେ ଅନ୍ୟଏକ ସୂତ୍ର ଅନୁସାରେ ବ୍ରଜରାଜନଗର ପୁଲିସ ତାଙ୍କ ମୋବାଇଲକୁ କିଛିଦିନ ତଳେ ଜବତ କରିଥିଲା। ଏ ସମ୍ପର୍କରେ ତାଙ୍କ ପତ୍ନୀ ଅଭିଯୋଗ କରିବା ପରେ ରବିଙ୍କୁ ମୋବାଇଲ ଫୋନ ଫେରାଇ ଦିଆଯାଇଥିଲେ ହେଁ, ଏଥିରେ ଥିବା ଅନେକ ଭିଡ଼ିଓ ଓ ଭଏସ୍ ରେକଡର୍‌ରୁ ଅଧିକାଂଶ ଉଡ଼ାଇ ଦିଆଯାଇଥିଲା। ଅପରପକ୍ଷରେ ରବିଙ୍କ ମୃତ୍ୟୁର ୨ ମାସ ପୂର୍ବରୁ ଜୁନ ମାସରେ ଅନ୍ୟଜଣେ ସାମାଜିକ କର୍ମୀ ତ୍ରିନାଥ ଗୁଆଲଙ୍କ ଶବ ରେଳ ଧାରଣାରୁ ସନ୍ଦିଗ୍ଧ ଭାବରେ ମିଳିଥିଲା । ଏହି ରହସ୍ୟର ସମାଧାନ ଏଯାଏ ହୋଇ ପାରିନାହିଁ । ଏହି ସମୟରେ ପୁଣି ରବି ସୋନିଙ୍କ ସନ୍ଦିଗ୍ଧ ମୃତ୍ୟୁକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ହତ୍ୟା ଅଭିଯୋଗ...

ବୋଲି ତାଙ୍କ ସସମ୍ପର୍କୀୟମାନେ କହିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଅପରାହ୍ନରେ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ଏବଂ ସେହି ଆଧାରରେ ପୁଲିସ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି।


**NOTICE**

By virtue of an affidavit sworn before Executive Magistrate, Cuttack, dated 29.07.2026 I, Kamaruddin Ansari, Address At- Gunjarpur, Post-Bhairpur, Ps-Jagatpur, Dist-Cuttack, Pin-754200, Odisha declare that I have changed my name from Sk Raju to Kamaruddin Ansari. Henceforth, I shall be known as **Kamaruddin Ansari** for all purposes.

**Kamaruddin Ansari**

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, dated 23.06.2026, I, SIBA SHANKAR AGARWAL, At- Pabpali, PO/PS-Sason, Dist. Sambalpur-768200, declare that my correct name is SIBA SHANKAR AGARWAL, but in my Aadhar Card it has been wrongly recorded as Shiv Sankar Agrawal. That SIBA SHANKAR AGARWAL and Shiv Sankar Agrawal is one and the same person. Henceforth, I shall be known as **SIBA SHANKAR AGARWAL** for all purposes.

**Sd/- Siba Shankar Agarwal**

**AFFIDAVIT**

By virtue of an affidavit sworn before Executive Magistrate, Bargarh dated 28th day of August 2026, I, Pradeep Kumar Mallick, Son of Pramod Kumar Mallick permanent resident of Nagaon, Po.- Garvana, Ps/Tah.- Sohela, Dist.- Bargarh (Odisha), PIN- 768033 currently residing at Padhanpali, Po.- Jamurda, Ps/ Tah/Dist.- Bargarh (Odisha), PIN- 768038, declare that I have changed my name from **Jhuna Mallik** to **Pradeep Kumar Mallick**. Henceforth, I shall be known as **Pradeep Kumar Mallick** for all purposes.

**Sd/- Pradeep Kumar Mallick**

**NOTICE**

By virtue of an affidavit sworn before Executive Magistrate, Salipur, Cuttack, dated 13.08.2026 I, Babaji Muduli Address At-Raghabapur, Post-Sisua, Ps-Salipur, Dist-Cuttack, Pin-754200, Odisha declare that I have changed my name from Brajabandhu Muduli to Babaji Muduli. Henceforth, I shall be known as **Babaji Muduli** for all purposes.

**Babaji Muduli**

**NOTICE**

By virtue of an affidavit sworn before the Executive Magistrate, Dhenkanal, dated 28.08.2026 I, Banabihari swain s/o - Brundaban swain At-Haradaberena, P.o-Chirulei, Ps. Gondia, Dhenkanal, Odisha ,Pin-759014 declare that I have changed my name from Banamali Swain to Banabihari Swain. Henceforth ,I shall be known as **Banabihari swain** for all purposes.

**Banabihari Swain**

34001/702/2627

E-Mail I.D. -eepwdcuttack@gmail.com
Tel./ Fax No. (0671)-2304128

**OFFICE OF THE SUPERINTENDING ENGINEER**
**KATAKA (R&B) DIVISION NO.I: KATAKA**

**Cancellation Notice**

Tender for the work at Sl No. 1 & 2 vide this office Bid Identification No. S.E.CTC (R&B) 18 of 2026-27 (Tender ID:- 2026_EICCL_139561_1 & 2026_EICCL_139569_1) is hereby cancelled due to unavoidable of circumstances.

Sd/-
Superintending Engineer,
Kataka (R&B) Division No.I,
Kataka

OIPR-34001/34091/1/26-27/0015

**TPNODL** TP NORTHERN ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**ସର୍ବସାଧାରଣ ବିଜ୍ଞପ୍ତି**

ସ୍ଥାୟୀ ଭାବରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଉପଭୋକ୍ତାଙ୍କ ପାଇଁ ଦାବିହୀନ ସୁରକ୍ଷା ଜମା (SD) ଫେରସ୍ତ

ମାନ୍ୟବର ଓଡିଶା ବିଦ୍ୟୁତ ନିୟମକ ଆୟୋଗ (OERC) ତାଙ୍କ ୨୪.୦୩.୨୦୨୬ ତାରିଖର ଖୁଚୁରା ଯୋଗାଣ ଶୁଳ୍କ ଆଦେଶ ମାଧ୍ୟମରେ ସମଗ୍ର ଓଡିଶାର ସମସ୍ତ ସ୍ଥାୟୀଭାବେ ବିଚ୍ଛିନ୍ନ (PD) ଉପଭୋକ୍ତାଙ୍କ ପାଇଁ "ଏକକାଳୀନ ଦାବି" (One-Time Claim) ଯୋଜନା ଆରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ସେମାନେ ବିତରଣ କମ୍ପାନୀଗୁଡ଼ିକ ନିକଟରେ ଦାବି ନହୋଇ ରହିଥିବା ସୁରକ୍ଷା ଜମା (SD) ଫେରସ୍ତ ପାଇପାରିବେ। ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (TPNODL) ଅଧୀନରେ ଥିବା ସମସ୍ତ ଯୋଗ୍ୟ ପିଡି ଉପଭୋକ୍ତାଙ୍କୁ ଏହି ସୁଯୋଗର ଲାଭ ଉଠାଇବା ପାଇଁ ଅନୁରୋଧ କରାଯାଉଛି।

A. ଯୋଗ୍ୟତା ଓ ପ୍ରକ୍ରିୟା:
୧) ଆବେଦକଙ୍କୁ ଟିପିଏନ୍‌ଓଡିଏଲ୍ ର ୱେବସାଇଟ୍ (www.tpnodl.com) ରେ ଉପଲବ୍ଧ ଥିବା ଆବେଦନ ପତ୍ରକୁ ସଠିକ୍ ଭାବରେ ପୂରଣ କରି ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ରରେ ଦାଖଲ କରିବାକୁ ପଡିବ।
୨) ନିମ୍ନଲିଖିତ ଦଲିଲପତ୍ର ସହିତ ଆବେଦନ ପତ୍ରରେ ଉଲ୍ଲେଖ ହୋଇଥିବା ଅନ୍ୟାନ୍ୟ ଦସ୍ତାବିଜ ଦାଖଲ କରିବା ଆବଶ୍ୟକ:
I. ଉପଭୋକ୍ତା ପରିଚୟ ପ୍ରମାଣ:
ବିଦ୍ୟୁତ ବିଲ୍ / ଦେୟ ରସିଦ୍ / ନୂତନ ସଂଯୋଗ ସମୟରେ ଦାଖଲ କରାଯାଇଥିବା ଆବେଦନ ପତ୍ର / ବିଚ୍ଛିନ୍ନ ପତ୍ର
II. ବୈଧ ପରିଚୟ ପ୍ରମାଣ:
a. ଯଦି ଆବେଦକ ଜଣେ ବ୍ୟକ୍ତିବିଶେଷ, ତେବେ ତାଙ୍କର ଆଧାର କାର୍ଡ ଦାଖଲ କରିବା ଆବଶ୍ୟକ। ଯଦି ଆଧାର କାର୍ଡ ଉପଲବ୍ଧ ନଥାଏ, ତେବେ ନିର୍ବାଚନ ପରିଚୟପତ୍ର / ପାସପୋର୍ଟ / ଡ୍ରାଇଭିଂ ଲାଇସେନ୍ସ / ରାସନ୍ କାର୍ଡ ସହିତ ଫଟୋ ରହିଥିବା କୌଣସି ପରିଚୟପତ୍ର / ପାନ କାର୍ଡ ମଧ୍ୟ ଗ୍ରହଣଯୋଗ୍ୟ।
III. ଯଦି ଆବେଦକ କୌଣସି କମ୍ପାନୀ, ଟ୍ରଷ୍ଟ, ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ ଇତ୍ୟାଦି ହୁଅନ୍ତି, ତେବେ ଆବେଦନ ପତ୍ରରେ ଯୋଗ୍ୟ କର୍ତ୍ତୃପକ୍ଷ (ଯଥା: ବ୍ରାଞ୍ଚ ମ୍ୟାନେଜର, ପ୍ରିନ୍ସିପାଲ, ଏକ୍ସିକ୍ୟୁଟିଭ୍ ଇଞ୍ଜିନିୟର ଇତ୍ୟାଦି)ଙ୍କ ଦସ୍ତଖତ ରହିବା ଆବଶ୍ୟକ, ଏହା ସହିତ ସମ୍ପୃକ୍ତ ସଂସ୍ଥାର ସଂକଳ୍ପ / ଅଧିକାର ପତ୍ର ଦାଖଲ କରିବାକୁ ପଡିବ।
IV. ବ୍ୟାଙ୍କ ଖାତା ବିବରଣୀ: ଡିଜିଟାଲ ଫେରସ୍ତ ପାଇଁ କ୍ୟାନସଲ୍ଡ ଚେକ୍ / ପାସବୁକ୍ କପି ଦାଖଲ କରିବା ଆବଶ୍ୟକ। ବ୍ୟାଙ୍କ ଖାତା ସ୍ଥାୟୀଭାବେ ବିଚ୍ଛିନ୍ନ ହେବାକୁଥିବା ଉପଭୋକ୍ତାଙ୍କ ନାମରେ ରହିବା ଆବଶ୍ୟକ।
B. ଫେରସ୍ତ ପ୍ରକ୍ରିୟା : ଯଥୋଚିତ ସତ୍ୟାପନ ଓ ବକେୟା ଦେୟର ଯାଞ୍ଚ ପରେ, ଯଦି କିଛି ବକେୟା ସୁରକ୍ଷା ଜମା ରାଶି ରହିଥାଏ, ତାହା କେବଳ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଫେରସ୍ତ ଦିଆଯିବ।
C. ଯୋଜନାର ବୈଧତା: ଏହି ଯୋଜନା ୩୧ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବୈଧ ରହିବ।
ଅଧିକ ସୂଚନା ପାଇଁ ଆମ ଗ୍ରାହକ ସେବା କେନ୍ଦ୍ର କିମ୍ବା କଲ୍‌ସେଣ୍ଟର (1800-3456-718 କିମ୍ବା 1912) ସହିତ ଯୋଗାଯୋଗ କରନ୍ତୁ।

यूनियन बैंक ऑफ इंडिया | Union Bank of India | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ଭ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank.in, ମୋ.: ୯୬୬୮୩୭୬୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **୧୭.୦୯.୨୦୨୬ରିଖ** ରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**କୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ସାହାଡ଼ା ଶାଖା, ଲାଲାଜୀବଜାର, ସାହାଡ଼ା, ଜିଲ୍ଲା: ଭଦ୍ରକ, ମୋ.: ୭୯୦୩୭୧୭୫୭୮, ଇମେଲ: ubin0821349@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ଋଣା,** ପିତା: ସନାତନ ଋଣା / **ସହ-ଆବେଦନକାରୀ:** ଶ୍ରୀମତୀ ଜୟଲକ୍ଷ୍ମୀ ଋଣା, ସ୍ୱାମୀ: ଶ୍ରୀ କାର୍ତ୍ତିକ ଋଣା, ଉଭୟଙ୍କ ଠିକଣା- ସା: ଚକପୁର, ପୋ: ଗୋରାମାଟି, ଭାୟା: ସାବରଙ୍ଗ, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୨୩ | ୨୨.୦୧.୨୦୨୬ ସୁଦ୍ଧା ଟ.୯,୧୬,୬୯୪.୬୯ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ଶ୍ରୀମତୀ ଜୟଲକ୍ଷ୍ମୀ ଋଣା,** ସ୍ୱାମୀ: ଶ୍ରୀ କାର୍ତ୍ତିକ ଋଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୨୩୭/୨୨୧, ପ୍ଲଟ୍ ନଂ.: ୩୧୪୦/୩୭୯୦, କ୍ଷେତ୍ର: ଏକର୦.୦୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୩୧୪୧/୩୭୯୧, କ୍ଷେତ୍ର: ଏକର୦.୧୩୧ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୮୧ଡିସିମିଲି,** ମୌଜା: ଗୋରାମାଟି, ଥାନା/ତହସିଲ/ଏସ୍‌ଆରଓ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚଉହଦୀ- ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ନିଜସ୍ୱ, ପୂର୍ବ: ପ୍ଲଟ୍ ନଂ. ୩୧୪୧ (ଅଂଶ), ପଶ୍ଚିମ: ମୁରଲୀ ଋଣା ଏବଂ ଅନ୍ୟମାନେ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୭,୮୨,୫୦୦.୦୦ / ଅମାନତ ଜମା ରାଶି: ଟ.୩,୭୮,୨୫୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୭,୮୨୫.୦୦**

**ଇ-ନିଲାମ ତାରିଖ ଏବଂ ସମୟ: ୧୭.୦୯.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com**

**ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ**

**ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.bank.in ଦେଖନ୍ତୁ।**

**ସ୍ଥାନ: ବାଲେଶ୍ୱର, ତାରିଖ: ୨୮.୦୮.୨୦୨୬** | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

13001/1675/2627

*Office of the*
**Jaleswar Municipality, Jaleswar**
**Dist.: Balasore, Odisha - 756032**
Ph: (06781) 222407 • E-mail : jaleswarmunicipality@gmail.com

No. **4248** Date **25.08.2026**

**SHORT QUOTATION CALL NOTICE**

The Executive Officer, Jaleswar Municipality on behalf of Jaleshwar Municipal Council, Jaleshwar invites sealed Quotation from reputed intending Agency / supplier / Local Supplier / authorized dealer having valid GST, PAN etc for Supply and installation of LED Display Board and the specification of items with term & condition may be obtained from the office from **25.08.26** to **07.09.26** during Office hours.

The Quotationer will deposit Rs 2,000/- ( Rupees two thousand ) only as paper cost ( Non-Refundable ). The quotation should reach to the undersigned on or before **08.09.26** till **03 PM** through speed post/ Registered Post/Courier/ by hand. The Quotation will be opened on dt **08.09.26** at **04.00 PM** in the presence of the Quotationer or their authorized representative. The undersigned reserves all rights to reject any or all quotations without assigning any reason thereof.

Executive Officer
Jaleshwar Municipality

OIPR-13001/13126/1/26-27/0006

25001/1032/2627 E-Mail – rwd.bonai@yahoo.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BONAI**

**TENDER CALL NOTICE**

**BID IDENTIFICATION NO. ONLINE-EEBNI-07 of 2026-27**

1. Name of the Work :- Building Works
2. Total No. of works :- 06 (Six) Nos.
3. Estimated cost :- Rs. 13.61 – 48.30 Lakhs
4. Class of contractor :- "B" & "C" Class
5. Period of completion :- 06 (Six) Month
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Technical + Financial Bid Opening |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | ONLINE - EEBNI-07 of 2026-27 | 01.09.2026 from 11.00 AM | 15.09.2026 upto 05.00 PM | 14.09.2026 upto 5.00 PM | 16.09.2026 11.00 AM |

Further details can be seen from the website www.tendersorissa.gov.in & for more information please visit the office.

Sd/-
Superintending Engineer
RW Division, Bonai

OIPR-25001/25200/1/26-27/0009

13001/1669/2627

**ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟ; ବୀରମିତ୍ରପୁର**
**ପୌରପାଳିକା କାର୍ଯ୍ୟାଳୟ ବୀରମିତ୍ରପୁର- ୭୭୦୦୩୩**
**OFFICE OF THE BIRMITRAPUR MUNICIPALITY; BIRMITRAPUR**
**Municipality Office, Birmitrapur-770033**
Website:- https://birmitrapur.in, E-mail: biramitrapurm.hud@nic.in

**ନିଲାମ ନୋଟିସ୍**
**ସଂଖ୍ୟା : ୨୧୧୬, ତାରିଖ: ୨୫.୦୮.୨୦୨୬**

ବୀରମିତ୍ରପୁର କୋର୍ଟ ସମ୍ମୁଖରେ ନବ ନିର୍ମିତ ୩ (ତିନି) ଗୋଟି ଦୋକାନ ଗୃହକୁ ଖୋଲା ନିଲାମ ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ଖୋଲା ନିଲାମ ରେ ଅଂଶଗ୍ରହଣ କରିପାରିବେ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା ।

| କ୍ର.ନଂ. | ଦୋକାନ | ନିର୍ଦ୍ଧାରିତ ପାରମ୍ଭିକ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ | ମାସିକ ଦୋକାନ ଭଡା |
|---|---|---|---|---|
| ୧ | ବୀରମିତ୍ରପୁର କୋର୍ଟ ସମ୍ମୁଖରେ ନବ ନିର୍ମିତ ୩ (ତିନି) ଗୋଟି (ଦୋକାନ ନଂ- ୦୩. ୦୪ ଏବଂ ୦୭) | ଟ.୧,୫୦,୦୦୦/- | ଟ.୧୫,୦୦୦/- | ଟ.୨୫୦୦/- |

**ସର୍ତ୍ତାବଳୀ**
୧-କେବଳ ବୀରମିତ୍ରପୁର ପୌରାଞ୍ଚଳର ବସିନ୍ଦା ଉକ୍ତ ନିଲାମରେ ଭାଗ ନେଇପାରିବେ ।
୧-ପୂର୍ବରୁ ପରିଷଦର ବକେୟା ଦେୟ ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ । ଏହି ସକାଶେ ବ୍ୟକ୍ତି ନିଜେ ଆତ୍ମଘୋଷଣା ନାମା ଦାଖଲ କରିବେ ।
୩-ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ ।
୪-ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ଉପସ୍ଥିତ ରହି ନିର୍ଦ୍ଧାରିତ ଦୋକାନ ର ଅମାନତ ରାଶି ପୌରପାଳିକା ପାଣ୍ଠିରେ ଜମା କରି କରିବେ । ଅନ୍ୟଥା ନିଲାମ ଡାକ ରେ ଅଂଶ ଗ୍ରହଣ କରିପାରିବେ ନାହିଁ ।
୫-ଯେଉଁ ବ୍ୟକ୍ତିଙ୍କ ନାମରେ ପୂର୍ବରୁ ପୌରପାଳିକା ତରଫରୁ ଦୋକାନ ଗୃହ ଆବଣ୍ଟିତ ହୋଇଥାଏ, ତେବେ ଉକ୍ତ ବ୍ୟକ୍ତି ନିଲାମ ଡାକରେ ଭାଗ ନେଇ ପାରିବେ ନାହିଁ ।
୬-ନିଲାମ ଡାକ ନିର୍ଦ୍ଧାରିତ ପ୍ରାରମ୍ଭିକ ମୂଲ୍ୟଠାରୁ ଆରମ୍ଭ ହୋଇ ଟ.୫୦୦୦.୦୦ ଙ୍କା ଲେଖାଏଁ ବଢି ବଢି ଯିବ ।
୭-ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଡାକ ନିଲାମ ସିଦ୍ଧ ହେବ, ସେ ଉକ୍ତ ନିଲାମ ଡାକରେ ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ । ନଚେତ୍ ତାଙ୍କର ଅମାନତ ରାଶି ଟଙ୍କା ବ୍ୟାଜାପ୍ତି କରାଯିବ ।
୮-ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ନିଲାମ ଡାକ ଓ ଆବଣ୍ଟନ ବାବଦରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।
୯-ତା.୦୯.୦୯.୨୦୨୬ ରିଖ ସମୟ-ପୂର୍ବାହ୍ନ ୧୧ଟା- ନିଲାମ ଡକାଯିବ, ସ୍ଥାନ-ପୌରପରିଷଦ ସଭାଗୃହ, ବୀରମିତ୍ରପୁର ପୌରପାଳିକା ।

ନିର୍ବାହୀ ଅଧିକାରୀ
ବୀରମିତ୍ରପୁର ପୌରପରିଷଦ

OIPR-13001/13139/1/26-27/0007

13001/1664/2627

**କଟକ ମହାନଗର ନିଗମ**
**୧୫୦ ବର୍ଷ ପୂର୍ତ୍ତି**
**ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ**
**କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**

**କାର୍ଯ୍ୟସୂଚୀ**

**ତା.୨୯.୦୮.୨୦୨୬ରିଖ**

ପ୍ରାତଃ ୦୯.୦୦ ଘଟିକା: ନିଗମ ଅଂଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡିକର ଶୁଭ ଉଦ୍ଘାଟନ ।
ଅପରାହ୍ନ ୦୪.୦୦ ଘଟିକା: ସାଧାରଣ ସଭା, ଶହୀଦ ଭବନ, କଟକ
ମୁଖ୍ୟ ଅତିଥି : ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ
ସତନ୍ତ୍ର ଅତିଥି : ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ମାନ୍ୟବର ପୂର୍ବତନ ସାଂସଦ(ରାଜ୍ୟସଭା) ତଥା ବିଧାୟକ ଏବଂ ସମ୍ପାଦକ, ସମ୍ବାଦ
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ମୁଖ୍ୟବକ୍ତା : ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମିଶ୍ର, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କଟକ
ସନ୍ଧ୍ୟା ୦୫.୦୦ ଘଟିକା: ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।
ସନ୍ଧ୍ୟା ୦୬.୦୦ ଘଟିକା: ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।
ସନ୍ଧ୍ୟା ୦୭.୦୦ ଘଟିକା : କଟକ ମହାନଗର ନିଗମ ଚିତ୍ତ ବିନୋଦନ କ୍ଲବ କର୍ମଚାରୀଙ୍କ ଆନୁକୂଲ୍ୟରେ ନାଟକ ପରିବେଷଣ "ଭସା ମେଘର ଛାଇ"

**ତା.୩୦.୦୮.୨୦୨୬ରିଖ**

ପ୍ରାତଃ ୦୯.୦୦ ଘଟିକା: ରକ୍ତଦାନ ଶିବିର, ଟାଉନ ହଲ, କଟକ
ଅପରାହ୍ନ ୦୪.୦୦ ଘଟିକା: ସାଧାରଣ ସଭା, ଶହୀଦ ଭବନ, କଟକ
ମୁଖ୍ୟ ଅତିଥି: ଡଃ ଜଷ୍ଟିସ ଅରିଜିତ୍ ପଶାୟତ, ପ୍ରାକ୍ତନ ବିଚାରପତି, ସର୍ବୋଚ୍ଚ ନ୍ୟାୟାଳୟ ତଥା ଉପାଧ୍ୟକ୍ଷ ଏସ୍.ଆଇ.ଟି.
ମୁଖ୍ୟବକ୍ତା : ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା) କଟକ
ସତନ୍ତ୍ର ଅତିଥି : ଶ୍ରୀଯୁକ୍ତ ସୌରିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ. ଇଂ. ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ, ଇଂ. ପ୍ରକାଶ ଚନ୍ଦ୍ର ସେଠୀ ମାନ୍ୟବର ବିଧାୟକ, କଟକ ସଦର
ସନ୍ଧ୍ୟା ୦୫.୦୦ ଘଟିକା: ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ।
ସନ୍ଧ୍ୟା ୦୬.୦୦ ଘଟିକା : କଟକ ମହାନଗର ନିଗମ ଚିତ୍ତ ବିନୋଦନ କ୍ଲବ କର୍ମଚାରୀଙ୍କ ଆନୁକୂଲ୍ୟରେ ନାଟକ ପରିବେଷଣ 'ଭସା ମେଘର ଛାଇ"

**ତା.୩୧.୦୮.୨୦୨୬ରିଖ**

ପୂର୍ବାହ୍ନ -୦୮.୦୦ ଘଟିକା : କଟକ ମହାନିଗମ ନିଗମ କାର୍ଯ୍ୟାଳୟ ପରିସରରେ ଛାତ୍ର/ଛାତ୍ରମାନଙ୍କ ସହିତ ଜାତୀୟ ପତାକା ଉତ୍ତୋଳନ କରାଯିବ ।
ପୂର୍ବାହ୍ନ -୦୯.୩୦ ଘଟିକା : ଦତ୍ତାଶ୍ରମ, ବାଳାଶ୍ରମ, ଶିଶୁ ଭବନ, ଅନ୍ଧ ମୂକ ବଧିର ବିଦ୍ୟାଳୟ ଓ ସହାୟ ବିଦ୍ୟାଳୟର ଅନ୍ତେବାସୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯିବ ।
ଅପରାହ୍ନ-୦୪.୩୦ ଘଟିକା; ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ୱାର୍ଡ ନଂ-୯ ରାଜସ୍ୱ ପୁଷ୍କରିଣୀ ପୁନଃଉଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ।
ସନ୍ଧ୍ୟା -୦୫.୦୦ ଘଟିକା: ଶହୀଦ ଭବନ, କଟକ ଠାରେ ସାଧାରଣ ସଭା ଓ ଅତିଥି ସମ୍ବର୍ଦ୍ଧନା ଉତ୍ସବ ଓ କର୍ପୋରେଟର ମାନଙ୍କ ସମ୍ବର୍ଦ୍ଧନା

ମୁଖ୍ୟ ଅତିଥି
ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା
ମୁଖ୍ୟବକ୍ତା: ଡ. ସଂବୃତ୍ତ ମିଶ୍ର, ମାନ୍ୟବର ସାଂସଦ (ରାଜ୍ୟସଭା)
ସତନ୍ତ୍ର ଅତିଥି: ଶ୍ରୀଯୁକ୍ତ ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସ. କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ
ସମ୍ମାନିତ ଅତିଥି ବୃନ୍ଦ : ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ (ଭା.ପ୍ର.ସେ) ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ଋଷିକେଶ ଦ୍ୟାନଦେଓ, (ଭା.ପ୍ର.ସେ) ଡିସିପି, କମିଶନରେଟ ପୋଲିସ, କଟକ
ଶ୍ରୀମତୀ ମୋନାଲିସା ଦାସ, ଅଧ୍ୟକ୍ଷା, ଏଜୁକେସନ, ରିକ୍ରେସନ, କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି
ରାତ୍ର - ୦୮.୦୦ ଘଟିକା : ସାଂସ୍କୃତିକ କାର୍ଯ୍ୟକ୍ରମ

**ସୁଶ୍ରୀ କିରନ୍‌ଦିପ କୌର ସହୋତା, (ଭା.ପ୍ର.ସେ)** ଆୟୁକ୍ତ | **ସୁଶ୍ରୀ ଦମୟନ୍ତୀ ମାଝୀ** ଡେପୁଟି ମେୟର | **ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ** ମେୟର

**ନିଗମର ସମସ୍ତ କର୍ପୋରେଟର, ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ**

OIPR-13001/13031/1/26-27/0058

ସକାଳ THE SAKALA



### ହାଇଦ୍ରାବାଦରୁ ଘରକୁ ଫେରୁଥିଲେ

# ଅଧା ବାଟରୁ ନିଖୋଜ ହୋଇଗଲେ ଦାଦନ ଶ୍ରମିକ

**କୋକସରା, ୨୮।୮ (ସମିସ)**

ଘର, ପରିବାର ଛାଡ଼ି ପେଟପାଟଣା ପାଇଁ ବାହାର ରାଜ୍ୟକୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକ ହାଇଦ୍ରାବାଦ ସହରରୁ ଫେରିବା ବାଟରେ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ଶ୍ରମିକ ଜଣକ ହେଲେ କାଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଭାଲିଆଯୋର ଗ୍ରାମର ଜୟସିଂ ଧଙ୍ଗଡ଼ାମାଝୀ (୪୫)।

ମିଳିଥିବା ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ କାମଧନ୍ଦାର ଘୋର ଅଭାବ ଯୋଗୁଁ ଜୟସିଂ ଗତ ୪-୫ ମାସ ତଳେ ପରିବାର ପୋଷଣ ପାଇଁ ହାଇଦ୍ରାବାଦକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ତେବେ ଗତ କିଛିଦିନ ହେବ ସେଠାରେ ସେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ଏବଂ ବିଶ୍ରାମ ପାଇଁ ଗତ ମଙ୍ଗଳବାର ସେ' ଟ୍ରେନ୍ ଯୋଗେ ଘରକୁ ଫେରୁଥିଲେ। ନିର୍ଦ୍ଧାରିତ ସମୟ ଅନୁସାରେ ଗୁରୁବାର ସୁଦ୍ଧା ଜୟସିଂ ଗାଁରେ ପହଞ୍ଚିବାର ଥିଲା।



ମାତ୍ର ସେ ଘରେ ନ ପହଞ୍ଚିବାରୁ ଏବଂ ତାଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ସେଠାରେ ଥିବା ଅନ୍ୟ ଶ୍ରମିକଙ୍କ ସହିତ ଯୋଗାଯୋଗ ପରେ ମଧ୍ୟ କୌଣସି ସନ୍ଧାନ ନ ମିଳିବାରୁ ପରିବାର ପକ୍ଷରୁ ଗତ ଶନିବାର ଦିନ ଆମପାଣି ଥାନାରେ ଏକ ନିଖୋଜ ମାମଲା ଦାୟର କରାଯାଇଛି। ଅପରପକ୍ଷରେ ଜୟସିଂଙ୍କୁ ଖୋଜିବା ପାଇଁ ପରିବାର ଲୋକେ ହାଇଦ୍ରାବାଦ ବାହାରିଥିବା ତାଙ୍କ ବଡ଼ଭାଇ ସୂଚନା ଦେଇଛନ୍ତି।

ପ୍ରକାଶଥାଉ କି, ଏହି ଅଞ୍ଚଳରେ ରୋଜଗାରର ପନ୍ଥା ନ ଥିବାରୁ ବହୁ ଶ୍ରମିକ ପ୍ରତିବର୍ଷ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବିଭିନ୍ନ ସମୟରେ ସେମାନେ ବିଭିନ୍ନ କାରଣରୁ ଆଉ ଘରକୁ ଫେରିପାରୁନାହାନ୍ତି। ବହୁ ଶ୍ରମିକଙ୍କ ମୃତ୍ୟୁ ପରେ ଶବ ଗାଁକୁ ଫେରିବାର ବି ନଜିର ରହିଛି। ଅନ୍ୟପଟେ ପ୍ରଶାସନିକସ୍ତରରେ ନିଖୋଜ ଶ୍ରମିକଙ୍କୁ ତୁରନ୍ତ ଉଦ୍ଧାର ପାଇଁ ଉଦ୍ୟମ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ବଞ୍ଜାରୀ ଘାଟିରେ ପୁଣି ଓଲଟିଲା ଏଲ୍‌ପିଜି ଗ୍ୟାସ ଟ୍ୟାଙ୍କର

**ନୀରବଦ୍ରଷ୍ଟା ପ୍ରଶାସନ**

# ଶ୍ରମଦାନ କରି ରାସ୍ତା ସଜାଡ଼ିଲେ ଛାତ୍ରଛାତ୍ରୀ





**କୋମନା, ୨୮।୮ (ସମିସ):** ପ୍ରଶାସନର କର୍ଣ୍ଣପାତ କଲାନାହିଁ, ଶେଷରେ ନିଜ ହାତରେ -କୋଦାଳ ଧରିଲେ ଛାତ୍ରଛାତ୍ରୀ। ନୂଆପଡ଼ା ଜିଲ୍ଲା କୋମନା ପୁରୁଣା ବ୍ଲକ ଛକରୁ ବଲାଙ୍ଗୀର ଜିଲ୍ଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ସ୍ଥାନୀୟ ଯୁବକମାନେ ନିଜସ୍ୱ ଉଦ୍ୟମରେ ମରାମତି କରିଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକଡ଼ରେ ସରସ୍ୱତୀ ଶିଶୁ ମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, +୨ ଓ +୩ ମହାବିଦ୍ୟାଳୟ ସମେତ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ କୋର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ପ୍ରତିଦିନ ହଜାର ହଜାର ଛାତ୍ରଛାତ୍ରୀ, ରୋଗୀ ଓ ସାଧାରଣ ଲୋକେ ଏହି ପଥ ଦେଇ ଯାତାୟାତ କରିଥାନ୍ତି। ଗତ ଜୁଲାଇ ଓ ଅଗଷ୍ଟ ପ୍ରଥମ ସପ୍ତାହର ଲଗାଣ ବର୍ଷାରେ ରାସ୍ତାଟି ସମ୍ପୂର୍ଣ୍ଣ ଧୋଇଯାଇ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିଲା। ଫଳରେ ଦିନତମାମ ଧୂଳି ଓ କାଦୁଅ ସାଙ୍ଗକୁ ଦୁର୍ଘଟଣା ଆଶଙ୍କା ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରି ପକାଇଥିଲା।

ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ ମରାମତି ନହେବାରୁ ବାଧ୍ୟ ହୋଇ କୋମନା ପଞ୍ଚାୟତ ସମିତି ମାଧ୍ୟମିକ ବିଦ୍ୟାଳୟର ଏନଏସଏସ ଏବଂ ଜେଆରସି ୟୁନିଟର ୨୦ରୁ ଅଧିକ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଆଗେଇ ଆସିଥିଲେ। ସେମାନେ ନିଜେ କୋଡ଼ି, କୋଦାଳ ଓ ଟାଙ୍ଗୀ ଧରି ପ୍ରାୟ ୨୦୦ ମିଟର ଲମ୍ବର ଖାଲଖମା ରାସ୍ତାରେ ମାଟି ଓ ପଥର ପକାଇ ଗମନାଗମନ ଉପଯୋଗୀ କରିଛନ୍ତି।

ଛାତ୍ରଛାତ୍ରୀଙ୍କ ଏପରି ସେବା ଓ ସଚେତନତା କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ମାତ୍ର ପ୍ରଶାସନର ଏଭଳି ଉଦାସୀନତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏବେ ମଧ୍ୟ ଏହି ରାସ୍ତାର ସ୍ଥାୟୀ ପକ୍କାକରଣ ଓ ପୁନରୁଦ୍ଧାର ପାଇଁ ଦାବି ଜୋର ଧରିଛି।

## ୪ ଦିନ ହେଲା ଅନ୍ଧାରରେ ୮ ଶହ ଲୋକ

**ଖଡ଼ିଆଳ, ୨୮।୮ (ସମିସ):** ଡୁଆଝର ଗ୍ରାମର ଜଗନ୍ନାଥ ମନ୍ଦିରପଡ଼ା ଓ ଚଚରାପଡ଼ାକୁ ବିଦ୍ୟୁତ୍ ଯୋଗାଣ କରୁଥିବା ଟ୍ରାନ୍ସଫର୍ମର ଗତ ୨୫ ତାରିଖରେ ପୋଡ଼ି ଯାଇଥିବାରୁ ଦୁଇଟି ପଡ଼ାର ୮ ଶହରୁ ଅଧିକ ଲୋକ ଗତ ୪ ଦିନ ହେଲା ଅନ୍ଧାରରେ ରହିଛନ୍ତି। ବର୍ଷା ଓ ଅନ୍ଧାର ରାତିରେ ଜନ୍ତୁ ଭୟ ଘାରୁଛି ପଡ଼ାବାସୀଙ୍କୁ। ଦୀର୍ଘ ସମୟ ଧରି ବିଦ୍ୟୁତ୍ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ଏନେଇ ଗ୍ରାମବାସୀ ତୁରନ୍ତ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରି ଦୁଇ ପଡ଼ାର ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଜୁନାଗଡ଼ ପୁରାତନ ଜଗନ୍ନାଥ ମନ୍ଦିରରେ ପାଟରାକ୍ଷୀ ଅର୍ପଣ




**ଭବାନୀପାଟଣା, ୨୮।୮ (ସମିସ):** ଜୁନାଗଡ଼ ସ୍ଥିତ ସର୍ବପୁରାତନ ଜଗନ୍ନାଥ ମନ୍ଦିରରେ ଆଜି ଭୁବନେଶ୍ୱରରୁ ପହଞ୍ଚିଲା ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ଓ ପାଟରାକ୍ଷୀ। ବିଶିଷ୍ଟ ଶିକ୍ଷାବିତ ତଥା କିଟ୍ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ତତ୍ତ୍ୱାବଧାନରେ କିଟ୍ ଭୁବନେଶ୍ୱର ସ୍ଥିତ ଜଗନ୍ନାଥ ମନ୍ଦିର ପକ୍ଷରୁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ବିଭିନ୍ନ ପୂଜା ସାମଗ୍ରୀ ସହ ପାଟ ବସ୍ତ୍ର ଓ ପାଟ ରାକ୍ଷୀ ପଠେଇଥିଲେ। ପ୍ରାରମ୍ଭରେ ଜୁନାଗଡ଼ ସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ଠାରୁ କଲମପୁର ରୋଡ୍ ଛକ ସ୍ଥିତ ଜଗନ୍ନାଥ ମନ୍ଦିର ଯାଏଁ ଶୋଭାଯାତ୍ରା କରି ପହଞ୍ଚିବା ପରେ ଜଗନ୍ନାଥ ମନ୍ଦିର ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପୂଜକ ବିଶ୍ୱନାଥ ଦାସ ପୂଜାର୍ଚ୍ଚନା କରିଥିଲେ। ମହାପ୍ରଭୁଙ୍କ ଦୈନିକ ପୂଜାବିଧି ସହ ଗୋପାଳ ବଲ୍ଲଭ ଭୋଗ ଲାଗି ହେବା ପରେ ମହାପ୍ରଭୁଙ୍କ ପାଇଁ ପୂଜକ ପାଟ ବସ୍ତ୍ର ସହ ପାଟ ରାକ୍ଷୀ ପ୍ରଦାନ ପରେ ମହାପ୍ରଭୁଙ୍କୁ ଆରତୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ସମାଜସେବୀ ଅଶୋକ ପଟ୍ଟନାୟକ, ଶିକ୍ଷାବିତ ରାଧେଶ୍ୟାମ ପଣ୍ଡା କିସ୍ କଳାହାଣ୍ଡିର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ତ୍ରିଲୋଚନ ପାଣିଗ୍ରାହୀ, କ୍ଷୀରସିନ୍ଧୁ ସାହୁ, ରୁକ୍ମଣୀ ମାଝୀ, ସୁପ୍ରିୟା ପଣ୍ଡା, ଜ୍ୟୋତିର୍ମୟୀ ରଣା, ସୁଜିତ କୁମାର ମେହେର, ଲଳିତା ମାଝୀ, ସଙ୍ଗୀତ ଭୋଇ, ସୁରେନ୍ଦ୍ର ମାଝୀ, ସସ୍ମିତା ମାଝୀ, ପ୍ରିୟଦର୍ଶିନୀ ପୁରୋହିତ, ସୁଜାତା ଆଚାର୍ଯ୍ୟ, ଟେମେଶ୍ୱରି ମାଝୀଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ନୂଆଁ ଖାଇଲେ ଅଲେଖ ଧର୍ମାବଲମ୍ବୀ



**ଖଡ଼ିଆଳ, ୨୮।୮ (ସମିସ):** ଭାଦ୍ରବ ମାସ ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାବାସୀ ନୂଆଁ ଅନ୍ନ ଖାଇଥାନ୍ତି। ତାକୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ବୋଲି କହିଥାନ୍ତି। ହେଲେ ଅଲେଖ ଧର୍ମାବଲମ୍ବୀ ସାଧୁସନ୍ଥ ଓ ଭକ୍ତମାନେ ଶ୍ରାବଣ ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମାରେ ନୂଆଁ ଖାଇଥାନ୍ତି। ତେଣୁ ଆଜି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ଐତିହାସିକ ଯୋଗୀମଠ ପାହାଡ଼ଦେଶରେ ଥିବା ବାବା ମଠର ଅଲେଖ ଧର୍ମାବଲମ୍ବୀମାନେ ମହା ଆଡମ୍ବରରେ ନୂଆଖାଇ ପର୍ବ ପାଳନ କରିଛନ୍ତି। ମଠର ମୁଖ୍ୟବାବା ଲଛମନଙ୍କ ସମେତ ସାଧୁସନ୍ଥ ଓ ମହିମା ଭକ୍ତ ନୂଆଁ ଖାଇଥିଲେ। ଯଦି ବା ନୂଆଖାଇର ପରମ୍ପରା ସମାନ, ତଥାପି ଅଲେଖ ଧର୍ମାବଲମ୍ବୀ ସାଧୁସନ୍ଥମାନଙ୍କ ଅଲଗା ଧର୍ମ ବିଶ୍ୱାସ ରହିଛି। ଅନ୍ୟ ଦେବଦେବୀଙ୍କୁ ଲାଗି ହେବା ପୂର୍ବରୁ ମହିମା ଗୋସାଇଁଙ୍କୁ ପ୍ରଥମ ଭୋଗ ଦେବାର ପରମ୍ପରା ଅନୁସାରେ ଏହା ପାଳନ କରାଯାଏ। ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ର ଭକ୍ତମାନେ ଏହି ମଠକୁ ଆସି ନବାନ୍ନ ଭକ୍ଷଣ କରିଥାନ୍ତି। ଆଜି ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ଅଲେଖ ଧର୍ମାବଲମ୍ବୀମାନଙ୍କ ଭଳି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ତୁକଲା ବାବା ମଠ, ଭୈରାଜପୁର ମଠ, ସିନାପାଲି ବ୍ଲକ ଶରଧାପୁର ବାବା ମଠ, ନିଲଜି ମଠ, ବୋଡ଼େନ ବ୍ଲକ ପାତାଳଗଙ୍ଗା ମଠରେ ନୂଆ ଅନ୍ନ ଖାଇଛନ୍ତି। ସେମାନେ ପ୍ରଥମ ଅମଳ ହେଉଥିବା (ଆଟ ଧାନ)କୁ ନୂଆଁ ପାତ୍ରରେ ସଂଗ୍ରହ କରି ଅଲେଖ ମଠରେ ରଖିଥିଲେ। ଏହା ମାଟି ପାତ୍ରରେ ନୂଆଁ ଧାନକୁ ନିଆଁରେ ଭାଜିବା ପରେ ଗୁଣ୍ଡ କରି ଚୁଡା ପ୍ରସ୍ତୁତ କରିଥିଲେ। ପରେ, ଘିଅ, ଗୁଡ଼, ପଞ୍ଚାମୃତ, କଦଳୀ, ନଡ଼ିଆ ମିଶାଇ ନବାନ୍ନ ତିଆରି ହୋଇଥିଲା। ଅଲେଖ ଗୋସାଇଁଙ୍କୁ ନବାନ୍ନ ଟେକିବା ପରେ ସାଧୁସନ୍ଥମାନେ ମିଳିତ ଭାବରେ ନୂଆଁଅନ୍ନ ଭକ୍ଷଣ କରିଥିଲେ ଓ ଜୁହାର ଭେଟ ହୋଇଥିଲେ। ଏହା ପରେ ସାଧୁସନ୍ଥ ବିଶ୍ୱର ମଙ୍ଗଳ କାମନା କରି ଅଲେଖ ମହିମାଙ୍କୁ ସାମୂହିକ ପ୍ରାର୍ଥନା କରିଥିଲେ।

## ନେହେନା ଦଣ୍ଡସେନା ପରିବାରର ନୂଆଖାଇ ପ୍ରସ୍ତୁତି

**ନେହେନା, ୨୮।୮ (ସମିସ):** ନେହେନା ଦଣ୍ଡସେନା ପରିବାର ପକ୍ଷରୁ ଚଳିତ ବର୍ଷର ପ୍ରଥମ ନୂଆଁଖାଇ ପ୍ରସ୍ତୁତି ବୈଠକ ଖମାରପଡ଼ା ନୁଆଁଖାଇ ପ୍ରାଙ୍ଗଣରେ ବରିଷ୍ଠ ସଦସ୍ୟ ବିଶ୍ୱବନ୍ଧୁ ଦଣ୍ଡସେନାଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଛି। ଆଗାମୀ ନୂଆଁଖାଇ ପର୍ବକୁ ପାରମ୍ପରିକ ରୀତିନୀତି, ଭାଇଚାରା, ଶୃଙ୍ଖଳା ଓ ସାମୂହିକ ଏକତାର ସହିତ ପାଳନ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ନୂଆଁଖାଇ ଆୟୋଜନରେ ଯୁବକମାନଙ୍କ ଭୂମିକା, ଦାୟିତ୍ୱ ଓ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ବଣ୍ଟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ଏକତ୍ର ଏକ ହଜାରରୁ ଅଧିକ ନୂଆଁଖାଇ ପାଳନ କରୁଥିବା ପରିବାର ହେଉଛି ଏହି ନେହେନା ଗ୍ରାମର ଦଣ୍ଡସେନା ପରିବାର।

ପ୍ରତିବର୍ଷ ଏହି ପରିବାର ଏକ ହଜାର ସଦସ୍ୟ ଏକାଠି ନୁଆଁ ଖାଇବା ସହ ପରସ୍ପର ମଧ୍ୟରେ ସ୍ନେହ, ଭାଇଚାରା ଓ ଏକତାର ବନ୍ଧନକୁ ମଜବୁତ କରିଥାନ୍ତି। ଏହି ସାମୂହିକ ନୁଆଁଖାଇ ଆୟୋଜନ ପରିବାରର ଏକତା ଓ ପରମ୍ପରାର ଏକ ଅନନ୍ୟ ଉଦାହରଣ ଭାବେ ପରିଚିତ। ପ୍ରସ୍ତୁତି ବୈଠକରେ ଅଶୋକ, ବିରେନ୍ଦ୍ର, ଗରୁଡ଼ ଧ୍ୱଜ, ଯୁଗଳ, ଆଶୁତୋଷ, ଶିବଲ, ପିଣ୍ଟୁ, ନବୀନ, ଲଲାଟୁ, ଗୋପାଳ, ପପୁଙ୍କ ସମେତ ଦଣ୍ଡସେନା ପରିବାରର ବହୁ ସଦସ୍ୟ ଉପସ୍ଥିତ ନୂଆଖାଇର ଆଲୋଚନା କରିଥିଲେ। ଚଳିତବର୍ଷ ମଧ୍ୟ ନୁଆଁଖାଇକୁ ଅଧିକ ଆନନ୍ଦମୟ, ଶୃଙ୍ଖଳିତ ଓ ଐକ୍ୟବଦ୍ଧ ଭାବେ ପାଳନ କରିବା ପାଇଁ ପରିବାରର ସମସ୍ତ ସଦସ୍ୟଙ୍କ ସହଯୋଗ ଓ ସହଭାଗିତା ନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।



## ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**ଖଡ଼ିଆଳ, ୨୮।୮ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ଥିବା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ ହେଉଛି। ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସୁବିଧା ପାଇଁ ଖଡ଼ିଆଳରେ ଏଲଏଓ ଅଫିସ ଉପଯୁକ୍ତ ସ୍ଥାନ ବୋଲି ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନ ଏକ ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି। ବିଗତ ଦିନରେ ନୂଆପଡ଼ା ଜିଲ୍ଲାର ଏକ ବିଜେପି ପ୍ରତିନିଧ ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଲୋୟର ଇନ୍ଦ୍ର ପ୍ରକଳ୍ପ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ବିଭିନ୍ନ ସମସ୍ୟାକୁ ଉପସ୍ଥାପନ କରିଥିଲେ। ଏହାକୁ ବିସ୍ଥାପିତ ଓ କ୍ଷତିଗ୍ରସ୍ତମାନେ ସ୍ୱାଗତ କରିଛନ୍ତି। କିନ୍ତୁ ଖଡ଼ିଆଳରୁ ଲୋୟରଇନ୍ଦ୍ର ପ୍ରକଳ୍ପ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ଥଇଥାନ ଓ ପୁନର୍ବାସ ଅଧିକାରୀଙ୍କ କାର୍ଯ୍ୟାଳୟକୁ ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟକୁ ସ୍ଥାନାନ୍ତର ଦାବିକୁ ଲୋୟରଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ବିରୋଧ କରିଛି।

ନୂଆପଡ଼ା ଜିଲ୍ଲା କୋମନା, ଖଡ଼ିଆଳ, ବୋଡ଼େନ, ସିନାପାଲି ବ୍ଲକ ସମେତ ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା, ତୁରେକେଲା ବ୍ଲକରେ ଅଧିକାଂଶ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପୁନଃବସତି ସ୍ଥାପନ କରି ବସବାସ କରୁଛନ୍ତି। ଏସବୁ ବ୍ଲକ ଅଞ୍ଚଳର ମଧ୍ୟବର୍ତ୍ତୀ ଖଡ଼ିଆଳ ସହରରେ ଏଲଏଓ ଅଫିସ୍ ଅବସ୍ଥିତ। ଏହି ଅଫିସକୁ ବିସ୍ଥାପିତ ଓ କ୍ଷତିଗ୍ରସ୍ତମାନେ ସହଜ ଓ ସୁବିଧାରେ ଯାତାୟାତ କରି ନିଜ କାମ ହାସଲ କରୁଛନ୍ତି। ଅନ୍ୟପକ୍ଷେ ଖଡ଼ିଆଳ ସହରରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟାର ସମାଧାନ ପାଇଁ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି କାର୍ଯ୍ୟାଳୟ ରହିଛି। ଏଠାରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାର ସୁବିଧାରେ ନିଜ ହକ ଓ ଅଧିକାର ପାଉଛନ୍ତି। ଏଣୁ ଖଡ଼ିଆଳ ସହରରେ ଅବସ୍ଥାପିତ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବାସ ଅଧିକାରୀ କାର୍ଯ୍ୟାଳୟକୁ ଖଡିଆଳ ସହରରେ ପୂର୍ବ ଭଳି ଚାଲୁ ରଖିବାକୁ ରାଜ୍ୟ ସରକାରଙ୍କ ଠାରେ ବିସ୍ଥାପିତ ସହାୟତା ସମିତି ସଭାପତି ଶ୍ରୀ ପ୍ରଧାନ, ସମ୍ପାଦକ ଗୋପୀନାଥ ଗୌଡ଼, ଉପଦେଷ୍ଟା କରୁଣାକର ହୋତା, ଉମରାସିଂ ସାହୁ, ଜୟରାମ ମାଝି, ଧ୍ରୁବ ଚରଣ ଦଳ, ହୃଷୀକେଶ ବେହେରା, ପାରେଶ୍ୱର ମାଝିଙ୍କ ସମେତ ସମସ୍ତ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଅନୁରୋଧ କରିଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ଖଡ଼ିଆଳ, ୨୮।୮ (ସମିସ):** ବୋଡ଼େନ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶକ୍ତିଶ୍ରୀ ନାରୀ ସଶକ୍ତୀକରଣ ସେଲ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଡଃ କିଶୋର କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ଅଧ୍ୟାପିକା କେତେକୀ ମେହେର, ଅମ୍ବିକା ପୁଟେଲ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶକ୍ତିଶ୍ରୀ ସେଲ ସଂଯୋଜିକା ଅଧ୍ୟାପିକା ପ୍ରୀତିସୁଧା ପଣ୍ଡା ଓ ଶକ୍ତିଶ୍ରୀ ସେଲର ସହ ସଂଯୋଜିକା ଖୁସବୁ ମେହେର ଶକ୍ତି ଶ୍ରୀ ସେଲର ଉଦ୍ଦେଶ୍ୟ ତଥା ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଡଃ କର୍ଣ୍ଣ ଅଭିଭାଷଣରେ ନାରୀ ସୁରକ୍ଷା ଓ ସଶକ୍ତିକରଣରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଥିଲେ। ପ୍ରଶିକ୍ଷକା ଭାବେ ସୌଭାଗ୍ୟ ଦଣ୍ଡସେନା ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା କେତକୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଖରିଆର ରୋଡ୍ ଏନ୍‌ଏଚ୍-୩୫୩ ପ୍ରଶସ୍ତୀକରଣ ପାଇଁ ଉଚ୍ଛେଦ

# ୫ ଦିନରେ ୩.୫ କିମି ରାସ୍ତାରୁ ୧୨୪ ଦୋକାନ ଉଚ୍ଛେଦ

**ସିନାପାଲି, ୨୮।୮ (ସମିସ)**

ଖରିଆର ରୋଡ୍ ସହର ଦେଇ ଯାଇଥିବା ଏନ୍‌ଏଚ୍-୩୫୩କୁ ୨ ଲେନ୍‌ରୁ ୪ ଲେନ୍‌କୁ ପ୍ରଶସ୍ତୀକରଣ ପାଇଁ ଚାଲିଥିବା ବ୍ୟାପକ ଉଚ୍ଛେଦ ଅଭିଯାନ ଶୁକ୍ରବାର ସଫଳତାର ସହ ସମାପ୍ତ ହୋଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୫ ଦିନରେ ଶେଷ ହୋଇଥିବା ବେଳେ ପ୍ରାୟ ୩.୫ କିଲୋମିଟର ରାସ୍ତା ପାର୍ଶ୍ୱରେ ଥିବା ମୋଟ ୧୨୪ଟି ଦୋକାନ ଓ ଅନ୍ୟାନ୍ୟ ଅନଧିକୃତ ନିର୍ମାଣ ଉଚ୍ଛେଦ କରାଯାଇଛି।

ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଜିଲ୍ଲାପାଳ ସୁର୍ମି ସୋରେନଙ୍କ ନେତୃତ୍ୱରେ ଗଠିତ ପ୍ରଶାସନିକ ଟିମ୍ ଏହି ଅଭିଯାନକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଏନ୍‌ଏଚ୍-୩୫୩ର ପ୍ରସ୍ତାବିତ ୪ଲେନ୍ ପ୍ରଶସ୍ତୀକରଣରେ ବାଧକ ସାଜୁଥିବା ଅନଧିକୃତ ନିର୍ମାଣଗୁଡ଼ିକୁ ହଟାଯିବା ପରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଆବଶ୍ୟକ ସ୍ଥାନ ଉପଲବ୍ଧ ହୋଇଛି।



ଉଚ୍ଛେଦ ଅଭିଯାନ ସମୟରେ ପ୍ରଶାସନ ପକ୍ଷରୁ ସୁଚାରୁ ସମନ୍ୱୟ ଓ ଆଇନଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣଙ୍କ ସହଯୋଗ ଯୋଗୁଁ ଅଭିଯାନଟି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇପାରିଛି।

ଏହି ଅବସରରେ ଜିଲ୍ଲାପାଳ ଉଚ୍ଛେଦ ଅଭିଯାନର ସଫଳତା ପାଇଁ ମାନ୍ୟବର ବିଧାୟକ, ନୂଆପଡ଼ା ଜୟ ଢୋଲକିଆ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ ଓ ତାଙ୍କ ଟିମ୍, ଖରିଆର ରୋଡ୍‌ର ବ୍ୟବସାୟୀ ସମାଜ, ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମ ପ୍ରତିନିଧିବୃନ୍ଦ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ସହଯୋଗ ଓ ସକାରାତ୍ମକ ମନୋଭାବ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ଉଚ୍ଛେଦ ଟିମ୍‌ରେ ନୂଆପଡ଼ା ତହସିଲଦାର ଲଲାଟେନ୍ଦୁ ଦଣ୍ଡସେନା, ଅତିରିକ୍ତ ତହସିଲଦାର ଦିଲୀପ କୁମାର ପାତ୍ର, କୌସ୍ତୁଭ ସା, ଜଗଜ୍ଜୀବନ ମାଝୀ, ଦୀପ୍ତିମୟୀ ପାଣିଗ୍ରାହୀ ଏବଂ ରାଜସ୍ୱ ପର୍ଯ୍ୟବେକ୍ଷକ ଅକ୍ଷୟ କୁମାର ନାଏକଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀମାନେ ସାମିଲ ଥିଲେ।

ଖରିଆର ରୋଡ୍ ସହର ଦେଇ ଯାଇଥିବା ଏନ୍‌ଏଚ୍-୩୫୩ର ପ୍ରଶସ୍ତୀକରଣ ଫଳରେ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ଓ ସୁରକ୍ଷିତ ହେବା ସହ ଅଞ୍ଚଳର ଭିତ୍ତିଭୂମି ଓ ବାଣିଜ୍ୟିକ ବିକାଶକୁ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି।

## ବାଇକ୍‌ରେ ଶବବୁହା ଘଟଣା | ଡାକ୍ତରଙ୍କୁ ବଞ୍ଚାଇବାକୁ ସୁରକ୍ଷାକର୍ମୀଙ୍କୁ ବଳି

କଣ୍ଟାବାଞ୍ଜି,୨୮।୮ (ସମିସ)

ସରକାରୀ ଡାକ୍ତରଖାନାରେ ଶବବାହକ ଗାଡି ନ ମିଳିବାରୁ ଜଣେ ୧୨ ବର୍ଷର ନାବାଳିକାର ଶବକୁ ତା ପରିବାର ଲୋକେ ବାଇକରେ ନେବାକୁ ବାଧ ହେଲେ। ସେହି ହୃଦୟ ବିଦାରକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସାରା ରାଜ୍ୟରେ ଝଡ ଉଠିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ କଣ୍ଟାବାଞ୍ଜି ଡାକ୍ତରଖାନା କର୍ତ୍ତୃପକ୍ଷ ନିଜ ଭୁଲ୍ ଲୁଚାଇବା ପାଇଁ ସୁରକ୍ଷା କର୍ମୀଙ୍କ ଉପରେ ଦୋଷ ଲଦି ଦେଇଛନ୍ତି।

ଗତ ୨୪ ତାରିଖ ରେ ବଙ୍ଗୋମୁଣ୍ଡା ଥାନା କସିଲ ପଞ୍ଚାୟତ ଖଏରପଦର ଗାଁର ସୂର୍ଯ୍ୟକାନ୍ତୀ ଛୁରା ଗୁରୁତର ଅସୁସ୍ଥ ହୋଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାକୁ ଆଣିଥିଲେ; ହେଲେ ଡାକ୍ତର ଚିକିତ୍ସା କରି ତାକୁ ମୃତ ଘୋଷଣା କରିଥିଲେ। ଏହା ପରେ ପରିବାର ଲୋକେ ଭାଙ୍ଗି ପଡିଥିଲେ। ଘରକୁ ଶବ ନେବାକୁ ସେମାନେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଶବବାହକ ଗାଡି ଯୋଗାଇ ଦେବାକୁ ବାରମ୍ବାର ଅନୁରୋଧ କରିଥିଲେ। ଯାଙ୍କୁ ତାଙ୍କୁ ମଧ୍ୟ ଫୋନ କରିଥିଲେ। ଏହିଭଳି ଭାବେ ଘଣ୍ଟା ଘଣ୍ଟା ବିତିଗଲା। କେହି କିନ୍ତୁ ସେମାନଙ୍କ ଆକୁଳ ଅନୁରୋଧ ଶୁଣିଲେନି। ଗାଡି ଆସିଲା ନାହିଁ। ଶେଷରେ ନିରୁପାୟ ହୋଇ ଆଖିରେ ଲୁହ ନେଇ ପରିବାର ଲୋକେ ସେହି କୁନି ଝିଅର ଶବକୁ ବାଇକରେ ମଝିରେ ବସାଇ ଗାଁକୁ ନେଇଗଲେ। କେହି ଜଣେ ଏହାର ଭିଡିଓ କରି ସୋସିଆଲ ମିଡିଆରେ ଛାଡି ଦେବା ପରେ ଏହା ଭାଇରାଲ ହୋଇଯାଇଛି। ଏହାପରେ ଘଟଣା ଗଣମାଧ୍ୟମରେ ଶୀର୍ଷ ଖବର ହେବା ପରେ କଣ୍ଟାବାଞ୍ଜି ଡାକ୍ତରଖାନା କର୍ତ୍ତୃପକ୍ଷ ଚାପରେ ପଡିଯାଇଛନ୍ତି। ନିଜ ଉପରୁ ଦୋଷ ହଟାଇବା ପାଇଁ ଏବେ ଡାକ୍ତରଖାନାରେ ସୁରକ୍ଷା ଦାୟିତ୍ୱରେ କେୟାର ସୁରକ୍ଷା ସଂସ୍ଥାକୁ କାର୍ଯ୍ୟରତ ସୁରକ୍ଷା କର୍ମୀ ଉପରେ ଦୋଷ ଲଦା ଯାଉଛି। କଣ୍ଟାବାଞ୍ଜି ଡାକ୍ତରଖାନାର ମେଡିକାଲ ଅଫିସର ଡା. ରାକେଶ ପଣ୍ଡିତ ସୁରକ୍ଷା ସଂସ୍ଥାକୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେହି ନୋଟିସରେ ଲେଖାଯାଇଛି ଯେ ୨୪ ତାରିଖ ସନ୍ଧ୍ୟା ସିଫ୍ଟ (୨ଟା ରୁ ୯ଟା)ରେ ୭ ଜଣ ସୁରକ୍ଷା କର୍ମୀ ରହିବା କଥା; ହେଲେ ମାତ୍ର ୩ ଜଣ ଉପସ୍ଥିତ ଥିଲେ। ବାକି ୪ ଜଣ ଅନୁପସ୍ଥିତ ଥିଲେ। ଏହି ଅଭାବରୁ ମୃତଦେହ ବାଇକରେ ନିଆଗଲା ବେଳେ କେହି ଅଟକାଇଲେ ନାହିଁ ନୋଟିସରେ ଉଲ୍ଲେଖ ରହିଛି। ତେବେ ନିୟମ କହୁଛି, ଯେଉଁ ଡାକ୍ତର ମୃତ ଘୋଷଣା କଲେ (ଡା. ନାୟକ) ସେ ତୁରନ୍ତ ଏମଏଲସି କରି ପୁଲିସକୁ ଜଣାଇବେ। ଶବ ବ୍ୟବଚ୍ଛେଦ ହେବ। ହେଲେ ଏଠି କିଛି ହେଲାନି। ବିନା ଏମ୍ଏଲ୍‌ସି, ବିନା ପିଏମ୍‌ରେ ଶବ କେମିତି ଛାଡି ଦିଆଗଲା ତାହା ପ୍ରଶ୍ନ ଉଠିଛି। ଏହା ଆଇନତଃ ଅପରାଧ। ଯଦି ଏମ୍.ଏଲ୍.ସି ହୋଇଥାନ୍ତା, ପୁଲିସ ଆସିଥାନ୍ତା, ଶବ ଗାଡି ବାଧ୍ୟତାମୂଳକ ଭାବେ ଯୋଗାଡ ହୋଇଥାନ୍ତା; କିନ୍ତୁ ନିଜ କାମରେ ଅବହେଳା କରି ଏବେ ୮- ୧୨ ହଜାର ଟଙ୍କା ଦରମା ପାଉଥିବା ସୁରକ୍ଷା କର୍ମୀଙ୍କୁ ବଳି ଦିଆଯାଉଛି। ଡାକ୍ତରଙ୍କୁ ବଞ୍ଚାଇବାକୁ ଉଦ୍ୟମ କରାଯାଉଛି; କିନ୍ତୁ ଶବ ବାହକ ଗାଡି କାହିଁକି ୨ ଘଣ୍ଟା ଯାଏଁ ଆସିଲାନି, ଡ୍ରାଇଭର କେଉଁଠି ଥିଲା, ଏମ୍.ଏଲ୍.ସି କାହିଁକି କରାଗଲା ନାହିଁ, ବିନା ଶବ ବ୍ୟବଚ୍ଛେଦରେ କେମିତି ଶବ ଛାଡି ଦିଆଗଲା ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷେ ଏହି ଚିଠିର ନକଲ ବଲାଙ୍ଗୀର ଜିଲ୍ଲାପାଳ ଏବଂ ସିଡିଏମଓଙ୍କୁ ଦିଆଯାଇଛି। ତେବେ ସେମାନେ କ'ଣ ପ୍ରକୃତ ଦୋଷୀକୁ ଦଣ୍ଡ ଦେବେ ନା ଏହି ଗରିବ ସୁରକ୍ଷା କର୍ମୀଙ୍କ ପେଟରେ ଲାତ ମାରି ଫାଇଲ ବନ୍ଦ କରିଦେବେ ତା ଉପରେ ସମସ୍ତଙ୍କ ନଜର ରହିଛି।

## ଭାଙ୍ଗିଯିବ ଡୁମାନିଚୁଆଁ ପୋଲ



କଣ୍ଟାବାଞ୍ଜି/ତୁରେକେଲା, ୨୮।୮ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକର ବଡଡକଲା ପଞ୍ଚାୟତ ଡୁମାନିଚୁଆଁ ଗାଁକୁ ସଂଯୋଗ କରୁଥିବା ପୋଲଟି ବିପଦସଂକୁଳ ଭାବେ ରହିଛି। ଏହା କୌଣସି ସମୟରେ ଭୁଶୁଡି ପଡିବା ଆଶଙ୍କା ରହିଛି। ଏହି ଗାଁରେ ପ୍ରାୟ ୫୦ରୁ ଅଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ଗାଁରୁ ପଞ୍ଚାୟତ, ବ୍ଲକ, ସ୍କୁଲ ଡାକ୍ତରଖାନା ଯିବା ପାଇଁ ଏହି ପୋଲ ହିଁ ଲୋକଙ୍କ ଭରସା। ପୋଲର ମଝିରେ ବଡ ଖାଲ ସୃଷ୍ଟି ହୋଇଛି। ଚାରିଆଡ ଫାଟି ଗଲାଣି। ତଳେ ମାଟି ଖସି ଯାଇଛି। ଏନେଇ ଗାଁ ଲୋକେ ସରପଞ୍ଚ, ବିଡିଓଙ୍କୁ ଜଣାଇଛନ୍ତି; ହେଲେ କେହି ଶୁଣୁ ନ ଥିବା କହିଛନ୍ତି। ଏଥିପାଇଁ ସେମାନେ ଏବେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## କଣ୍ଟାବାଞ୍ଜି ଥାନା ଘେରିଲେ କର୍ଲାବାହାଲି ଗ୍ରାମବାସୀ



କଣ୍ଟାବାଞ୍ଜି,୨୮।୮ (ସମିସ): ସରକାରୀ ସ୍କୁଲରୁ ୧୫ କୁଇଣ୍ଟାଲ ଚାଉଳ ଚୋରି ହୋଇ ଯାଇଛି; ହେଲେ ଏତଲାର ୪ ଦିନ ପରେ ବି ପୁଲିସ ହାତ ଖାଲି ପଡିଛି। ଏହାକୁ ନେଇ ଗ୍ରାମବାସୀ ଥାନା ଘେରିଛନ୍ତି।

- ସରକାରୀ ସ୍କୁଲରୁ ୧୫ କୁଇଣ୍ଟାଲ ଚାଉଳ ଚୋରି
- ଏତଲାର ୪ ଦିନ ପରେ ବି ପୁଲିସ ହାତ ଖାଲି

ସରକାର ଗରିବ ଛୁଆଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଯୋଜନାରେ ଚାଉଳ ପଠାଉଛନ୍ତି; ହେଲେ ସେ ଚାଉଳ ଏବେ ଚୋରଙ୍କ ଟାର୍ଗେଟ ପାଲଟିଛି। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା କର୍ଲାବାହାଲି ଗାଁରେ ଏଭଳି ଏକ ଲଜ୍ୟାଜନକ ଘଟଣା ଘଟିଛି। ଏହି ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଗତ ୨୪ ତାରିଖ ରାତିରେ ତାଲା ଭାଙ୍ଗି ପ୍ରାୟ ୧୫ କୁଇଣ୍ଟାଲ ଚାଉଳ ଚୋରି ହୋଇଯାଇଛି। ଏହି ଚାଉଳ ସ୍କୁଲ ଛୁଆମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଲାଗି ରଖାଯାଇଥିଲା। ୨୪ ତାରିଖ ରାତିରେ ଚୋରମାନେ ସ୍କୁଲର ଷ୍ଟୋର ରୁମ୍ ତାଲା ଭାଙ୍ଗି ଭିତରେ ପଶିଥିଲେ। ସେଠାରେ ଥିବା ବସ୍ତା ବସ୍ତା ଚାଉଳ ନେଇ ଯାଇଥିଲେ। ପରଦିନ ସକାଳେ ରୋଷେୟା ସ୍କୁଲ ଆସି ଦେଖିବା ବେଳକୁ ତାଲା ଭଙ୍ଗା ଯାଇ ଚାଉଳ ଚୋରି ହୋଇଯାଇଥିଲା। ଏହାପରେ ସଙ୍ଗେ ସଙ୍ଗେ ପ୍ରଧାନ ଶିକ୍ଷକଙ୍କୁ ଖବର ଦିଆଯାଇଥିଲା। ଘଟଣା ନେଇ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟି ପକ୍ଷରୁ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରି ନିରବ କରିଛ। ଅଭିଯୋଗ ପରେ ୪ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ହାତ ଖାଲି ରହିଛି। ଚୋରଙ୍କର କୌଣସି ପତ୍ତା ମିଳିନାହିଁ। ଚାଉଳ ଉଦ୍ଧାର ହୋଇନାହିଁ। ପୁଲିସର ଏଭଳି ନିଷ୍କ୍ରିୟତାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାଫଳରେ ଶତାଧିକ ଗ୍ରାମବାସୀ, ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟିର ସଦସ୍ୟ ଏକାଠି ହୋଇ ଶୁକ୍ରବାର କଣ୍ଟାବାଞ୍ଜି ଥାନା ଘେରାଉ କରିଛନ୍ତି। ତୁରନ୍ତ ଚୋରକୁ ଧରାଯାଉ। ଚାଉଳ ଉଦ୍ଧାର କରାଯାଉ ବୋଲି ସେମାନଙ୍କ ଦାବି ରହିଥିଲା। ତେବେ ଏ ନେଇ କଣ୍ଟାବାଞ୍ଜି ପୁଲିସ କହିଛି, ଅଭିଯୋଗ ମିଳିଛି। ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ଚୋର ଧରାପଡିବ।

## ପାକ୍ସ ସମ୍ପାଦକ ଚାକିରି ପାଇଁ ସାଙ୍ଘାତିକ ଷଡ଼ଯନ୍ତ୍ର

### ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ଝାଡ଼ିଲେ ଆଶାୟୀ

ବଲାଙ୍ଗିର,୨୮।୮ (ସମିସ): ଜଣେ ବ୍ୟକ୍ତି ନକଲି ପ୍ରମାଣପତ୍ର ଦେଇ ସମବାୟ ସମିତି ସମ୍ପାଦକ ଭାବେ ଗୋଟିଏ ଦଶନ୍ଧି ଚାକିରି କରିଛନ୍ତି। ଯୋଗ୍ୟ ଆଶାୟୀଙ୍କୁ ହଟାଇବା ପାଇଁ ନକଲି ପ୍ରମାଣପତ୍ର ଦେଇ ଏହି ଷଡଯନ୍ତ୍ର କରାଯାଇଥିଲା। ଏହାର ପ୍ରମାଣ ପାଇବା ପରେ ଏବେ ଥାନାରେ ମାମଲା ରୁଜୁ ହୋଇଛି। ଏହା ପାକ୍ସ ସମ୍ପାଦକଙ୍କ ପାଇଁ ଅଡୁଆ ବଢାଇଛି। ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ୍ ଘୁନା ପ୍ରାଥମିକ ସମବାୟ ସମିତିରୁ ଏହିଭଳି ଏକ ଅଭିଯୋଗ ଆସିଛି। ସେହି ସମୟରେ ଚାକରି ପାଇଁ ଆଶାୟୀ ତାଲିକାର ଏକ ନମ୍ବରରେ ଥିବା ଯୋଗ୍ୟ ଆଶାୟୀ ବିଷ୍ଣୁଲାଲ ମହାନନ୍ଦ ଏହି କାରବାରର ଅସଲ ସତ୍ୟ ସାମ୍ନାକୁ ଆଣିଛନ୍ତି। ଏହି କାରବାରରେ କେବଳ ପ୍ରାର୍ଥୀଙ୍କ ନୁହଁ; ଚାକିରି ଦେଇଥିବା ମନୋନୟନ କମିଟିର ମଧ୍ୟ ଭୁଲ୍ ରହିଥିବା ସେ ଅଭିଯୋଗ କରିଛନ୍ତି।



- ନକଲି ପ୍ରମାଣପତ୍ରରେ ଗୋଟିଏ ଦଶନ୍ଧି ଚାକିରି
- ପ୍ରମାଣ ପାଇବା ସତ୍ତ୍ୱେ ଚୁପ୍ ସମବାୟ ବିଭାଗ
- ୨୦୨୫ ନଭେମ୍ବରରୁ ମିଳିଲାଣି ପ୍ରମାଣ
- ୮ ମାସ ପରେ ମାମଲା ରୁଜୁ
- ୫ ଲକ୍ଷରେ ବିକ୍ରି ହୋଇଥିଲା ପଦ

ଘୁନା ପ୍ରାଥମିକ ସମବାୟ ସମିତିରେ ୨୦୧୬ରେ ସମ୍ପାଦକ ଭାବେ ରଶ୍ମିରଞ୍ଜନ ବେହେରାଙ୍କୁ ପରିଚାଳନା କମିଟି ନିଯୁକ୍ତି ଦେଇଥିଲା; କିନ୍ତୁ ନିଯୁକ୍ତି ନେଇ ୨ ବର୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜଣେ ଯୋଗ୍ୟ ଆଶାୟୀଙ୍କୁ ଚାକିରି ନ ଦେବା ଓ ଟଙ୍କା ନେଇ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଏହି ଚାକିରି ଦେବା ପାଇଁ ପରିଚାଳନା କମିଟି ଓ ଆଶାୟୀ ଜଣକ ବଡ ଷଡଯନ୍ତ୍ର କରିଥିବା ସ୍ପଷ୍ଟ ହୋଇଛି। ଏହି ଚାକିରି ପାଇଁ ଆଶାୟୀ ଥିବା ବିଷ୍ଣୁଲାଲ ଏହି ପ୍ରକ୍ରିୟାର ଅସଲ ସତ୍ୟ ସାମ୍ନାକୁ ଆଣିଛନ୍ତି। ଏହାସହ କରାଯାଇଥିବା କାରବାର ମଧ୍ୟ ସାମ୍ନାକୁ ଆଣିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ପ୍ରଥମେ ଏହି ପଦବୀ ପାଇଁ ୨୦୧୪ ମାର୍ଚ୍ଚ ୧ ତାରିଖରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ ୧୧ ଜଣ ଆଶାୟୀ ଆବେଦନ କରିଥିଲେ। ବିଷ୍ଣୁଲାଲଙ୍କ ନାମ ମେରିଟ ତାଲିକାରେ ସର୍ବାଗ୍ରେ ରହିଥିଲା; କିନ୍ତୁ ତାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ନ ଥିଲା। ଏହା ପରେ ପରେ ପାକ୍ସ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜଣେ ବ୍ୟକ୍ତି ପାକ୍ସ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସେ କିନ୍ତୁ ବିଷ୍ଣୁଲାଲଙ୍କ ବଦଳରେ ରଶ୍ମିରଞ୍ଜନଙ୍କଠାରୁ ୫ ଲକ୍ଷ ଟଙ୍କା ନେଇ ସେହି ପଦବୀରେ ବସାଇବାକୁ ଚାହୁଁଥିଲେ। ମନୋନୟନ କମିଟିର ଜଣେ ସଦସ୍ୟ ବିଷ୍ଣୁଲାଲଙ୍କୁ ଡାକି ୫ ଲକ୍ଷ ଟଙ୍କା ଦେବା ପାଇଁ କହିଥଲେ। ସେ ଅଢେଇ ଲକ୍ଷ ଟଙ୍କା ଦେଇଥିଲେ; କିନ୍ତୁ ରଶ୍ମିରଞ୍ଜନଙ୍କଠାରୁ କମିଟି ୫ ଲକ୍ଷ ଟଙ୍କା ନେଇ ନିୟୋଜିତ କରିଥିଲା। ୨୦୧୬ ମସିହା ମାର୍ଚ୍ଚ ୬ ତାରିଖରେ ଆଉ ଏକ ବିଜ୍ଞାପନ ବାହାର କରାଯାଇଥିଲା। ସେହି ବର୍ଷ ମେ ୨୬ ତାରିଖରେ ରଶ୍ମିରଞ୍ଜନଙ୍କୁ ସ୍ଥାୟୀ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା। ତେବେ ମେରିଟ ଲିଷ୍ଟରେ ଏପଟ ସେପଟ କରିବା ପାଇଁ କ୍ୟାରିଅର ମାର୍କ ବୃଦ୍ଧିର ଆବଶ୍ୟକତା ରହିଥିବାରୁ ରଶ୍ମିରଞ୍ଜନଙ୍କ ଏମ୍‌ବିଏ, ଡିସିଏମ୍ ଓ ପିଜିଡିସିଏ ସାର୍ଟିଫିକେଟ ମାର୍କକୁ ଦର୍ଶାଯାଇଥିଲା; ଯାହାକି ନକଲି ବୋଲି ଅଭିଯୋଗ ହୋଇଥିଲା। ସୂଚନା ଅଧିକାର ଆଇନରେ ତଥ୍ୟ ମିଳିବା ପରେ ବିଷ୍ଣୁଲାଲ ଏହି ଅଭିଯୋଗ ଆଣିଛନ୍ତି। ଏଆରସିଏସ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ବିଏ ପ୍ରମାଣପତ୍ରର ସତ୍ୟତା ଜାଣିବା ପାଇଁ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟକୁ ୨୦୨୧ ନଭେମ୍ବର ୩ ତାରିଖରେ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଏହାର ଉତ୍ତରରେ ସଂପୃକ୍ତ ବିଶ୍ୱବିଦ୍ୟାଳୟ ୨୦୨୫ ମାର୍ଚ୍ଚ ୧୮ ତାରିଖରେ ଏହି ପ୍ରମାଣ ପତ୍ର ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଇସ୍ୟୁ ହୋଇ ନ ଥିବା ଲିଖିତ ଭାବେ ଜଣାଇଥିବା ସୂଚନା ମିଳିଛି। ଏହା ପରେ ବି ସଂପୃକ୍ତ ସମ୍ପାଦକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଚକିତ କରିଛି। ନକଲି ପ୍ରମାଣପତ୍ର ଦେଇ ଚାକିରି ଆବେଦନ କରିବା ଏକ ଗୁରୁତର ଅପରାଧ। ଏହାର ପ୍ରମାଣ ମିଳିବା ପରେ ଏଆରସିଏସ ଚୁପ୍ ରହିବା ଏହି କାରବାର ଭିତରେ ଥିବା ଷଡଯନ୍ତ୍ରକୁ ସ୍ପଷ୍ଟ କରିଛି। ବହୁ ଅଭିଯୋଗ ପରେ ଅଗଷ୍ଟ ୨୦ ତାରିଖରେ ସଂପୃକ୍ତ ସମ୍ପାଦକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି; ହେଲେ ସପ୍ତାହକ ପରେ ମଧ୍ୟ ପୁଲିସ ତାଙ୍କ ବିରୋଧରେ ପଦକ୍ଷେପ ନେଇନାହିଁ। ପ୍ରମାଣ ଥିବା ସତ୍ତ୍ୱେ ନା ବିଭାଗ କାର୍ଯ୍ୟାନୁଷ୍ଠାନ ନେଉଛି ନା ମାମଲା ପରେ ପୁଲିସ ତାଙ୍କୁ ଗିରଫ କରୁଛି। ସଂପୃକ୍ତ ସମ୍ପାଦକଙ୍କୁ ତୁରନ୍ତ ବହିଷ୍କାର କରି ଗିରଫ କରିବା ଓ ଏହି କେଳେଙ୍କାରୀ ଯୋଗୁ କ୍ଷତିଗ୍ରସ୍ତ ଓ ନିର୍ଯାତିତ ହୋଇଥିବା ବିଷ୍ଣୁଲାଲଙ୍କୁ ଶୀଘ୍ର ନିଯୁକ୍ତି ପ୍ରଦାନ କରିବାକୁ ବରିଷ୍ଠ ସାମାଜିକ ଅଧିକାର କର୍ମୀ ନୀଳମଣି ଯୋଷୀ ଦାବି କରିଛନ୍ତି।

## ଯୋନେକ୍ସ ସନରାଇଜ ଲେଭେଲ-୩ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ



ବଲାଙ୍ଗିର,୨୮।୮ (ସମିସ): ଆଜି ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମରେ ଯୋନେକ୍ସ ସନରାଇଜ ଲେଭେଲ-୩ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଛି। ୨ ଦିନ ବ୍ୟାପି ୧୩ ବର୍ଷ, ୧୫ ବର୍ଷ ଓ ୧୭ ବର୍ଷରୁ କମ୍ ବାଳକ ବାଳିକାଙ୍କୁ ନେଇ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାକୁ ବଲାଙ୍ଗିରର ବରିଷ୍ଠ ଓକିଲ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।

**ଭାଗନେଲେ ୧୫୦ରୁ ଅଧିକ ଖେଳାଳି**

ଜିଲ୍ଲାର ତୁଷୁରା, ସଇଁତଲା, କଣ୍ଟାବାଞ୍ଜି, ପାଟଣାଗଡ, ବଙ୍ଗୋମୁଣ୍ଡା, ମୁରିବାହାଲ, ଲୁଇସିଂହା, ପୁଇଁନ୍ତଲା ଓ ବଲାଙ୍ଗିର ପୌରାଞ୍ଚଳର ୧୫୦ରୁ ଅଧିକ ବାଳକ ଓ ବାଳିକା ଖେଳାଳି ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାର ଚାମ୍ପିଅନ, ରନର୍ସଅପ ଏବଂ ସେମିଫାଇନାଲିଷ୍ଟ ଖେଳାଳି ଲେଭେଲ ୩ ରାଜ୍ୟ ଚାମ୍ପିଅନସିପ ପାଇଁ ବଲାଙ୍ଗିର ଜିଲ୍ଲା ଦଳରୁ ପ୍ରତିନିଧିତ୍ୱ କରିବେ। ସମାରୋହରେ ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ସହ ସଂପାଦକ ମାନସ ମହାନ୍ତି, ଉପଦେଷ୍ଟା ବୀରେନ୍ଦ୍ର ମିଶ୍ର, ସୁଶାନ୍ତ ଚୋପଦାର, ପ୍ରତିଯୋଗିତାର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା, ଟୁନା ପାତ୍ର ଓ ବୀରବର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ରେଫରୀ ଭାବେ ଚନ୍ଦ୍ର ଶେଖର ମିଶ୍ର, ମ୍ୟାଚ କଣ୍ଟ୍ରୋଲର ଭାବେ ଅନନ୍ତ ବେହେରା, ହେମନ୍ତ ପଧାନ, ପବନ ସାହୁ, ରଂଜିତ ମେହେର, ସୌରଭ ପ୍ରଧାନ, ଉପେନ୍ଦ୍ର ଚନ୍ଦନ, ଦେବବ୍ରତ କଦମ, ରାଜ କିଶୋର ଶତପଥୀ, ଜିତେଶ୍ୱର ରଣା, ସୋମେଶ ଆ.ର୍ଯ୍ୟ, ପ୍ରକାଶ ସାହୁ, ମୁକେଶ ରଣା, ବିନୋଦିନୀ ଠେଲା, ଉଲେସ ସେଠ, ବିଜୟନନ୍ଦ ପଟେଲ, ରେଖା ମନହିରା, ପ୍ରତିଯୋଗିତା ସଂଯୋଜକ ସୁରେନ୍ଦ୍ର ନେପାଳ, ଚିତ୍ତରଂଜନ ସାହୁ, ଗଜାନନ ଦାସ, କାସିମ ଖାନ ପ୍ରମୁଖ ଦାୟିତ୍ୱରେ ଅଛନ୍ତି।

## ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ

ଦେବଗଡ, ୨୮।୮ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଟିଙ୍କବୀର ଗ୍ରାମର ସପ୍ତାହିକ ବଜାର ନିକଟସ୍ଥ ଜଟିଆ ପୋଖରୀରେ ଆଜି ମଧ୍ୟାହ୍ନ ସମୟରେ ଜଣେ ବ୍ୟକ୍ତି ଗାଧୋଉ ଥିବାବେଳେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ମେଘନାଦ ନାୟକ (୫୬)। ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ଏହା ଦେଖି ପାଖରେ ଥିବା କିଛି ସ୍ଥାନୀୟ ବ୍ୟକ୍ତି ତାଙ୍କୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ; ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସୂଚନା ପାଇବା ପରେ ରିଆମାଳ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମାସେ ହେଲା ବିଦ୍ୟୁତ୍‌ବିହୀନ ପଳସାପଡ଼ା

କଣ୍ଟାବାଞ୍ଜି,୨୮।୮ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ କରୁଆଁମୁଣ୍ଡା ପଞ୍ଚାୟତ କୁଳିଆଦର ଗାଁର ପଳସାପଡାରେ ଦୀର୍ଘ ଏକ ମାସ ହେଲା ବିଦ୍ୟୁତ ସେବା ବନ୍ଦ ରହିଛି। ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ଏଯାଏଁ ନୂଆ ଟ୍ରାନ୍ସଫର୍ମର ଲଗାଯାଇନି। ଏଣୁ ଗାଁର ପ୍ରାୟ ୫୦ ପରିବାର ଅନ୍ଧାରରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ଲଗାଣ ବର୍ଷା ସମୟରେ ଗାଁର ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲା। ଏନେଇ ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ମାସେ ପରେ ବି ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଏହା ଫଳରେ ରାତି ହେଲେ ସାରା ଗାଁ ଘନ ଅନ୍ଧାରରେ ରହୁଛି। ବିଦ୍ୟୁତ ନ ଥିବାରୁ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେବା ସହ ପିଲାଙ୍କ ପାଠପଢ଼ାରେ ମଧ୍ୟ ବାଧା ସୃଷ୍ଟି ହେଉଛି। ବିଶେଷକରି ବର୍ଷା ଦିନରେ ରାତି ସମୟରେ ଅନ୍ଧାର ଯୋଗୁଁ ଗ୍ରାମବାସୀଙ୍କ ଅସୁବିଧା ଆହୁରି ବଢ଼ିଯାଉଛି। ଦୀର୍ଘଦିନ ଧରି ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ନ ହେବାରୁ ବିଦ୍ୟୁତ ବିଭାଗ ପ୍ରତି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ପଚାରିବାରୁ ଟ୍ରାନ୍ସଫର୍ମର ଯୋଗାଣରେ ସମସ୍ୟା ରହିଥିବା ସ୍ୱୀକାର କରିଥିଲେ। ତେବେ ଆସନ୍ତା ଏକ ସପ୍ତାହ ମଧ୍ୟରେ ପଳସାପଡା ଗାଁରେ ନୂଆ ଟ୍ରାନ୍ସଫର୍ମର ଲଗାଇ ବିଦ୍ୟୁତ ସେବା ସ୍ୱାଭାବିକ କରାଯିବ ବୋଲି ସେ କହିଛନ୍ତି। ଏବେ ବିଭାଗର ଏହି ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ୫୦ ପରିବାର କେବେ ପୁଣି ବିଦ୍ୟୁତ ପାଇବେ ତାହାକୁ ନେଇ ଗ୍ରାମବାସୀ ଅପେକ୍ଷାରେ ରହିଛନ୍ତି।



- ଅନ୍ଧାରରେ ୫୦ ପରିବାର
- ଟ୍ରାନ୍ସଫର୍ମର ପୋଡ଼ିବାର ମାସେ ପରେ ବି ମରାମତି ନାହିଁ

## ଆଧାର କାର୍ଡ ନବୀକରଣ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ଦେବଗଡ଼,୨୮।୮ (ସମିସ): ଦେବଗଡ ଜିଲ୍ଲାସ୍ତରୀୟ ଆଧାର ମନିଟରିଙ୍ଗ କମିଟି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଅଧ୍ୟକ୍ଷତା କରିଥିଲେ। ୧୦ ବର୍ଷର ପୁରୁଣା ଆଧାରକାର୍ଡ ଥିଲେ ତାହାକୁ ତୁରନ୍ତ ଅପଡେଟ କରିବା ପାଇଁ କୁହାଯାଇଛି। ଜିଲ୍ଲାରେ ୦- ୫ ବର୍ଷ ଶିଶୁର, ୫ ବର୍ଷରୁ ୧୮ ବର୍ଷ ଏବଂ ୧୮ ବର୍ଷରୁ ଅଧିକ ବର୍ଷ ବର୍ଗର ବ୍ୟକ୍ତିଙ୍କ ଆଧାର ସଂଖ୍ୟା କମ୍ ଅଛି। ଏଣୁ ଆଧାର କାର୍ଡ ପଞ୍ଜୀକରଣ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ବିଲୁଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲା ଇ-ପ୍ରଶାସନ ପରିଚାଳକ ବିକାଶ ସାହୁ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୫,୩୧୬ ହିତାଧିକାରୀ ପାଇଲେ ସୁଭଦ୍ରା ପଞ୍ଚମ କିସ୍ତି

ବଲାଙ୍ଗିର,୨୮।୮ (ସମିସ): ବଲାଙ୍ଗିର ଜିଲ୍ଲାରେ "ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ନେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଅଡିଟୋରିୟମରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂଦେଓ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏବଂ ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ସିଡିଏମଓ ପୁଷ୍ପାଞ୍ଜଳି ମିଶ୍ର ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ନିଶଙ୍କ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରେ ଏହି ପର୍ଯ୍ୟାୟରେ ୨୫,୩୧୬ ଜଣ ହିତାଧିକାରୀଙ୍କୁ ପଞ୍ଚମ କିସ୍ତିର ଅର୍ଥ ମିଳିଛି। ଜିଲ୍ଲାରେ ମୋଟ ୪,୨୯,୬୧୧ ଜଣ ହିତାଧିକାରୀ ଏହି ଯୋଜନାରୁ ଲାଭାନ୍ୱିତ ହେବେ। ଏହି ଅବସରରେ ଆଗଲପୁର ବ୍ଲକର ଛତୁଚାଷୀ ଦ୍ରୌପଦୀ ସାହୁ, ଦେଓଗାଁ ବ୍ଲକର ଲୟାବତୀ ଭାଟି, ଖପ୍ରାଖୋଲ ବ୍ଲକର ବିଶାଖା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶିବାନୀ ଠାକୁର, ପ୍ରକଳ୍ପ ଅଧିକାରୀ ଅନୁପମା ହେସ୍, ସୁରକ୍ଷା ଅଧିକାରୀ ସୁଜାତା ଦୋରାଙ୍କ ସମେତ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଣ୍ଟାମାଳ ପଞ୍ଚାୟତ କଲେଜରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ



କଣ୍ଟାମାଳ,୨୮।୮ (ସମିସ)

କଣ୍ଟାମାଳସ୍ଥିତ ପଞ୍ଚାୟତ କଲେଜ ପରିସରରେ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଆଜି ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଶାଖା ଦ୍ୱାରା "ବୃକ୍ଷ ରକ୍ଷା ବନ୍ଧନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବୃକ୍ଷକୁ ଭାଇ-ଭଉଣୀର ପବିତ୍ର ବନ୍ଧନର ପ୍ରତୀକ ଭାବେ ଗ୍ରହଣ କରି ଛାତ୍ରଛାତ୍ରୀମାନେ ବିଭିନ୍ନ ବୃକ୍ଷରେ ରାକ୍ଷୀ ବାନ୍ଧି ସେଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ପାଇଁ ସଂକଳ୍ପ ନେଇଥିଲେ। କଲେଜର ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ବୃକ୍ଷକୁ ରାକ୍ଷୀ ବାନ୍ଧିବା ସହ "ବୃକ୍ଷ ବଞ୍ଚାଅ, ପରିବେଶ ବଞ୍ଚାଅ' ବାର୍ତ୍ତା ଦେଇଥିଲେ। ବୃକ୍ଷ ଆମକୁ ଅମ୍ଳଜାନ, ଖାଦ୍ୟ, ଔଷଧ, ଛାୟା ଓ ଜୀବନଧାରଣ ପାଇଁ ଆବଶ୍ୟକ ପରିବେଶ ପ୍ରଦାନ କରୁଥିବାରୁ ଏହାର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ ବୋଲି ଅଧ୍ୟକ୍ଷ ଅନୋଜ୍ ଭୁକ୍ତା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ, ବୃକ୍ଷ ସଂରକ୍ଷଣ ଓ ପରିବେଶ ସନ୍ତୁଳନ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲ। 'ବୃକ୍ଷ ରକ୍ଷା ବନ୍ଧନ'ର ଏହି ଅଭିନବ ପ୍ରୟାସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରକୃତି ପ୍ରତି ଭଲପାଇବା ଓ ପରିବେଶ ସୁରକ୍ଷାର ଦାୟିତ୍ୱବୋଧ ସୃଷ୍ଟି କରିବାରେ ସହାୟକ ହେବ ବୋଲି ରାଜନୀତି ବିଜ୍ଞାନ ଅଧ୍ୟାପକ ତଥା ଯୁବ ରେଡ୍‌କ୍ରସ ପରାମର୍ଶଦାତା ସମୀର ମେହେର ମତ ପ୍ରକାଶ କରିଥିଲେ। ସଂସ୍କୃତ ଅଧ୍ୟାପକ ପୌଲସ୍ତି ପ୍ରଧାନ ପୁରାତନ କାଳରୁ ବୃକ୍ଷ କିପରି ଭାରତୀୟ ସଂସ୍କୃତି ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ତାହା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଯୁବ ରେଡ୍ କ୍ରସ୍ ପରାମର୍ଶଦାତା ସୁନୀଲ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ କୁଶଳେଶ୍ୱର ସାହୁ, କରୁଣାକର ପ୍ରଧାନ, ଅଧ୍ୟାପିକା ଅର୍ଚ୍ଚନା ମିଶ୍ର ପ୍ରମୁଖ ସହଯୋଗ କରିଥି। ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ବିକାଶ ରଣା ଓ ଝିଲି ରାଣୀ ବେହେରାଙ୍କ ଦ୍ୱାରା ହସ୍ତ ନିର୍ମିତ ରାକ୍ଷୀ ବୃକ୍ଷଗୁଡିକରେ ବନ୍ଧାଯାଇ ଥିଲା।

# କଳାହାଣ୍ଡି ପୂର୍ତ୍ତ ବିଭାଗ ସ୍ଥାଣୁ; ମରଣଯନ୍ତା ପାଲଟିଛି ରାଜ୍ୟ ରାଜପଥ

ମ. ରାମପୁର, ୨୮।୮ (ସମିସ)

କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ଏବେ ସ୍ଥାଣୁ ପାଲଟିଛି। ମୋରମ କି ମାଟି ମୁଠାଏ ବି ଖାଲଖମା ରାସ୍ତାରେ ପକାଇ ପାରୁନାହିଁ। କେବଳ କର୍ମଚାରୀଙ୍କୁ ବେତନ ଦେଇ ପୋଷୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମ. ରାମପୁର ସହର ଅର୍ଥାତ ବୁରାଟଠାରୁ ଚାରିଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଏମିତି ବେହାଲ ହୋଇଛି ଯେ ଦୁର୍ଗମ ଅଞ୍ଚଳର ରାସ୍ତା ଭଳି ଲାଗୁଛି। ଲୋକେ ଅଭିଯୋଗ କଲେ ବି କେହି ଶୁଣୁ ନାହାନ୍ତି। ପୂର୍ତ୍ତ ବିଭାଗର ଅବହେଳା ଏବଂ ଅପାରଗତା ଯୋଗୁଁ ରାମପୁର ସହରର ମୁଖ୍ୟରାସ୍ତା ନିର୍ମାଣ ପାଇଁ ଟେଣ୍ଡରର ୪ ବର୍ଷ ପରେ ବି କାମ ହୋଇ ନଥିବାରୁ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଗତ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ବୁରାଟଠାରୁ ଚାରିଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୮ କୋଟି ଟଙ୍କା ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ଟେଣ୍ଡର କେସିଙ୍ଗାର ଡି. କେ. କନ୍ଷ୍ଟ୍ରକସନ କମ୍ପାନି ତଥା ସୁମିତ ଜୈନ ପାଇଥିବା ତତ୍କାଳୀନ ଯନ୍ତ୍ରୀ କହିଛନ୍ତି। ହେଲେ ଟେଣ୍ଡର ପାଇବାପରେ ରାସ୍ତା ଦୁଇପାର୍ଶ୍ୱର ବିରାଟ ବିରାଟ ଗଛ କଟା ହେଲା, ରାସ୍ତା ଉପରେ ଥିବା ବିଦ୍ୟୁତ ପୋଲ ସ୍ଥାନାନ୍ତର କରାଗଲା, ଡିମାର୍କେସନ କରାଗଲା, ଅଥଚ ରାସ୍ତା କାମ ହୋଇ ପାରିଲାନାହିଁ।



ଦୀର୍ଘବର୍ଷ ହେଲା ଅର୍ଥ ମଞ୍ଜୁର ହୋଇଥିଲେ ମଧ କାହିଁକି କାମ ହେଉନାହିଁ ତାହାର ଉତ୍ତର ପୂର୍ତ୍ତ ବିଭାଗ ଅଧିକାରୀଙ୍କ ପାଖରେ ନାହିଁ। ମ.ରାମପୁରରେ କାର୍ଯ୍ୟାଳୟ ରହିଛି ହେଲେ ସହକାରୀ ଯନ୍ତ୍ରୀ କି କନିଷ୍ଠ ଯନ୍ତ୍ରୀ କାହାର ଦେଖାନାହିଁ। ଅଫିସକୁ ପିଅନ ଜଗିଛନ୍ତି। ସେପଟେ ସହରର ମଧ ଭାଗରେ ଅର୍ଥାତ ନୂତନ ପୁଲିସ ଷ୍ଟେସନ, ହାଇସ୍କୁଲ ଛକ, ରାମକୃଷ୍ଣ ଲଜ, ବସଷ୍ଟାଣ୍ଡ, ତହସିଲ କାର୍ଯ୍ୟାଳୟ, ଦୁର୍ଗାମଣ୍ଡପ, ପୁରୁଣା ରେଞ୍ଜ କର୍ଯ୍ୟାଳୟ, ଗାୟତ୍ରୀ ମନ୍ଦିର, ମହାନ୍ତି ଛକ ଆଦି ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ହୋଇ ହୋଇ ପାଣି ଜମି ରହୁଛି। ଫଳରେ ଯାତ୍ରୀ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ନାହିଁ ନଥିବା ହାନସ୍ତା ହେଉଛନ୍ତି। ଖାଲି ସେତିକି ନୁହଁ ପୂର୍ତ୍ତ ବିଭାଗ ନିର୍ମାଣ କରିଥିବା ଡ୍ରେନ ସଫା କରୁନଥିବାରୁ ପାଣି ନିଷ୍କାସନ ବି ହୋଇପାରୁନାହିଁ। ଲୋକେ ଅଭିଯୋଗ କରିବାକୁ କାର୍ଯ୍ୟାଳୟକୁ ଗଲେ ଅଧିକାରୀଙ୍କ ଦେଖା ମିଳୁନି।

ଏନେଇ କନିଷ୍ଠ ଯନ୍ତ୍ରୀ ଆଚାର୍ଯ୍ୟ ବାବୁଙ୍କୁ

**ମାଟି କି ମୋରମ ମୁଠାଏ ପଡ଼ିପାରୁନି**

ପଚାରିବାରୁ ଠିକାଦାର ଆମ ଫୋନ୍ କଲ ରିସିଭ କରୁନାହାନ୍ତି ବୋଲି କହିଥିଲେ। ଯଦି ଠିକାଦାର ନ ଆସେ ତାହେଲେ କାମ ହୋଇପାରିବିନି କି? ଅଞ୍ଚଳବାସୀ କ'ଣ ଏପରି ଦୁର୍ଦ୍ଦଶା ଭୋଗୁଥିବେ କି? ଯଦି ଦୁର୍ଘଟଣା ଘଟେ ତେବେ ବିଭାଗ ଦାୟୀ ରହିବ କି? ଏଣୁ ଏହାର ତୁରନ୍ତ ସମାଧାନ କରିବା ପାଇଁ ଦାବି ହୋଇଛି।

## ସହରୀ ମେନୁରେ ଆଦିବାସୀ ଖାଦ୍ୟ

# ବଢୁଛି କରଡ଼ିର ଚାହିଦା

**ଭବାନୀପାଟଣା, ୨୮।୮ (ସମିସ):** କରଡ଼ି ବା ବାଉଁଶ ଗଜା ଆଜିର ଦିନରେ ପାଲଟିଛି ସୁସ୍ୱାଦୁ ଖାଦ୍ୟ। ଏକଦା ଏହା ଆଦିବାସୀମାନଙ୍କ ପ୍ରିୟ ଖାଦ୍ୟ ହୋଇଥିବା ବେଳେ ଆଜିର ଦିନରେ ଗାଁରୁ ସହର ହୋଟେଲରୁ ରେଷ୍ଟୋରାଁ ସବୁଠି କରଡ଼ିର ଚାହିଦା ବଢ଼ିଛି। ବର୍ଷା ପ୍ରାରମ୍ଭରୁ ହିଁ କଳାହାଣ୍ଡି ଜିଲ୍ଲାର କାର୍ଲପାଟ ଅଭୟାରଣ୍ୟ ସମେତ ଛୋଟ ବଡ଼ ଜଙ୍ଗଲରେ ଥିବା ବାଉଁଶ ଗଛରୁ ଗଜା ବାହାରି ଥାଏ। ଏହାକୁ ଆଦିବାସୀମାନେ ସଂଗ୍ରହ କରି ଛୋଟଛୋଟ କରି କାଟି କିମ୍ବା ପଥରରେ ଛେଚି ସହରରେ ୧୦/୨୦ ଟଙ୍କାରେ ବିକ୍ରି କରିଥାନ୍ତି। କରଡ଼ିକୁ ତରକାରୀ, ଭଜା ଅନ୍ୟାନ୍ୟ ପନିପରିବା ସହ ରୋଷେଇ କରି ଖିଆଯାଏ। ବିନା ମୂଲ୍ୟରେ ଜଙ୍ଗଲରେ ମିଳୁଥିବା ଏହି କରଡ଼ି ଆଦିବାସୀଙ୍କ ବର୍ଷାଦିନିଆ ରୋଜଗାରର ମାଧ୍ୟମ ପାଲଟି ଥାଏ। କରଡ଼ିକୁ ଶୁଖାଇ ଗୁଣ୍ଡ କରି ଏହାକୁ ହଣ୍ଡୁଆ ତିଆରି କରାଯାଇଥାଏ।



ଏହାର ଚାହିଦା ବର୍ଷ ତମାମ ରହିଥାଏ। ଟମାଟୋ, ତେନ୍ତୁଳି, ଆମ୍ବୁଲ ସ୍ଥାନରେ ଏହି କରଡ଼ି ତରକାରୀ ଖାଦ୍ୟର ସ୍ୱାଦ ଅଧିକ ବଢ଼ାଇ ଥାଏ। ତେଣୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଘରେ ଘରେ କରଡ଼ି ଓ ହଣ୍ଡୁଆ ର ଚାହିଦା ରହିଛି।

# ଟ୍ରାକ୍ଟର-ବାଇକ ମୁହାଁମୁହିଁ; ଦିବ୍ୟାଙ୍ଗ ଯୁବକ ମୃତ



**କଲମପୁର, ୨୮।୮ (ସମିସ):** ମୀନଗୁର ବଡକୁଟୁ ଆର୍‌ଡି ରାସ୍ତାର ମୀନଗୁର ନାଳ ନିକଟରେ ଶୁକ୍ରବାର ସକାଳ ପ୍ରାୟ ସାଢେ ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇନ୍‌ଦାଦ ମହମ୍ମଦ।

ପ୍ରକାଶ ଯେ, ମୀନଗୁର ଗ୍ରାମର ବାକ୍‌ବାଧିତ ଇନଦାଦ ଏକ ବାଇକ ଯୋଗେ କୁକୁଡା ବୋଝେଇ କରି ବନକୁଟୁର ଜନୈକ ଦୋକାନୀ ପାଖକୁ ଯାଉଥିଲେ। ବିପରୀତ ଦିଗରୁ ବାଲି ବୋଝେଇ କରି ତୀବ୍ର ଗତିରେ ଆସୁଥିବା ଏକ ନମ୍ବର ବିହୀନ ଟ୍ରାକ୍ଟର ଇନଦାଦଙ୍କୁ ମୀନଗୁରୁ ନାଳ ନିକଟରେ ଧକ୍କା ଦେଇଥିଲା। ଏହାପରେ ଟ୍ରାକ୍ଟର ଡାଲ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଇନ୍‌ଦାଦଙ୍କ ପରିବାରକୁ ସୂଚନା ଦେବା ପରେ ପରିବାର ଲୋକେ ପହଞ୍ଚି ଗୁରୁତର ଇନଦାଦକୁ ଉଦ୍ଧାର କରି ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କଲମପୁର ଥାନାକୁ ବି ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଉଭୟ ଟ୍ରାକ୍ଟର ଏବଂ ବାଇକକୁ ଜବତ କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

# ଭବାନୀପାଟଣାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ

**ଭବାନୀପାଟଣା, ୨୮।୮ (ସମିସ):** ରକ୍ଷାବନ୍ଧନ ଅବସରରେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଟାଉନ୍ ହଲ୍‌ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ବିଧାୟକ ଧର୍ମଗଡ଼ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଧୀର ରଞ୍ଜନ ପଟ୍ଟାଯୋଷୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ସଚିନ ପୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ, ଭବାନୀପାଟଣା ପ୍ରଭାତ ପରିଡ଼ା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଜିଲ୍ଲା ସଂସ୍କୃତିକ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ଅଧିକାରୀ ଦିନେଶ କୁମାର କହଁର, ଉପ ନିର୍ଦ୍ଦେଶକ ପ୍ଲାନିଂ ଶ୍ରୀକାନ୍ତ ଦଳେଇ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ ଓ ସମସ୍ତ ବ୍ଲକର ଶିଶୁ ସୁରକ୍ଷା ଅଧିକାରୀ ତଥା ସୁଭଦ୍ରା ଯୋଜନା ହିତାଧିକାରୀ ମାନେ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲ୍ଲାର ୪ଲକ୍ଷ ୮ହଜାର ୫୭୧ ଜଣ ହିତାଧିକାରୀଙ୍କୁ ଅନୁଦାନ ପ୍ରଦାନ କରାଯାଇଛି।



## ଆସୁଛି ସ୍ୱାୟତ୍ତ ଶାସନ ଦିବସ; ତେଜିଲାଣି ମ୍ୟୁନିସିପାଲିଟି ଦାବି

# ମ୍ୟୁନିସିପାଲିଟି ଘୋଷଣା ଆଶାରେ କେସିଙ୍ଗାବାସୀ

**କେସିଙ୍ଗା, ୨୮।୮ (ସମିସ):** ଗତବର୍ଷ ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ନୂତନ ଏନ୍‌ଏସି ଓ କିଛି ଏନ୍‌ଏସିକୁ ରାଜ୍ୟ ସରକାର ମ୍ୟୁନିସିପାଲଟିରେ ପରିଣତ କରିଥିଲେ। ସେହି କ୍ରମରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା ଓ ନର୍ଲାକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ୧୯୬୫ ମସିହାରୁ ଗଠିତ କେସିଙ୍ଗା ଏନ୍‌ଏସିକୁ ସରକାରୀ ମାନଦଣ୍ଡ ପୂରଣ ସତ୍ତ୍ୱେ ମ୍ୟୁନିସିପାଲଟି ଘୋଷଣା କରିନଥିଲେ। ଯାହାକୁ ନେଇ ସେହି ସମୟରେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବର୍ଷେ ତଳେ କେସିଙ୍ଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ୧୦ ଦଫା ଦାବି ନେଇ ଦୀର୍ଘ ୨୦ ଦିନ ଆନ୍ଦୋଳନ ହୋଇଥିଲା ଓ ସେହି ୧୦ ଦାବି ମଧ୍ୟରେ କେସିଙ୍ଗାକୁ ମ୍ୟୁନିସିପାଲଟି ଦାବି ପ୍ରମୁଖ ଥିଲା। ଜିଲ୍ଲାପାଳ କେସିଙ୍ଗାକୁ ରାଜ୍ୟ ସରକାର ଯଥାଶୀଘ୍ର ମ୍ୟୁନିସିପାଲଟି ଘୋଷଣା କରିବାକୁ ସରକାରୀସ୍ତରରେ ପ୍ରୟାସ କରାଯିବା ସହିତ ସହିତ ଅନ୍ୟସବୁ ଦାବି ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିଲା। ମାତ୍ର ଆଉ କେଇଟା ଦିନ ପରେ ପୁଣି ସ୍ୱାୟତ୍ତ ଶାସନ ଦିବସ ଆସୁଛି କେସିଙ୍ଗାବାସୀ ଚଳିତବର୍ଷ ସରକାର ସ୍ୱାୟତ୍ତ ଶାସନ ଦିବସ ଦିନ କେସିଙ୍ଗା ଏନ୍ ଏ ସି କୁ ମ୍ୟୁନିସିପାଲଟି ଘୋଷଣା କରିବେ ବୋଲି ଆଶା ବାନ୍ଧି ରହିଛନ୍ତି।

# ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ରକ୍ଷାବନ୍ଧନ




**ଭବାନୀପାଟଣା, ୨୮।୮ (ସମିସ):** ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦର ସମ୍ମିଳନୀ କକ୍ଷରେ ସାମୂହିକ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମାଜର ମହିଳା ଶାଖା ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମାଜସେବୀ ସୌଦାମିନୀ ପାଢ଼ୀ, ସବିତା ଶତପଥୀ ଓ ରଞ୍ଜିତା ମୁଣ୍ଡ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଭଗବାନ ପର୍ଶୁରାମଙ୍କୁ ପୂଜାର୍ଚ୍ଚନା କରି ରାକ୍ଷୀ ଅର୍ପଣ କରାଯାଇଥିଲା। ତାପରେ ପ୍ରଜ୍ଞା ବାହିନୀର ଭଉଣୀମାନେ ଉପସ୍ଥିତ ସମସ୍ତ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ପରେ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ବନଶ୍ରୀ ଦାସ ଓ ତନିଶା ଦାଶଙ୍କ ସଂଯୋଜନାରେ ଆୟୋଜିତ ରାକ୍ଷୀ ଉପରେ ମହିଳା ମାନଙ୍କର ଏକ କବିତା ପାଠୋତ୍ସବ ରେ ୨୨ ଜଣ ନାରୀ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ସର୍ବ ଭାରତୀୟ ସ୍ତରରେ ଚୟନ ହୋଇ ସଂସଦ ଭବନ ନୂଆଦିଲ୍ଲୀରେ ବିକଶିତ ଭାରତ ୟୁଥ୍ ପାର୍ଲିଆମେଣ୍ଟରେ ଓଜସ୍ୱିନୀ ବକ୍ତବ୍ୟ ଦେଇ କଳାହାଣ୍ଡିକୁ ମହିମା ମଣ୍ଡିତ କରିଥିବା ଭବାନୀପାଟଣାର ୨ଜଣ ଛାତ୍ରୀ ଝାନ୍‌ସୀରାଣୀ ମିଶ୍ର ଓ ସ୍ମୃତି ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଝୁନୁପମା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅନିତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅର୍ଚ୍ଚନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଅପହଞ୍ଚ ଇଲାକା ତେନ୍ତୁଳିପଡ଼ା

# କାଦୁଅ ରାସ୍ତାରେ ଘାଣ୍ଟି ହେଉଛନ୍ତି ୬୫ ପରିବାର

**ଥୁଆମୂଳ ରାମପୁର, ୨୮।୮ (ସମିସ):** ଡିଜିଟାଲ ଯୁଗରେ ଗାଁରୁ ସହର ଯୋଡ଼ିବା ପାଇଁ ଯେଉଁଠି ଆଧୁନିକ ଯୋଗାଯୋଗ ବ୍ୟବସ୍ଥାର କଥା କୁହାଯାଉଛି, ସେଠି କଳାହାଣ୍ଡି ଜିଲ୍ଲା ଥୁଆମୂଳ କିଲୋମିଟର ଦୂରରେ ରହିଛି ତେନ୍ତୁଳିପଡ଼ା। ଗାଁରେ ପ୍ରାଥମିକ ବିଦ୍ୟାଳୟ ଥିବାରୁ ପ୍ରାଥମିକ ଶିକ୍ଷା ପର୍ଯ୍ୟନ୍ତ ପିଲାମାନେ ଗାଁରେ ପାଠ ପଢୁଛନ୍ତି। କିନ୍ତୁ ଏହାପରେ ଉଚ୍ଚଶିକ୍ଷା ପାଇଁ ବଡଛତ୍ରଙ୍ଗ ହାଇସ୍କୁଲ ଓ ଥୁଆମୂଳ ପ୍ରଭାବ ପଡୁଛି ରୋଗୀ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ଛାତ୍ରଛାତ୍ରୀଙ୍କ ଉପରେ। ଜରୁରୀକାଳୀନ ସମୟରେ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିବା ମଧ କଷ୍ଟକର ହୋଇପଡୁଥିବା ଅଭିଯୋଗ ହୋଇଛି। ଫଳରେ ଉପଲବ୍ଧ ନଥିବାରୁ ଯୋଗାଯୋଗରେ ମଧ୍ୟ ଅସୁବିଧା ହେଉଛି। ଜରୁରୀ ସମୟରେ ପରିବାର ଲୋକେ ବାହାର ସହ ଯୋଗାଯୋଗ କରିବାରେ ମଧ ହଇରାଣ ହେଉଛନ୍ତି। ଗାଁର ଏହି ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି।





**ବର୍ଷା ଆସିଲେ ବଢୁଛି ଦୁର୍ଦ୍ଦଶା**

**ପହଞ୍ଚି ପାରୁନି ଆମ୍ବୁଲାନ୍ସ**

ରାମପୁର ବ୍ଲକର ଏକ ଗାଁ ଆଜି ବି ସବୁଦିନିଆ ରାସ୍ତା ଅପେକ୍ଷାରେ। ବିରିକୋଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିପଡ଼ା ଗାଁର ପ୍ରାୟ ୬୫ ପରିବାର ଦୀର୍ଘଦିନ ଧରି ଯାତାୟତ ସମସ୍ୟାରେ ଜୀବନ କାଟୁଥିବା ଅଭିଯୋଗ ହୋଇଛି। ଅବିଭକ୍ତ ବଡଛତ୍ରଙ୍ଗ ପଞ୍ଚାୟତ ମୁଖ୍ୟାଳୟଠାରୁ ପ୍ରାୟ ୨.୫ କିଲୋମିଟର ଏବଂ ବର୍ତ୍ତମାନର ବିରିକୋଟ ପଞ୍ଚାୟତଠାରୁ ପ୍ରାୟ ୩ ରାମପୁର କଲେଜ ଯିବା ସମୟରେ ଛାତ୍ରଛାତ୍ରୀଙ୍କୁ ରାସ୍ତା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ବର୍ଷା ଦିନେ ସ୍ଥିତି ଆହୁରି ଦୟନୀୟ ହୋଇପଡୁଛି। ରାସ୍ତାରେ କାଦୁଅ ଓ ପାଣି ଜମିବା ସହ ଯାନବାହନ ଚଳାଚଳ କରିବା କଷ୍ଟକର ହୋଇଥାଏ। ଅନେକ ସମୟରେ ଯାନବାହନ ଅଧାବାଟରେ ଅଟକି ଯାଉଥିବା ଗ୍ରାମବାସୀ କହିଛନ୍ତି। ଏହାର ସିଧାସଳଖ ଗୁରୁତର ରୋଗୀଙ୍କୁ ଅଧାବାଟରୁ ଅନ୍ୟ ଯାନରେ ନେବା କିମ୍ବା ଦୁର୍ଗମ ରାସ୍ତା ଅତିକ୍ରମ କରି ଚିକିତ୍ସାଳୟ ଯିବାକୁ ପଡୁଥିବା କୁହାଯାଉଛି। କେବଳ ରାସ୍ତା ନୁହେଁ, ତେନ୍ତୁଳିପଡ଼ାର ଆଉ ଏକ ବଡ଼ ସମସ୍ୟା ହେଉଛି ମୋବାଇଲ ନେଟୱର୍କ। ଡିଜିଟାଲ ଯୁଗରେ ପ୍ରାୟ ପ୍ରତ୍ୟେକ ଯୁବକଯୁବତୀଙ୍କ ହାତରେ ମୋବାଇଲ ଥିଲେ ମଧ ଗାଁରେ ନିୟମିତ ମୋବାଇଲ ନେଟୱର୍କ ତେଣୁ ତେନ୍ତୁଳିପଡ଼ା ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ସହ ଗାଁରେ ମୋବାଇଲ ନେଟୱର୍କ ସୁବିଧା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ୬୫ ପରିବାରଙ୍କ ଦୈନନ୍ଦିନ ଜୀବନ, ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଜରୁରୀକାଳୀନ ସେବାକୁ ଦୃଷ୍ଟିରେ ରଖି ଏହି ଦାବି ପ୍ରତି ପ୍ରଶାସନ କେବେ ଗୁରୁତ୍ୱ ଦେବ, ତାହାକୁ ଅପେକ୍ଷା କରିଛନ୍ତି ତେନ୍ତୁଳିପଡ଼ାବାସୀ।

# ଦୋକାନ ଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

**ଗୋଲାମୁଣ୍ଡା, ୨୮।୮ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତ ସଦର ଚଲାନପଡ଼ା ଅଙ୍ଗନବାଡ଼ି କେନ୍ଦ୍ରର ଅବ୍ୟବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି। କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ଭଡ଼ା ଦୋକାନ ଗୃହରେ କେନ୍ଦ୍ର ଚାଲିଛି।



ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, କେତେବେଳେ ଦୋକାନ ଗୃହ ଏବଂ ଅନ୍ୟ ସମୟରେ ଉପଲବ୍ଧ ସାଧାରଣ ଗୃହରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଥିବା କୁହାଯାଉଛି। ଫଳରେ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ଶିକ୍ଷା ଅନୁକୂଳ ପରିବେଶ ନିଶ୍ଚିତ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଏହା ସହିତ ଗୋଟିଏ ସ୍ଥାନରେ ଶିଶୁମାନଙ୍କ ପାଠପଢ଼ା ସହ ଖାଦ୍ୟ ପ୍ରସ୍ତୁତି ଓ ରୋଷେଇ କାର୍ଯ୍ୟ ହେଉଥିବାରୁ ଅସୁବିଧା ହେଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ପାଣ୍ଠି ଆସିଥିବା କୁହାଯାଉଥିଲେ ମଧ ଜମି ଚିହ୍ନଟ ହୋଇନଥିବାରୁ କାମ ଆଗେଇ ପାରୁନାହିଁ। ଦୀର୍ଘଦିନ ଧରି ସମସ୍ୟା ରହିଥିଲେ ମଧ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ହୋଇନଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜମି ଚିହ୍ନଟ ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରି ଅନୁମୋଦିତ ପାଣ୍ଠିରେ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହା ସହିତ ସେପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ ଓ ଶିକ୍ଷା ଅନୁକୂଳ ଅସ୍ଥାୟୀ ବ୍ୟବସ୍ଥା କରିବାକୁ ମଧ ସେମାନେ ଅନୁରୋଧ କରିଛନ୍ତି।


## ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ଯୋଜନାର ସମୀକ୍ଷା

# ଅଗଷ୍ଟ ଶେଷ ସୁଦ୍ଧା ଗ୍ରାସ୍ ଟର୍ଫିଂ ଶେଷ କରିବାକୁ ନିର୍ଦ୍ଦେଶ

ସିନାପାଲି, ୨୮।୮ (ସମିସ)

ନୂଆପଡ଼ା ଜିଲ୍ଲାର ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗ ଅଧୀନରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

ବୈଠକ ଆରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ସନ୍ତୋଷ କୁମାର ରଥ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କୃଷି ସିଚାୟୀ ଯୋଜନା, ଜଳଧାରା ଯୋଜନା, ଭିବିଜି-ରାମ-ଜି ଯୋଜନା ଓ କୃଷିବନୀକରଣ



ଯୋଜନାର ପ୍ରଗତି ସମ୍ପର୍କରେ ତଥ୍ୟ ଦେଇଥିଲେ।

କୃଷିବନୀକରଣ ଯୋଜନାରେ ଚଳିତ ଆର୍ଥିକ ବର୍ଷ ପାଇଁ ୯୯ ହେକ୍ଟର ଜମିରେ ଚାରାରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଇତିମଧ୍ୟରେ ୯୬ ହେକ୍ଟର ଜମିରେ ଚାରାରୋପଣ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଜଳଧାରା ଯୋଜନାରେ ଖନନ କରାଯାଇଥିବା ୧୩୮ଟି ଖେତ ପୋଖରୀ ମଧ୍ୟରୁ ୧୨୬ଟିରେ ଗ୍ରାସ୍ ଟର୍ଫିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୧୨ଟି ଖେତ ପୋଖରୀରେ ଗ୍ରାସ୍ ଟର୍ଫିଂ କାର୍ଯ୍ୟ ଅଗଷ୍ଟ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଭିବିଜି-ରାମ-ଜି ଯୋଜନାରେ ଅନୁମୋଦିତ ୧୨୦ ହେକ୍ଟର ଟ୍ରେଞ୍ଚ ଏବଂ ୬୬.୫ ହେକ୍ଟର ଫିଲ୍ଡ ବଣ୍ଡିଂ କାର୍ଯ୍ୟକୁ ଆସନ୍ତା ୭ ଦିନ ମଧ୍ୟରେ ଆରମ୍ଭ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନରେ ସମୟସୀମା ଓ ଗୁଣବତ୍ତାକୁ ପ୍ରାଥମିକତା ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲାର ତିନିଜଣ ସଫଳ ଚାଷୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ କୃଷି କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସହକାରୀ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଦେବବ୍ରତ ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ସିଂହ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦେବପ୍ରିୟ ପାଣିଗ୍ରାହୀ, ଦେବେନ୍ଦ୍ର କୁମାର ନାୟକଙ୍କ ସମେତ ବିଭାଗର ସମସ୍ତ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ ।

## ଆଜିର ଐତିହ୍ୟ

- ୧୯୨୨- ପ୍ରଥମ ରେଡିଓ ବିଜ୍ଞାପନ ନ୍ୟୁୟର୍କ ସହରରେ ପ୍ରସାରିତ ହେଲା ।
- ୧୯୫୩- ରୁଷିଆ ପ୍ରଥମ ହାଇଡ୍ରୋଜେନ୍ ବୋମା ବିସ୍ଫୋରଣ କଲା ।
- ୧୯୫୭- ନାଗରିକ ଅଧିକାର ଅଧିନିୟମ ପାରିତ ହେଲା ।
- ୧୯୭୪- ଚୌଧୁରୀ ଚରଣ ସିଂହ ଲୋକଦଳ ପାର୍ଟିର ଗଠନ କଲେ ।
- ୨୦୦୪- ଏଥେନ୍ସ ଅଲିମ୍ପିକ୍ସର ସମାପନ ।



## ଜାତୀୟ କ୍ରୀଡ଼ା ଦିବସ

ଅଗଷ୍ଟ ୨୯ ତାରିଖକୁ ଆମ ଦେଶରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଏ । ଭାରତୀୟ ହକିର କିମ୍ବଦନ୍ତୀ ତଥା ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମତିଥିକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଏ । କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପ ପ୍ରତି ଯୁବପିଢ଼ିଙ୍କୁ ଆକର୍ଷିତ କରିବା ଏବଂ ସୁସ୍ଥ ଜୀବନଶୈଳୀ ଗଢ଼ିବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ଏହି ଦିନରେ କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ଖେଳରତ୍ନ, ଅର୍ଜୁନ ପୁରସ୍କାର ଭଳି ସମ୍ମାନଜନକ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଏ । ଭାରତୀୟ ତଥା ବିଶ୍ୱ ହକିରେ ଧ୍ୟାନଚାନ୍ଦ ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ । ତାଙ୍କ ବଳିଷ୍ଠ ଖେଳ ବଳରେ ୧୯୨୮ ,୧୯୩୨ ଏବଂ ୧୯୩୬ ମସିହାରେ ତିନୋଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲା ଭାରତୀୟ ହକି ଟିମ୍ । ୧୯୦୫ ଅଗଷ୍ଟ ୨୯ରେ ପ୍ରୟାଗରାଜରେ ଧ୍ୟାନଚାନ୍ଦ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂରା ନାଁ ମେଜର ଧ୍ୟାନଚାନ୍ଦ ସିଂହ । ସେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ୧୯୨୨ ମସିହାରେ ସୈନିକ ଭାବେ ବ୍ରିଟିଶ ସେନାରେ ସାମିଲ ହୋଇଥିଲେ । ୧୯୨୬ରୁ ୧୯୪୮ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ହକି କ୍ୟାରିୟରରେ ଧ୍ୟାନଚାନ୍ଦ ପାଖାପାଖି ୧୮୫ଟି ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ୧୯୨୮ ର ଆର୍ମଷ୍ଟରଡ୍ୟାମ୍ ଅଲମ୍ପିକ୍ସ, ୧୯୩୨ ମସିହାର ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଓ ୧୯୩୬ ଜର୍ମାନୀର ବର୍ଲିନ ଅଲିମ୍ପିକ୍ସରେ ଲଗାତାର ସେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ । ସେ ତାଙ୍କ ୨୨ ବର୍ଷର କ୍ୟାରିୟରରେ ୪୦୦ରୁ ଅଧିକ ଗୋଲ୍ ଦେଇ ଅପ୍ରତିଦ୍ୱନ୍ଦ୍ୱୀ ପାଲଟିଥିଲେ । କେବଳ ଭାରତ ନୁହେଁ, ସାରା ପୃଥିବୀରେ ତାଙ୍କ ଅଦ୍ୱିତୀୟ ଖେଳର ଅଗଣିତ ପ୍ରଶଂସକ ଥିଲେ । ଅଲମ୍ପିକ୍ସ ସଂଘ ଧ୍ୟାନଚାନ୍ଦଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରିଥିଲା । ହକି ଦୁନିଆରେ ମେଜର ଧ୍ୟାନଚାନ୍ଦ ଯେଉଁ ରୂପରେଖ ପ୍ରସ୍ତୁତ କରିଥିଲେ ତାହା ସମସ୍ତେ ଜାଣିଛନ୍ତି । ଏହି ମହାନ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୦୧୨ରେ ତାଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଭାରତରେ ଜାତୀୟ କ୍ରୀଡ଼ା ଦିବସ ବହୁତ ଉତ୍ସାହର ସହ ପାଳନ କରାଯାଏ । ବିଶେଷ କରି ସ୍କୁଲ, କଲେଜ, ସରକାରୀ ସଂସ୍ଥା ଏବଂ କ୍ରୀଡ଼ା କ୍ଲବ୍‌ଗୁଡ଼ିକରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ ।

## ‘ବ୍ରହ୍ମାସ୍ତ୍ର ୨’

## ଡବଲ ରୋଲରେ ରଣବୀର

ଅୟାନ୍ ମୁଖାର୍ଜୀଙ୍କ ଫିଲ୍ମ ‘ବ୍ରହ୍ମାସ୍ତ୍ର’ର ପ୍ରଥମ ଭାଗ ରିଲିଜ୍ ହେବାର ଇତିମଧ୍ୟରେ ଚାରି ବର୍ଷ ବିତିଯାଇଛି । ଅନେକ ଦିନରୁ ଦର୍ଶକେ ଏହାର ଦ୍ୱିତୀୟ ଭାଗକୁ ଅପେକ୍ଷା କରିଥିବାବେଳେ ଏବେ ଏହି ଫିଲ୍ମକୁ ନେଇ ଖବର ଆସିଛି । ଖବର ଅନୁଯାୟୀ, ‘ବ୍ରହ୍ମାସ୍ତ୍ର ପାର୍ଟ-୨’ରେ ରଣବୀର କପୁର ଡବଲ ରୋଲରେ ନଜର ଆସିବେ । ଏଥିରେ ରଣବୀର ଦେବ ଓ ଶିବା ଦୁଇଟି ଭୂମିକାରେ ଦେଖାଯିବେ । ଏହି ଦୁଇଟି ଚରିତ୍ରରେ ସେ ନାୟକ ଓ ଖଳନାୟକ ଭାବେ ଦେଖାଯିବେ । ରଣବୀର ଏବେ ତାଙ୍କ ଫିଲ୍ମ ‘ରାମାୟଣ’କୁ ନେଇ ବ୍ୟସ୍ତ ଅଛନ୍ତି । ଏହା ଆସନ୍ତା ବର୍ଷ ଦୀପାବଳି ଅବସରରେ ରିଲିଜ୍ ହେବ । ‘ରାମାୟଣ’ ପରେ ସେ ‘ବ୍ରହ୍ମାସ୍ତ୍ର ୨’ର ସୁଟିଂ ଆରମ୍ଭ କରିବେ । ଆସନ୍ତାବର୍ଷ ଏପ୍ରିଲରୁ ସେ ଏହାର ସୁଟିଂ ଆରମ୍ଭ କରିବେ । ସେହିପରି, ଦୀପିକା ପାଦୁ୍ୟକୋନ ମଧ୍ୟ ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଅୟାନ, ଦୀପିକାଙ୍କୁ ‘ଅମୃତା’ ଚରିତ୍ରରେ ଦେଖିବାକୁ ଚାହୁଁଛନ୍ତି ଏବଂ ଏହି ଭୂମିକା ପାଇଁ ସେ ତାଙ୍କ ସହ ଆଲୋଚନା ମଧ୍ୟ ଚଳାଇଛନ୍ତି । ତେବେ ଏଯାଏଁ ଦୀପିକାଙ୍କ କାଷ୍ଟିଂକୁ ନେଇ ଅୟାନ୍ ବିଧିବଦ୍ଧ ଭାବେ କିଛି କହିନାହାନ୍ତି । ସେହିପରି ଆଲିଆ ଭଟ୍ଟ ଈଶା ଭୂମିକାରେ ନଜର ଆସିବେ । ଏଠାରେ ପ୍ରକାଶ ଥାଉ କି, ‘ବ୍ରହ୍ମାସ୍ତ୍ର ପାର୍ଟ-୧’ ୨୦୨୨ରେ ଆସିଥିଲା । ଏଥିରେ ରଣବୀର ଏବଂ ଆଲିଆ ପ୍ରଥମ ଥର ପାଇଁ ଏକାଠି ପରଦା ଉପରେ ନଜର ଆସିଥିଲେ । ଅମିତାଭ ବଚ୍ଚନ, ନାଗାର୍ଜୁନ ଏବଂ ମୌନୀ ରାୟ ମଧ୍ୟ ଏହି ଫିଲ୍ମର ଅଂଶ ଥିଲେ, ସେହିପରି ଶାହରୁଖ୍ ଖାନ୍ ମଧ୍ୟ ଫିଲ୍ମରେ ଅତିଥି କଳାକାର ଭୂମିକାରେ ନଜର ଆସିଥିଲେ । ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା । ଦର୍ଶକଙ୍କୁ ଆଲିଆ ଏବଂ ରଣବୀରଙ୍କ କେମିଷ୍ଟ୍ରି ଖୁବ୍ ଭଲ ଲାଗିଥିଲା । ଏବେ ଦର୍ଶକେ ଏହାର ଦ୍ୱିତୀୟ ଭାଗକୁ ଅପେକ୍ଷା କରିଛନ୍ତି । ଅୟାନ ପୂର୍ବରୁ ମଧ୍ୟ କହିଥିଲେ ଯେ, ଫିଲ୍ମର ଦ୍ୱିତୀୟ ଓ ତୃତୀୟ ଭାଗକୁ ପ୍ରଥମ ଭାଗ ଅପେକ୍ଷା ଆହୁରି ବଡ଼ ଆକାରରେ ନିର୍ମାଣ କରାଯିବ । ଏହାର ପ୍ରଥମ ଭାଗର ନିର୍ମାଣ ପାଇଁ ୪୧୦ କୋଟି ଖର୍ଚ୍ଚ ହୋଇଥିବାବେଳେ ଦ୍ୱିତୀୟ ଭାଗ ପାଇଁ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲାଗିପାରେ ବୋଲି ଚର୍ଚ୍ଚା ହେଉଛି ।



### ଭିନ୍ନ ଜଣେ ମହିଳା

## ପୋଷାକ ଭଳି ବଦଳାନ୍ତି ନାକ



ଲୋକେ ପ୍ରତିଦିନ ପୋଷାକ, ଜୋତା ଆଦି ବଦଳାଇଥାନ୍ତି । କେହିକେହି ଅଲଗା ଦିଶିବା ପାଇଁ ମେକ୍‌ଅପ୍‌ରେ ମଧ୍ୟ କିଛିଟା ପରିବର୍ତ୍ତନ ଆଣିଥାନ୍ତି । ହେଲେ ବ୍ରିଟେନର ଜେନ୍ ହାଇଡମ୍ୟାନ ନିୟମିତ ନାକ ବଦଳାଇଥାନ୍ତି । ଜେନ୍‌ଙ୍କ ପାଖରେ ଗୋଟିଏ କି ଦୁଇଟି ନୁହେଁ, ବରଂ ୧୦ରୁ ଅଧିକ ନକଲି ନାକର କଲେକ୍ସନ୍ ରହିଛି । ତେବେ ଏହି କୃତ୍ରିମ ନାକକୁ ଲଗାଇବା ପାଇଁ ସେ କୌଣସି ଅଠା ବ୍ୟବହାର କରନ୍ତି ନାହିଁ, ବରଂ ଏସବୁ କେବଳ ଏକ ଚୁମ୍ବକର କମାଲ ଯୋଗୁଁ ସମ୍ଭବ ହୋଇଥାଏ । ଜେନ୍ ଏକ ବିରଳ ରୋଗରେ ପୀଡ଼ିତ । ଏହି ରୋଗ ଯୋଗୁଁ ତାଙ୍କ ନାକ ସଙ୍କୁଚିତ ହୋଇଯାଇଛି । ମୋଟାମୋଟି କହିବାକୁ ଗଲେ ତାଙ୍କର ନାକ ଚେହେରାରେ ସମ୍ପୂର୍ଣ୍ଣ ମିଶି ଯାଇଥିଲା । ଏହା ସହିତ ତାଙ୍କର ସମଗ୍ର ଚେହେରାର ଆକୃତି ମଧ୍ୟ ବଦଳିବାକୁ ଲାଗିଥିଲା । ନିଜର ବଦଳୁଥିବା ଚେହେରାକୁ ଦେଖି ଜେନ୍ ପାଖାପାଖି ୧୮ ମାସ ପର୍ଯ୍ୟନ୍ତ ଘରୁ ବାହାରକୁ ବାହାରି ନ ଥିଲେ । ଜେନ୍‌ଙ୍କ କଷ୍ଟକୁ କମ୍ କରିବା ପାଇଁ ଡାକ୍ତରମାନେ ପ୍ରଥମେ ତାଙ୍କୁ ଏକ ସାଧାରଣ ପ୍ରୋସ୍ଥେଟିକ୍ ନାକ ତିଆରି କରି ଦେଇଥିଲେ, କିନ୍ତୁ ତାଙ୍କ ଚେହେରାର ଗଠନ କ୍ରମାଗତ ଭାବେ ବଦଳୁଥିଲା । ଏହି କାରଣରୁ ସେହି କୃତ୍ରିମ ନାକଟି କିଛି ସମୟ ପରେ ତାଙ୍କ ଚେହେରାରେ ଆଉ ଠିକ୍ ଭାବେ ଫିଟ୍ ହୋଇପାରିଲା ନାହିଁ । ଏହି ସମସ୍ୟାର ସମାଧାନ ପାଇଁ ଡାକ୍ତରମାନେ ଜେନ୍‌ଙ୍କ ଚେହେରାର ହାଡ଼ ଭିତରେ ଟାଇଟାନିୟମ୍ ଚୁମ୍ବକ ଲଗାଇଦେଲେ । ଏହାପରେ ତାଙ୍କ ପାଇଁ ଏପରି କୃତ୍ରିମ ନାକ ତିଆରି କରାଗଲା ଯାହା କୌଣସି ଅଠା ବିନା କେବଳ ସେହି ଚୁମ୍ବକ ସାହାଯ୍ୟରେ ଲାଗିଯାଉଥିଲା । ଏଥିପାଇଁ ଡାକ୍ତରମାନେ ସର୍ଜରୀ ଦ୍ୱାରା ଜେନ୍‌ଙ୍କ ନାକ ହାଡ଼ରେ ଏକ ମ୍ୟାଗ୍ନେଟିକ୍ ସିଷ୍ଟମ୍ ଲଗାଇଦେଲେ । ଏହା ହିଁ ଜେନ୍‌ଙ୍କ ଜୀବନକୁ ସହଜ କରିଦେଲା । ଏବେ ଜେନ୍‌ଙ୍କ ପାଖରେ ଭିନ୍ନ ଭିନ୍ନ ଆକାର ଏବଂ ରଙ୍ଗର ୧୦ରୁ ଅଧିକ ନାକ ରହିଛି । ଚୁମ୍ବକ ଯୋଗୁଁ ସେ ନିଜର ମୁଡ୍ ଓ ପୋଷାକ ଅନୁସାରେ ମାତ୍ର କେଇ ମୁହୂର୍ତ୍ତରେ ନିଜ ନାକ ବଦଳାଇ ପାରୁଛନ୍ତି ଏବଂ ଯେତେବେଳେ ଚାହିଁବେ ତାକୁ କାଢ଼ି ମଧ୍ୟ ପାରୁଛନ୍ତି । ଯେଉଁ ଜେନ୍ କେବେ ନିଜ ଚେହେରା ଯୋଗୁଁ ଲୋକମାନଙ୍କ ସାମ୍ନା କରିବାକୁ ଭୟ କରୁଥିଲେ, ଆଜି ସେ ବିନା ଦ୍ୱିଧାରେ ସୋସିଆଲ ମିଡିଆରେ ନିଜ ଜୀବନର କାହାଣୀ ସେୟାର କରୁଛନ୍ତି । ସେ ନିଜର ଭିନ୍ନ ଭିନ୍ନ ନାକ ସହିତ ଭିଡିଓ ଏବଂ ଫଟୋ ପୋଷ୍ଟ କରୁଛନ୍ତି । ତେବେ ଜେନ୍ ଏପରି କରିବା ପଛର ଉଦ୍ଦେଶ୍ୟ ହେଉଛି, ଯେଉଁମାନେ କୌଣସି ରୋଗ କିମ୍ବା ଦୁର୍ଘଟଣା ଯୋଗୁଁ ନିଜ ଶରୀରରେ ଆସିଥିବା ପରିବର୍ତ୍ତନ ପାଇଁ ନିରାଶ ହେଉଛନ୍ତି ସେହି ସମସ୍ତ ଲୋକଙ୍କ ମନରେ ଉତ୍ସାହ ଓ ସାହସ ଭରିବା ।

## ଏମିତି ରାଇଜେ ଜନମ ମୋର



ଶରତ କୁମାର ଦାସ

ଏମିତି ରାଇଜେ ଜନମ ମୋର ଯେ
କଳନା ନାହିଁଟି ତା’ର,
ସୂରୁଯ ଉଇଁଲେ ଓଁକାର ଶବଦ
ଶୁଭେ ଯହିଁ ବାରବାର ।
ନୀଳ ସାଗରର ନୀଳ ଜଳରାଶି
ନାଚିନାଚି ଛୁଏଁ କୂଳ,
ସେ କୂଳରେ ଉଭା ନୀଳାଚଳନାଥ
ସଂସାରର ଆଦିମୂଳ ।
ବାଡ଼ିବଗିଚାରେ ଜହ୍ନିଫୁଲ ଫୁଟି
ଦିଶୁଥାଏ ମନଲୋଭା,
ମଥାନ ଉପରେ କଖାରୁ ଡ଼ଙ୍କର
ଲଟା ପାଉଥାଏ ଶୋଭା ।
ଶାଗୁଆ କ୍ଷେତରେ ସୁନାର ଫସଲ
ଦୋଳି ଖେଳୁଥାଏ ଯେବେ,
ଦେଖିଦେଲେ ଥରେ ପୂରିଯାଏ ପେଟ
ଭରିଯାଏ ଖୁସି ତେବେ
ବାରମାସେ ତେର ପରବର ଭୂଇଁ
ଏଇ ମୋ ରାଇଜ ପରା,
କେତେ ଯେ ପୂନେଇଁ ପୁଣି ସଂକରାନ୍ତି
କେତେ କୋଳାହଳେ ଭରା ।
ଏ ମାଟି-ମହକ ସତରେ ନିଆରା
ଭାଷା ତା’ ମଧୁର ଭାରି,
କଳା-ସାହିତ୍ୟରେ ଗରିମା ଏହାର
ଜଗତରେ ହୁଏ ବାରି ।
କାଳିଆ ରଜାର ରାଇଜ ବୋଲି ତ
ଚଉଦିଗେ ପଡ଼େ ହୁରି,
ତା’ ବଡ଼ଦେଉଳ ଦରଶନପାଇଁ
ମନ ଖାଲି ହୁଏ ଝୁରି ।

ବଡ଼ବିଲ, କେନ୍ଦୁଝର

## ମାଆ



ଜଗଦୀଶ ସାହୁ

ସଭିଏଁ ଖାଇବା ପରେ ନିଜେ ଖାଇ
ରାତିରେ ଶେଷରେ ଶୋଇ
କାଉ କଲେ କାଆ ଉଠି ପଡ଼େ ମାଆ
ଅଳସକୁ ଦୂରେ ଥୋଇ ।
ତା’ ଦେହେ ଅମାପ ସହିବା ଶକତି
ବିଧାତା ଦେଇଛି ଭରି
ସେ ଶକତି ବଳେ ପରିବାର ପାଳେ
ସଭିଙ୍କୁ ଆପଣା କରି ।
ତା’ ବିନା ସଂସାର ଲାଗେ ଅସୁନ୍ଦର
ମିଠା ଲାଗେ ମାଆ କଥା
ତା’ ପାଇଁ ସନ୍ତାନ ହୁଏ ମହୀୟାନ
ଚାଲେ ଉଚ୍ଚକରି ମଥା ।
ସେବା, ମମତା ଓ ତ୍ୟାଗର ଦେବୀ ସେ
ଗୁଣକୁ କେ ହେବ ସରି
ପାଦତଳେ ତା’ର ଏଇ ଅଳି ମୋର
ବଞ୍ଚିବି ତା’ ନାମ ଧରି ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ

## ପ୍ରହେଳିକା



- ଶିରାବଣ ଅନ୍ତେ ଆସଇ ସେହି
ପର୍ବପର୍ବାଣିକୁ ସାଥିରେ ନେଇ
ମାସଟିଏ ସିଏ ଭାରି ପବିତ୍ର
ନାନା ଓଷା ବ୍ରତ ପାଳନ୍ତି ଭକ୍ତ
ପ୍ରତି ରବିବାର ଦିନ
ମା’ଖୁଦୁରୁକୁଣୀ ପୂଜା ପାଇଥାନ୍ତି
କୁହ’ତ ସେ ମାସ ନାମ ।

ଉତ୍ତର-ଭାଦ୍ରବ ମାସ

- ବନ୍ୟା ପାଣି ଯେବେ ଗାଆଁକୁ ଛୁଏଁ
ଘର ଗାଈ ଗୋରୁ ଭସେଇ ନିଏ
ଗ୍ରାମବାସୀ ଯାଇ ଉଚ୍ଚ ସ୍ଥାନରେ
ରୁହନ୍ତି ବିକଳେ ନିରାପଦରେ
ସ୍ୱେଚ୍ଛାସେବୀ ଦଳ ଆସନ୍ତି ଧାଇଁ
ସାହାଯ୍ୟ ଦେବାକୁ ତତ୍ପର ହୋଇ
ପ୍ରଶାସନ କରେ କାମ
ଚୁଡ଼ା ଓ ଚାଉଳ ବାଣ୍ଟେ ପୀଡ଼ିତଙ୍କୁ
କୁହ’ତ ତାହାର ନାମ ।

ଉତ୍ତର-ରିଲିଫ୍ ସାମଗ୍ରୀ


- ବିଲରେ ପଶିଲେ ବନ୍ୟାର ଜଳ
ଜମିଯାଏ ଏକ ମାଟିର ସ୍ତର
ସେ ମାଟିର ଥାଏ ଜୈବିକ ସାର
ତା’ ପାଇଁ ହୁଅଇ ବିଲ ଉର୍ବର
ବନ୍ୟା କରେ ହାନିମାନ
ମାଟି ଦାନ ତା’ର ଏକ ଉପକାର
କୁହ’ତ ସେ ମାଟି ନାମ ।

ଉତ୍ତର-ପଟୁ ମାଟି

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ସୁମନ

## ରାଜାଙ୍କ ସ୍ୱର୍ଗ ଭ୍ରମଣ





ପର୍ଶୁରାମ ବେହେରା

ସୁଲଭା ଜଙ୍ଗଲର ମହାରାଜା ସିଂହେଶ୍ୱର ଥିଲେ ଯେତିକି ବୁଦ୍ଧୁ, ତାଙ୍କର ମହାମନ୍ତ୍ରୀ ଗଧିଆ ସେତିକି ଧୂର୍ତ୍ତ ଥିଲା । ସେ ରାଜାଙ୍କୁ ତୋଷାମଦ କରି କେମିତି ନିଜର ଫାଇଦା ଉଠେଇବ ଆଉ ସିଂହ ରାଜାଙ୍କୁ କୌଶଳ କରି ମାରିଦେଇ ସେ ରାଜା ହୁଅନ୍ତା ସେଇ ଚେଷ୍ଟାରେ ଥାଏ । ଗଧିଆର ଏ ମନୋଭାବକୁ ଠିକ୍ ବୁଝିପାରେ ରାଜାଙ୍କ ଏକାନ୍ତ ବିଶ୍ୱସ୍ତ ରାଜବୈଦ୍ୟ ହନୁମନ୍ତ । ସେ ରାଜାଙ୍କୁ ଉଚିତ୍ ପରାମର୍ଶ ଦେଇ ରାଜାଙ୍କୁ ସୁରକ୍ଷା ଦେଉଥିଲା । ଏଣୁ ହନୁ ସହିତ ଗଧିଆର ଆଦୌ ପଡ଼େ ନାହିଁ । ଏମିତି ଦିନେ ରାଜା ସିଂହେଶ୍ୱର ତାଙ୍କ ଉଆସ ସାମ୍ନା ଘାସ ପଡ଼ିଆରେ ଖୁସି ମିଜାଜରେ ବସିଥାନ୍ତି । ଗଧିଆ ମନ୍ତ୍ରୀ ତାଙ୍କ ଦେହରୁ ମାଛି ଘଉଡ଼ାଉଥାଏ । ରାଜା ତାଙ୍କର ନିଶକୁ ମୋଡ଼ି ପଚାରିଲେ- ଆରେ ଓଲୁ, ଏବେ ମୁଁ କେମିତି ଦେଖାଯାଉଛି? ଗଧିଆ ଚଟାପଟ୍ କହିଲା- ମହାରାଜ, ଆପଣ ବରୁଣେଇ ପାହାଡ଼ ପରି ସୁନ୍ଦର ଦିଶୁଛନ୍ତି । ରାଜା ସିଂହେଶ୍ୱର ଖୁସି ହୋଇ ଗଧିଆ ପିଠି ଥାପୁଡ଼େଇ ଦେଲେ । ଠିକ୍ ଏତିକିବେଳେ ଦୂର ଆକାଶରେ ଉଡ଼ି ଯାଉଥିଲା ଗୋଟିଏ ହେଲିକପ୍ଟର । ରାଜା ତାର ରୂପ ଆଉ ଭୀମରଡ଼ି ଶୁଣି ଛାନିଆଁ ହୋଇ ପଚାରିଲେ- ଆରେ ଏଇଟା ପୁଣି କି ଜନ୍ତୁ? ଗଧିଆ କହିଲା- ମହାରାଜ, ପ୍ରକୃତରେ ଏଇଟା ଗୋଟାଏ କଙ୍କି । ଆମ ରାଜବୈଦ୍ୟ ତାକୁ ଗୋଟାଏ ଔଷଧ ତିଆରି କରି ଖାଇବାକୁ ଦେଇଥିବାରୁ ତା’ର ଏପରି ରୂପ ହୋଇଛି । ଏକଥା ଶୁଣି ସିଂହେଶ୍ୱର ରାଗିପାଚି ଲାଲ୍ ପଡ଼ିଗଲେ । କହିଲେ- ସେ ହନୁର ଏଡ଼େ ବହପ ? ସେ ଔଷଧ ମୋତେ ଖାଇବାକୁ ନ ଦେଇ ସାମାନ୍ୟ କଙ୍କିଟାକୁ ଦେଇଛି? ଗଧିଆ କହିଲା, ହଁ ମହାରାଜ, ତାକୁ ପ୍ରାଣଦଣ୍ଡ ଦିଆଯାଉ । ରାଜା ସମର୍ଥନ ଜଣାଇଲେ । ପରଦିନ ଖବର ପାଇ ହନୁ ବୈଦ୍ୟ ଯାଇ ପହଞ୍ଚିଲା ଦରବାରରେ । ସେତେବେଳେ ଗଧିଆ ଉପସ୍ଥିତ ନ ଥାଏ । ରାଜା ହନୁକୁ ଦେଖି ଘଡ଼ଘଡ଼ି କଣ୍ଠରେ କହିଲେ- ଆରେ ମୂଢ଼ ବଇଦ, ଆମ୍ଭେ ହେଲୁ ରାଜା । ତୁ ଯାହା ଔଷଧ ତିଆରି କଲୁ ତାକୁ ଆମ୍ଭେ ପ୍ରଥମେ ସେବନ କରିବା ଉଚିତ୍ ମାତ୍ର ତୁ ତାହା ନ କରି ଛାର କଙ୍କିଟାକୁ ଦେଇଛୁ? ତୋତେ ପ୍ରାଣଦଣ୍ଡ ଦିଆଯିବ । ଏକଥା ଶୁଣି ହନୁ କହିଲା- ହଁ ମଣିମା, ସେ ଔଷଧ ମୁଁ ଆପଣଙ୍କ ପାଇଁ ତିଆରି କରିଛି । ମାତ୍ର ସମ୍ପୂର୍ଣ୍ଣ ହୋଇନି । ତାକୁ ପରୀକ୍ଷାମୂଳକ ଭାବେ କଙ୍କି ଦେହରେ ପ୍ରୟୋଗ କରିଛି । ଯାହାଫଳରେ ସେ ମାତ୍ର ଅଧଘଣ୍ଟାଏ ପାଇଁ ଅଧା ଆକାଶ ଉଡ଼ିପାରିବ । ତା ପରେ ଝଡ଼ିପଡ଼ିବ । ଏହି ଔଷଧରେ ଆଉ ଗୋଟିଏ ଦ୍ରବ୍ୟ ମିଶିଲେ ତାହା ପୂର୍ଣ୍ଣାଙ୍ଗ ହେବ । ତାପରେ ସେ ଔଷଧ ଆପଣ ସେବନ କରିବେ । ଯାହାଫଳରେ ଆପଣଙ୍କ ଆୟୁଷ ଶହେବର୍ଷ ବଢ଼ିଯିବା ସହିତ ଆପଣ ଉଡ଼ିଉଡ଼ି ଯାଇ ସ୍ୱର୍ଗରାଜ୍ୟ ବି ଭ୍ରମଣ କରିପାରିବେ । ଏବେ ରାଜା ଖୁସିହୋଇ କହିଲେ- ଆମ୍ଭର ଅବଶ୍ୟ ସ୍ୱର୍ଗ ଭ୍ରମଣ କରିବାର ଇଚ୍ଛା ଅଛି । କ’ଣ ସେ ଦ୍ରବ୍ୟ ଶିଘ୍ର କହ, ଆମ୍ଭେ ଯୋଗାଡ଼ କରିଦେବା । ହନୁବୈଦ୍ୟ କହିଲା- ମାତ୍ର ଚାମୁଚାଏ ଗଧିଆ କଳିଜା । ଏଥିରେ ରାଜା ଖୁସିହୋଇ ଗଧିଆକୁ ଡକେଇ ପଠାଇଲେ । ଗଧିଆ ଆସି ପହଞ୍ଚିବାକ୍ଷଣି ସିଂହେଶ୍ୱର ତା ଉପରକୁ ଝାମ୍ପିପଡ଼ି ତା ଛାତିଚିରି କଳିଜା ଓଟାରି ଆଣି ହନୁକୁ ଧରେଇଦେଲେ । ପରଦିନ ହନୁବୈଦ୍ୟ ଔଷଧ ପୁଡ଼ିଆଟିଏ ଆଣି ରାଜାଙ୍କୁ ଧରେଇଦେଇ କହିଲା- ଏହାକୁ ସେବନ କରି ଘଣ୍ଟାଏ ପାଣିରେ ଗାଧୋଇବାକୁ ପଡ଼ିବ । ମାତ୍ର ଆମର ଦୁଃଖ ଆପଣ ସ୍ୱର୍ଗରାଜ୍ୟକୁ ଯାଇ ଆଉ ଫେରିବେ କି ନା ସନ୍ଦେହ । ରାଜା ରାଗିଯାଇ କହିଲେ- ଆରେ ମୂଢ଼, ମୁଁ ସ୍ୱର୍ଗରାଜ୍ୟର ରାଜା ହେଲେ, ଏଠାକୁ ଆଉ ଫେରିବା ଦରକାର କ’ଣ? ଏହାପରେ ରାଜା ସିଂହେଶ୍ୱର ସଂପୂର୍ଣ୍ଣ ପୁଡ଼ିଆଟି ସହ ଔଷଧ ଗିଳି ପକେଇ ନଈରେ ବୁଡ଼ ମାରିଲେ । ହନୁବୈଦ୍ୟ ତାଙ୍କୁ କି ଔଷଧ ଦେଇଥିଲା କେଜାଣି, ସେ ଆଉ ପାଣିରୁ ଉଠିଲେ ନାହିଁ । ସେ ନିସ୍ତେଜ ହୋଇ ଭାସିଚାଲିଲେ ସୁଅ ତଳକୁ ତଳକୁ ।

ଲୋକାପଡ଼ା, ଆଳି, କେନ୍ଦ୍ରାପଡ଼ା


ବି:ଦ୍ର- ‘ସକାଳ’ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ । ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ ।

## ତୁମ ଅଙ୍କା ଛବି





ସୁଲଗ୍ନା ପଟ୍ଟନାୟକ
ଅଷ୍ଟମ ଶ୍ରେଣୀ
ଭାରତୀୟ ବିଦ୍ୟା ନିକେତନ
ପୁରୀ





ଦିବ୍ୟାଂଶୁ କୁମାର ନାୟକ
ସପ୍ତମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା





ଆବିଷ୍କାର ଆରବ ଅମାତ
ପଞ୍ଚମ ଶ୍ରେଣୀ
ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ
ସୁବର୍ଣ୍ଣପୁର






ସହିଷ୍ଣୁ ସାହୁ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖଣ୍ଡଗିରି

### ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍

# ନେଦରଲ୍ୟାଣ୍ଡସ-ଆର୍ଜେଣ୍ଟିନା ଫାଇନାଲ ଆଜି

ଆମଷ୍ଟଲଭିନ୍, ୨୮।୮ (ଏଜେନ୍ସି)

ହ୍ୟାଟ୍ରିକ୍ ଟାଇଟଲ ବିଜୟିନୀ ତଥା ଯୁଗ୍ମ ଆୟୋଜକ ନେଦରଲ୍ୟାଣ୍ଡସ ଓ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଆର୍ଜେଣ୍ଟିନା ମଧ୍ୟରେ ଆସନ୍ତାକାଲି ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍‌ର ଗ୍ରାଣ୍ଡ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ନେଦରଲ୍ୟାଣ୍ଡସ ଓ ବେଲଜିୟମ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ସେମିଫାଇନାଲ ମୁକାବିଲାରେ ନେଦରଲ୍ୟାଣ୍ଡସ ୧-୦ ଗୋଲରେ ସହ ଆୟୋଜକ ବେଲଜିୟମକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଆର୍ଜେଣ୍ଟିନା ମଧ୍ୟ ୧-୦ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଶନିବାର ରାତି ୭ଟା ୩୦ ମିନିଟ୍‌ରେ ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନା ମଧ୍ୟରେ ଫାଇନାଲ ମୁକାବିଲା ଖେଳାଯିବ। ଗତକାଲି ଅନୁଷ୍ଠିତ କ୍ଲାସିଫିକେସନ ମୁକାବିଲାରେ ଜର୍ମାନୀକୁ ୩-୧ ଗୋଲରେ ହରାଇ ଭାରତୀୟ ମହିଳା ଦଳ ୫ମ ସ୍ଥାନ ଅଧିକାର କରିଥିଲା। ୧୯୭୪ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ସେମିଫାଇନାଲ୍ ଖେଳିଥିବା ଭାରତୀୟ ମହିଳା ଦଳର ଏହି ୫୧ ବର୍ଷରେ ଏହା ସର୍ବଶ୍ରେଷ୍ଠ ସଫଳତା। ଆସନ୍ତାକାଲି ଫାଇନାଲ ସହ ତୃତୀୟସ୍ଥାନ ଲାଗି ମୁକାବିଲା ମଧ୍ୟ ଖେଳାଯିବ। ସେମିଫାଇନାଲ ମୁକାବିଲାରେ ପରାଜିତ ବେଲଜିୟମ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏହି ମୁକାବିଲା ମଧ୍ୟ ଆମଷ୍ଟଲଭିନ୍‌ରେ ଖେଳାଯିବ।



**ଆଜିର ଚୂଡ଼ାନ୍ତ ମୁକାବିଲା**

**ତୃତୀୟ ସ୍ଥାନ**
ବେଲଜିୟମ-ଅଷ୍ଟ୍ରେଲିଆ
ଆମଷ୍ଟଲଭିନ୍, ଅପରାହ୍ଣ ୪ଟା ୩୦

**ଫାଇନାଲ**
ନେଦରଲ୍ୟାଣ୍ଡସ-ଆର୍ଜେଣ୍ଟିନା
ଆମଷ୍ଟଲଭିନ୍, ରାତି ୭ଟା ୩୦

**ପ୍ରସାରଣ**
ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓହଟ୍‌ଷ୍ଟାର

ମହିଳା ହକି ବିଶ୍ୱକପ୍‌ରେ ଉଭୟ ପ୍ରତିଦ୍ୱନ୍ଦ୍ୱୀ ବେଶ ସଫଳ ଦେଶ ଭାବେ ପରିଚିତ। ଏବେ ବିଶ୍ୱକପ୍‌ର ୧୬ତମ ସଂସ୍କରଣ ଚାଲିଥିଲାବେଳେ ନେଦରଲ୍ୟାଣ୍ଡସ ୧୪ଥର ଫାଇନାଲ ଖେଳିଛି। ଏହା ମଧ୍ୟରୁ ଦଳ ୯ଥର ଚାମ୍ପିଅନ ହୋଇଥିଲାବେଳେ ୪ଥର ରନର୍ସ ଅପ୍ ହୋଇଛି। ଏହି ଚାମ୍ପିଅନ ଦଳ କେବଳ ୧୯୭୬ ଓ ୧୯୯୪ରେ ଫାଇନାଲ ଖେଳିବାରେ ସଫଳ ହୋଇନାହିଁ। ଏହା ବ୍ୟତୀତ ଦଳ ଗତ ୩ଟିଯାକ ଫାଇନାଲରେ ଖେଳିଛି ଓ ଚାମ୍ପିଅନ ହୋଇଛି ମଧ୍ୟ। ଏଥର ନେଦରଲ୍ୟାଣ୍ଡସ ଯଦି ଚାମ୍ପିଅନ ହୁଏ, ତେବେ ଏହି ଦଳ କ୍ରମାଗତ ଭାବେ ଚତୁର୍ଥ ଟାଇଟଲ କବ୍‌ଜା କରିବ। ଅନ୍ୟ ପକ୍ଷରେ ଦକ୍ଷିଣ ଆମେରିକାର ଏକମାତ୍ର ଦେଶ ଭାବେ ଆର୍ଜେଣ୍ଟିନା ବିଶ୍ୱକପ୍‌ରେ ଦବ୍‌ଦବା ଜାହିର କରିପାରିଛି। ୧୬ଟି ସଂସ୍କରଣ ମଧ୍ୟରେ ଚଳିତଥରକୁ ମିଶାଇ ଏହି ଦେଶ ୭ମ ଥର ସକାଶେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ପୂର୍ବରୁ ଦଳ ଖେଳିଥିବା ୬ଥର ଫାଇନାଲ ମଧ୍ୟରୁ ୨ଥର ଚାମ୍ପିଅନ ଓ ୪ଥର ରନର୍ସ ଅପ୍ ହୋଇଥିଲା। କୌତୁହଳର ବିଷୟ ଏହିକି ଯେ, ୧୯୭୪ରେ ପ୍ରଥମ ଓ ୨୦୨୨ରେ ଗତଥର ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ନେଦରଲ୍ୟାଣ୍ଡସଠାରୁ ଆର୍ଜେଣ୍ଟିନା ପରାଜିତ ହୋଇଥିଲା। ଏବେ ଉଭୟ ଦେଶ କ୍ରମାଗତ ଫାଇନାଲରେ ପରସ୍ପର ସହ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଚଳିତ ଟୁର୍ଣ୍ଣାମେଣ୍ଟର ପ୍ରଦର୍ଶନକୁ ଦେଖିଲେ ଉଭୟ ଦଳ ଦମ୍‌ଦାର ସହ ଖେଳିଛନ୍ତି। କେବଳ ସେମିଫାଇନାଲ ମୁକାବିଲା ଜୋରଦାର ଲଢ଼େଇ ହୋଇଥିଲେ ମଧ୍ୟ ଉଭୟ ଦଳ ୧-୦ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ନେଦରଲ୍ୟାଣ୍ଡସ ସମସ୍ତ ମୁକାବିଲାରେ ବିଜୟୀ ହୋଇଛନ୍ତି। ଦଳ ଆକ୍ରମଣରେ ଯେପରି ଶାଣିତ ଖେଳ ପ୍ରଦର୍ଶନ କରିଛି, ସେହିପରି ମିଡ୍‌ଫିଲ୍ଡ ହେଉ ବା ଡିଫେନ୍ସରେ ନେଦରଲ୍ୟାଣ୍ଡସର ଖେଳାଳିମାନେ ବେଶ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସ୍ପିଡ୍ ସହ କଳାତ୍ମକ ଖେଳରେ ନେଦରଲ୍ୟାଣ୍ଡସ ଏହି ବିଶ୍ୱକପ୍‌ରେ କେହି ସମକକ୍ଷ ହୋଇପାରି ନାହିଁ। ଦଳ ପକ୍ଷରୁ ଯିବି ଜାନ୍‌ସେନ୍ ସର୍ବାଧିକ ୭ଟି ଓ ମାରିନ୍ ଭୀନ୍ ୫ଟି ଗୋଲ ଦେଇଛନ୍ତି। ଆର୍ଜେଣ୍ଟିନାର ଅଗଷ୍ଟିନା ଗ୍ରୋଜେଲାନି ୪ଟି ଏବଂ ଅନ୍ୟ ୭ଜଣ ଖେଳାଳି ଗୋଟିଏ ଲେଖାଏଁ ଗୋଲ ଦେଇଛନ୍ତି। ନେଦରଲ୍ୟାଣ୍ଡସ ପକ୍ଷରୁ ଫେଲିସ୍ ଆଲବର୍ସ, ଜୁସ୍‌ଜେ ବର୍ଗ, ଫ୍ରେଡ୍‌ରିକ୍ ମାଟଲା ୩ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଏହା ଫଳରେ ଫାଇନାଲ ମୁକାବିଲାରେ ନେଦରଲ୍ୟାଣ୍ଡସର ଫରୱାର୍ଡ ଏବଂ ଆର୍ଜେଣ୍ଟିନାର ଡିଫେନ୍ସ ମଧ୍ୟରେ ଜୋରଦାର ମୁକାବିଲା ହେବ।

### ପୁରୁଷ ହକି ବିଶ୍ୱକପ୍

## ଇଂଲଣ୍ଡକୁ ହରାଇ ଅଷ୍ଟ୍ରେଲିଆ ୫ମ

ଆମଷ୍ଟଲଭିନ୍,୨୮।୮ (ଏଜେନ୍ସି): ଆୟର୍ଲାଣ୍ଡକୁ ୬-୩ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ପୁରୁଷ ହକି ବିଶ୍ୱକପ୍‌ରେ ୯ମ ସ୍ଥାନ ଅଧିକାର କରିଛି। ଏହା ପୂର୍ବରୁ ଖେଳାଯାଇଥିବା କ୍ଲାସିଫିକେସନ ମୁକାବିଲାରେ ପାକିସ୍ତାନ ୪-୩ ପେନାଲ୍ଟି ସୁଟ୍‌ଆଉଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଏକାଦଶ ସ୍ଥାନ ଅଧିକାର କରିଥିଲା। ସେହିପରି ଜାପାନକୁ ୩-୧ ଗୋଲରେ ହରାଇ ଫ୍ରାନ୍ସ ୧୩ଶ, ମାଲେସିଆକୁ ୨-୧ ପେନାଲଟି ଗୋଲରେ ପରାସ୍ତ କରି ୱେଲ୍ସ ୧୫ତମ ସ୍ଥାନ ଅଧିକାର କରିଛି। ଇଂଲଣ୍ଡକୁ ୨-୦ ଗୋଲରେ ହରାଇ ଅଷ୍ଟ୍ରେଲିଆ ୫ମ ସ୍ଥାନ ଅଧିକାର କରିଛି। ଭାରତ ଓ ବେଲଜିୟମ ମଧ୍ୟରେ ୭ମ ସ୍ଥାନ ଲାଗି ମୁକାବିଲା ଚାଲିଛି। ଦ୍ୱିତୀୟାର୍ଦ୍ଧ ଖେଳ ଶେଷସୁଦ୍ଧା ବେଲଜିୟମ ୨-୧ ଗୋଲରେ ଆଗୁଆ ରହିଥିଲା। ୨ଟି ଯାକ ଗୋଲ ପେନାଲ୍ଟି କର୍ଣ୍ଣରୁ ବେଲଜିୟମ ସ୍କୋର କରିଥିଲା। ମହିଳା ବିଭାଗରେ ଜର୍ମାନୀକୁ ହରାଇ ଭାରତ ୫ମ ସ୍ଥାନରେ ରହିଥିଲା।

## ଏସିଆ କପ୍ ମହିଳା କ୍ରିକେଟ ଆରମ୍ଭ

ଦୁବାଇ,୨୮।୮ (ଏଜେନ୍ସି): ଥାଇଲାଣ୍ଡ ଓ ହଂକଂ ଚୀନ୍‌ର ମୁକାବିଲା ସହ ଏଠାରେ ଆରମ୍ଭ ହୋଇଛି ଏସିଆ କପ୍ ମହିଳା କ୍ରିକେଟ। ଏହି ମ୍ୟାଚ୍‌ରେ ହଂକଂ ଟସ୍ ଜିତିବା ପରେ ପ୍ରଥମେ ଥାଇଲାଣ୍ଡକୁ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ୭ଓଭର ଖେଳ ଶେଷସୁଦ୍ଧା ଥାଇଲାଣ୍ଡ ୧ ୱିକେଟ ହରାଇ ୭ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଅଫିସାରା ୧୧ ଓ ନାନାପାଟ ୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଫନିତା ମାୟା ୧୯ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛି। ଟାଇଟଲ ଆଶାୟୀ ଭାରତ ଗ୍ରୁପ୍-ଏ’ରେ ସାମିଲ ହୋଇଥିଲାବେଳେ ଅଗଷ୍ଟ ୩୦ରେ ଥାଇଲାଣ୍ଡ ସହ ଖେଳିବ। ଆସନ୍ତାକାଲି ଗ୍ରୁପ୍-ବି’ରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ଓ ୟୁଏଇ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯିବ।

## ପାକିସ୍ତାନ ୧୧୦ରେ ଅଲ୍‌ଆଉଟ୍

ଲର୍ଡ୍ସ,୨୮।୮ (ଏଜେନ୍ସି): ଓଲି ରବିନସନ, ଜୋଫ୍ରା ଆର୍ଚରଙ୍କ ଜୋଶ ଟଙ୍ଗଙ୍କ ଘାତକ ବୋଲିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ପାକିସ୍ତାନର ଆଉ ଏକ ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସ ୨୯୦ ରନ୍‌ରେ ଶେଷ ହେବା ପରେ ଶେଷ ଖବର ସୁଦ୍ଧା ପାକିସ୍ତାନ ପ୍ରଥମ ଇନିଂସରେ ୧୧୦ରନ୍ କରି ଅଲଆଉଟ ହୋଇଛି। ଦଳ ପକ୍ଷରୁ ଓପନର ଆଜନ ଆୱେସ ସର୍ବାଧିକ ୪୬ ଓ ସାଉଦ ସକିଲ ୧୬ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଛନ୍ତି। ଇଂଲଣ୍ଡ ପକ୍ଷରୁ ଜୋଶ ରବିନସନ ୪ଟି, ଜୋଫ୍ରା ଆର୍ଚର ୩ଟି ଓ ଟଙ୍ଗ ୨ଟି ୱିକେଟ ପାଇଛନ୍ତି। ବାବର ୮ ରନ୍ କରିଥିଲାବେଳେ ଇମାମ-ଉଲ-ହକ୍ ଆହତ ହୋଇ ବ୍ୟାଟିଂ କରିନାହାନ୍ତି। ଇଂଲଣ୍ଡ ତାହାର ଶେଷ ୬ଟି ୱିକେଟ ୬ ରନ୍ ମଧ୍ୟରେ ହରାଇଥିଲା। ପୂର୍ବରୁ ଇଂଲଣ୍ଡର ୭ମରୁ ୧୧ ନମ୍ବର ବ୍ୟାଟରଙ୍କ ପ୍ରତିରୋଧ ଫଳରେ ଦଳ ପ୍ରଥମ ଇନିଂସରେ ସମ୍ମାନଜନକ ୨୯୦ ରନ୍ କରିଥିଲା। ନଂ-୭ ଜାମି ସ୍ମିଥ୍ ୬୧, ନଂ-୮ ଗସ ଆଟକିନସନ ୪୫, ନଂ-୯ ଆର୍ଚର ୧୪ ଓ ନଂ-୧୧ ଜୋଶ ଟଙ୍ଗ୍ ଶେଷଯାଏ ଆଉଟ ନ ହୋଇ ୩୦ ରନ୍ କରିଥିଲେ। ଟପ୍ ଅର୍ଡରରେ ଜୋର୍ଡାନ କକ୍ସଙ୍କ ୫୫ ରନ୍‌କୁ ଛାଡ଼ିଦେଲେ ଅନ୍ୟ କେହି ଭଲ ରନ୍ କରି ନ ଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ୍ ଆବାସ ୪ଟି ଓ ମହମ୍ମଦ୍ ଅଲି ୩ଟି ୱିକେଟ ପାଇଥିଲେ।

## ବିପର୍ଯ୍ୟୟ: ଦକ୍ଷିଣ ଆଫ୍ରିକାକୁ ହରାଇଲା ନାମିବ୍ୟା

ୱିନଧୋଏକ, ୨୮।୮ (ଏଜେନ୍ସି): ଅନ୍ତର୍ଜାତୀୟ ପୁରୁଷ ଟି-୨୦ କ୍ରିକେଟ୍‌ରେ ନାମିବ୍ୟା ଶୁକ୍ରବାର ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜର ପ୍ରଥମ ମ୍ୟାଚରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୧୮ ରନରେ ହରାଇ ନାମିବ୍ୟା ଏହି ବିପର୍ଯ୍ୟୟ ସୃଷ୍ଟି କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ନାମିବ୍ୟା ୨୦ ଓଭରରେ ୯ ୱିକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର୍ ଜନ୍ ଫ୍ରିଲିନକ୍ ସର୍ବାଧିକ ୬୦ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ଅଫ୍-ସ୍ପିନର ପ୍ରେନେଲାନ ସୁବରୟେନ ୩ଟି, ଅଧିନାୟକ ବୈର୍ନି ଫର୍ଟୁଇନ ଓ ଡୁଆନ ଜନସେନ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଡେୱାଲ୍ଡ ବ୍ରେଭିସଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୯ ୱିକେଟରେ ୧୪୫ ରନ କରି ପରାସ୍ତ ହୋଇଥିଲା। ବ୍ରେଭିସ ୫୦ ବଲରେ ସର୍ବାଧିକ ୭୫ ରନ କରିଥିଲେ। ମାର୍କୋ ଜାନସେନଙ୍କ ଭାଇ ଡୁଆନ ବ୍ୟାଟିଂରେ ମଧ୍ୟ ୧୭ ବଲରେ ଅପରାଜିତ ୨୫ ରନର ଦ୍ରୁତ ପାଳି ଖେଳିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ନାମିବ୍ୟା ଏଥିପୂର୍ବରୁ ଗତବର୍ଷ ଅକ୍ଟୋବର ୧୧ ତାରିଖରେ ଦକ୍ଷିଣ ଆଫ୍ରିକାକୁ ଏକ ଟି-୨୦ ମ୍ୟାଚରେ ପରାସ୍ତ କରିଥିଲା। ଏହି ତ୍ରି-ରାଷ୍ଟ୍ରୀୟ ସିରିଜରେ ତୃତୀୟ ଦଳ ଭାବରେ ଜିମ୍ବାୱେ ଅଂଶଗ୍ରହଣ କରୁଛି।

## ଗ୍ରାଣ୍ଡ ଚେସ୍ ଟୁର୍ ଜିତିବାରେ ପ୍ରଜ୍ଞାନାନନ୍ଦ ପ୍ରଥମ

ସେଣ୍ଟ ଲୁଇସ, ୨୮।୮ (ଏଜେନ୍ସି): ଭାରତୀୟ ଚେସ୍ ତାରକା ତଥା ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନାନନ୍ଦ କ୍ୟାରିୟରରେ ଏକ ବଡ଼ ସଫଳତା ପାଇଛନ୍ତି। ପ୍ରଥମ ଭାରତୀୟ ଭାବେ ପ୍ରଜ୍ଞାନାନନ୍ଦ ଗ୍ରାଣ୍ଡ ଚେସ୍ ଟୁର୍ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଆମେରିକାର ସେଣ୍ଟ ଲୁଇସରେ ଅନୁଷ୍ଠିତ ଫାଇନାଲରେ ପ୍ରଜ୍ଞାନାନନ୍ଦ ୧୫-୧୩ ସ୍କୋରରେ ପୂର୍ବତନ ଡିଫେଣ୍ଡିଂ ଚାମ୍ପିଅନ ଫାବିଆନୋ କାରୁଆନାଙ୍କୁ ପରାସ୍ତ କରିଥିଲେ। ୨୧ ବର୍ଷୀୟ ପ୍ରଜ୍ଞାନାନନ୍ଦ ଉଭୟ ର୍‌ୟାପିଡ୍ ଗେମରେ ବିଜୟୀ ହୋଇଥିଲେ। ବିଜୟ ସହ ପ୍ରଜ୍ଞାନାନନ୍ଦ ୨ ଲକ୍ଷ ଡଲାର (ପ୍ରାୟ ୧ କୋଟି ୯୧ ଲକ୍ଷ ଟଙ୍କା) ପୁରସ୍କାର ହାସଲ କରଇଛନ୍ତି। ସେହିଭଳି ଆସନ୍ତାବର୍ଷ ହେବାକୁ ଥିବା ଗ୍ରାଣ୍ଡ ଚେସ୍ ଟୁର୍‌ରେ ମଧ୍ୟ ପ୍ରଜ୍ଞାନାନନ୍ଦ ସ୍ଥାନ ପକ୍କା କରିଛନ୍ତି।

### ■ ୟୁଏସ୍ ଓପନ ମିକ୍ସଡ ଡବଲ୍ସ

## ମୁଚୋଭା-ମେନସିକ୍ ଚାମ୍ପିଅନ

ନ୍ୟୁୟର୍କ,୨୮।୮ (ଏଜେନ୍ସି): କାରୋଲିନା ମୁଚୋଭା ଓ ଜାକୁବ ମେନସିକ୍ ନୂଆ ଫର୍ମାଟରେ ଖେଳାଯାଇଥିବା ୟୁଏସ୍ ଓପନ ମିକ୍ସଡ ଡବଲ୍ସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଦୁଇ ଦିନ ଧରି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥରେ ମୁଚୋଭା-ମେନ୍‌ସିକ୍‌ଙ୍କ ଚେକ୍ ରିପବ୍ଲିକ୍‌ର ଯୋଡି ୬-୩, ୧-୬, ୧୦-୬ ସେଟ୍‌ରେ ବେଲିଣ୍ଡା ବେଙ୍କିକ୍ ଓ ଫ୍ଲାଭିଓ କୋବୋଲିଙ୍କ ଯୋଡ଼ିଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ। ଟାଇଟଲ ସହ ଉଭୟ ଖେଳାଳିଙ୍କୁ ଏକ ନିୟୁତ ଡଲାର ଓ ଟ୍ରଫି ବିଜୟୀ ହୋଇଥିଲେ। ଏମାନେ ସେମିଫାଇନାଲରେ ୩ ସେଟ୍ ବିଶିଷ୍ଟ ମ୍ୟାଚ୍ ଖେଳି ବିଜୟୀ ହୋଇଥିଲେ। କିନ୍ତୁ ୩୦ ବର୍ଷୀୟ ମୁଚୋଭା ଓ ୨୦ ବର୍ଷୀୟ ମେନସିକ୍‌ଙ୍କ ଅଣସିଡେଡ ଯୋଡି ସେମିଫାଇନାଲରେ ରୁଷର ଶକ୍ତିଶାଳୀ ଯୋଡି ମୀରା ଆନ୍ଦ୍ରିଭା ଓ ଆନ୍ଦ୍ରେ ରୁବେଲେଭଙ୍କ ଯୋଡିଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ନଂ-୪ ସିଡ୍ ବେଙ୍କିକ୍ ଓ କୋବୋଲିଙ୍କ ଯୋଡି ସେମିରେ ଏଲିନା ଭିଟୋଲିନା ଓ ଗେଲ ମୋନଫିଲ୍ସଙ୍କୁ ପରାସ୍ତ କରି ଫାଇନାଲ ଖେଳିଥିଲେ। ଉଭୟ ଯୋଡି ଫାଇନାଲ ପ୍ରବେଶ ପଥରେ ଅନେକ ଗୁରତ୍ୱପୂର୍ଣ୍ଣ ଯୋଡ଼ିଙ୍କୁ ହରାଇଥିଲେ। ଅଗଷ୍ଟ ୩୦ରୁ ମେନ୍ ଡ୍ର ଆରମ୍ଭ ହେବାକୁ ଯାଉଥିବାରୁ ଏହାର ଦୁଇ ଦିନ ଆଗରୁ ମିକ୍ସଡ ଡବଲ୍ସ ମୁକାବିଲା ଶେଷ ହୋଇଥିଲା। ଚାମ୍ପିଅନ ହୋଇଥିବା ଉଭୟ ଖେଳାଳି ୫୦,୦୦୦ ମିଲିଅନ ଡଲାର ଲେଖାଏଁ ପୁରସ୍କାର ପାଇଥିଲେ। ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ପୁରସ୍କାର ଇତିହାସରେ ଏହା ସର୍ବାଧିକ।



## ଆନୟ ବାଙ୍ଗରଙ୍କୁ ଖେଳିବାକୁ ଅନୁମତି ଦେବା ନିହାତି ହାସ୍ୟାସ୍ପଦ: କାପ୍

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି): ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଥିବା ଭାରତୀୟ ଖେଳାଳି ଆନୟ ବାଙ୍ଗରଙ୍କୁ କ୍ରିକେଟ ଅଷ୍ଟ୍ରେଲିଆ ଖେଳିବାକୁ ଅନୁମତି ଦେବା ନିହାତି ହାସ୍ୟାସ୍ପଦ ବୋଲି ଦକ୍ଷିଣ ଆଫ୍ରିକାର ପ୍ରମୁଖ ମହିଳା ଅଲରାଉଣ୍ଡର ମାରିଜାନ କାପ୍ ତୀବ୍ର ସମାଲୋଚନା କରି କହିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ଏଭଳି ନିଷ୍ପତ୍ତି ନେବା ଅନାବଶ୍ୟକ ବୋଲି ସେ କହିଛନ୍ତି। ଭାରତୀୟ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ଝିଅ ଆନୟଙ୍କୁ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ କ୍ରିକେଟ ଅଷ୍ଟ୍ରେଲିଆ ନିଜ ଦେଶରେ ଥିବା ଯେକୌଣସି ଟିମ୍‌ରେ ଖେଳିବାକୁ ଅନୁମତି ଦେଇଛନ୍ତି। ଫଳରେ ଜଣେ ଟ୍ରାନ୍ସଜେଣ୍ଡର ଖେଳାଳିଙ୍କୁ ଅନୁମତି ଦେବା ନିହାତି ଖରାପ କଥା ବୋଲି କାପ୍ କହିଛନ୍ତି। କିନ୍ତୁ କ୍ରିକେଟ ଅଷ୍ଟ୍ରେଲିଆ ଏଭଳି ଅନୁମତି ଦେବାକୁ ବହୁଦିନ ଅପେକ୍ଷା କରିଥିଲେ। ଗତ କିଛିମାସ ହେଲା ଆନୟଙ୍କ ଟେଷ୍ଟୋଷ୍ଟୋରେନ୍ ଲେଭଲ ମପାଯାଇଥିଲା। ମହିଳା କ୍ରିକେଟ ଖେଳିବାକୁ ହେଲେ ଏହି ଲେଭଲ ୧୦ କିମ୍ବା ଏହାଠାରୁ କମ୍ ରହିବା କଥା। କିନ୍ତୁ ଆନୟଙ୍କ ଟେଷ୍ଟୋଷ୍ଟୋରେନ୍ ଲେଭଲ ୦.୬ରୁ ବଢ଼ି ନ ଥିଲା। ଏବେ ଏହି ପ୍ରକ୍ରିୟା ୨୦୨୭ ମାର୍ଚ୍ଚ ଯାଏ ଚାଲିବ। ସେ ଯଦି ଟେଷ୍ଟୋଷ୍ଟୋରେନ୍ ଲେଭଲ ୧୦ ତଳକୁ ବଜାୟ ରଖନ୍ତି, ତେବେ ତାଙ୍କୁ ଖେଳିବାକୁ ଅନୁମତି ମିଳିବ।



ଏ ସମ୍ପର୍କରେ ଆନୟ କହନ୍ତି, ମୋତେ ଖେଳିବାକୁ ଅନୁମତି ମିଳିଲା ବୋଲି ମୁଁ ଯେକୌଣସି ଏକ ଦଳରେ ସାମିଲ ହୋଇଗଲି ତାହା ଭାବିବା ବୃଥା। ଜଣେ ଟ୍ରାନ୍ସଜେଣ୍ଡର ଭାବେ ନୁହେଁ, କ୍ରିକେଟ ଦକ୍ଷତା ଯୋଗୁଁ ଯଦି ମୋତେ କେହି ଦଳରେ ସାମିଲ କରନ୍ତି, ତେବେ ମୁଁ ଏଥିରେ ସାମିଲ ହେବି। ଅନ୍ୟଥା ନୁହେଁ ବୋଲି ସେ କହିଛନ୍ତି। କିନ୍ତୁ ତାଙ୍କୁ ଅଷ୍ଟ୍ରେଲିଆରେ ଖେଳିବାକୁ ଅନୁମତି ମିଳିବା ପରେ ଏହି ନିଷ୍ପତ୍ତିକୁ ନେଇ ଢ଼େର୍ ଆଲୋଚନା ହୋଇ ଯାଇଛି। ଏବେ ମାର୍ଚ୍ଚ ୨୦୨୭ ପରେ କ’ଣ ହେବ କିମ୍ବା ସମାଲୋଚନା ମଧ୍ୟରେ ଆନୟଙ୍କ କ୍ରିକେଟ ଖେଳିବା ସ୍ୱପ୍ନ ଅଧୁରା ରହିଯିବ ତାହାକୁ ନେଇ ପ୍ରଶ୍ନବାଚୀ ରହିଛି।

### ରୁମେଶଙ୍କ ରେକର୍ଡ

## ଦ୍ୱିତୀୟଥର ଲାଗି ଟପିଲେ ୯୨ ମିଟର

ଜୁରିକ୍, ୨୮।୮ (ଏଜେନ୍ସି): ଶ୍ରୀଲଙ୍କାର ଜାଭେଲିନ ଫିଙ୍ଗାଳୀ ରୁମେଶ ପଥିରାଗେ ରେକର୍ଡ ବୁକ୍‌ରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ବିଶ୍ୱର ଚତୁର୍ଥ ଜାଭେଲିନ ଫିଙ୍ଗାଳୀ ଭାବରେ ରୁମେଶ ଦ୍ୱିତୀୟଥର ଲାଗି ୯୨ କିମ୍ବା ଏହାଠାରୁ ଅଧିକ ମିଟର ଥ୍ରୋ କରିଛନ୍ତି। ରୁମେଶ ଶୁକ୍ରବାର ଜୁରିଚ ଡାଇମଣ୍ଡ ଲିଗ୍‌ରେ ୯୨.୦୭ ମିଟର ଦୂରତା ହାସଲ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ପୂର୍ବତନ ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ ୮୬.୯୩ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିଭଳି ପୋଲାଣ୍ଡର ଡାୱିଡ ୱେଗନର ୮୫.୧୬ ମିଟର ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ଦୁଇଥରର ଅଲିମ୍ପିକ ପଦକ ବିଜେତା ତଥା ଷ୍ଟାର ଭାରତୀୟ ଆଥଲେଟ୍ ନୀରଜ ଚୋପ୍ରା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେଇ ନ ଥିଲେ।

## ଡାଇମଣ୍ଡ ଲିଗ୍ ଫାଇନାଲକୁ ନୀରଜଙ୍କ ଯୋଗ୍ୟତା

ବ୍ରୁସେଲ୍ସ, ୨୮।୮ (ଏଜେନ୍ସି): ତାରକା ଭାରତୀୟ ଆଥଲେଟ୍ ନୀରଜ ଚୋପ୍ରା ସମ୍ମାନଜନକ ଡାଇମଣ୍ଡ ଲିଗ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସିଜନର ଏହି ଶେଷ ପ୍ରତିଯୋଗିତା ସେପ୍ଟେମ୍ବର ୪ ଓ ୫ ତାରିଖରେ ବେଲ୍‌ଜିମୟର ବ୍ରୁସେଲ୍ସରେ ଅନୁଷ୍ଠିତ ହେବ। ଡାଇମଣ୍ଡ ଲିଗ୍ ଫାଇନାଲର ପୁରୁଷ ଜାଭେଲିନ ଥ୍ରୋ’ରେ ୬ଜଣ ଅଂଶଗ୍ରହଣ କରିବେ। ଚଳିତ ବର୍ଷ ଡାଇମଣ୍ଡ ଲିଗ୍ ସିରିଜର ପ୍ରଦର୍ଶନ ଆଧାରରେ ଶ୍ରୀଲଙ୍କାର ରୁମେଶ ପଥିରାଗେ (୩୯ ପଏଣ୍ଟ), ଗ୍ରେନେଡାର ଆଣ୍ଡରସନ ପିଟର୍ସ (୩୫ ପଏଣ୍ଟ), ତ୍ରିନିଦାଦର କେଶୋରନ ୱାଲକଟ୍ଟ (୨୩), ଆମେରିକାର କର୍ଟିସ ଥମ୍ପସନ (୨୦) ଓ କେନିଆର ଜୁଲିଅସ୍ ୟେଗୋ (୧୩) ପ୍ରଥମ ପାଞ୍ଚଟି ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଜୁରିକ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରି ନ ଥିଲେ ମଧ୍ୟ ନୀରଜ ଅନ୍ତିମ ତଥା ୬ଷ୍ଠ ଆଥଲେଟ ଭାବେ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଚଳିତ ବର୍ଷ ଡାଇମଣ୍ଡ ଲିଗ୍ ସିରିଜରେ ନୀରଜ ମୋଟ୍ ପଏଣ୍ଟ ୧୨ ପାଇଛନ୍ତି। ୨୦୧୬ ରିଓ ଅଲିମ୍ପିକ ଚାମ୍ପିଅନ ଜର୍ମାନୀର ଥୋମାସ ରୋହଲର ଓ ପୋଲାଣ୍ଡର ଡାୱିଡ ୱେଗନର ୧୦ ପଏଣ୍ଟ ଲେଖାଲ ପାଇଥିଲେ ମଧ୍ୟ ଅନ୍ତିମ ୬ଜଣିଆ ତାଲିକାରେ ରହିପାରି ନାହାନ୍ତି।

### ● ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

## ସେମିଫାଇନାଲରେ ସିଦ୍ଧାର୍ଥ, ସୁଶାନ୍ତ

ଭୁବନେଶ୍ୱର,୨୮।୮ (ସମିସ): ସିନିଅର ଖେଳାଳି କଟକର ସିଦ୍ଧାର୍ଥ ସେନ୍ ଓ ଝାଡଖଣ୍ଡର ସୁଶାନ୍ତ ସିହ୍ନା ଏଠାରେ ଚାଲିଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ସୁଶାନ୍ତ ୪-୧ ଫ୍ରେମ୍‌ରେ ରାଜ୍ୟର ଜଣାଶୁଣା ଖେଳାଳି ନିଶାନ୍ତ ବିଶ୍ୱାଳଙ୍କୁ ଓ ଦ୍ୱିତୀୟ କ୍ୱାର୍ଟରରେ ସିଦ୍ଧାର୍ଥ ୪-୧ରେ ଆକ୍ରମ ଖାନ୍‌ଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ୬ଷ୍ଠ ସିଡ୍ ପଶ୍ଚିମବଙ୍ଗର ୱାଙ୍ଗଚୁକ୍ ଭୁଟିଆକୁ ୩-୧ ଫ୍ରେମ୍‌ରେ ପରାସ୍ତ କରି ଓଡ଼ିଶାର ସିନିଅର ଖେଳାଳି ଜିତେନ ଷଡଙ୍ଗୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ସହ ନିଶିପ୍ରକାଶ ଦାସ, ସୋଏବ ଖାନ୍ ମଧ୍ୟ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ସେମିଫାଇନାଲ ଓ ଫାଇନାଲ ସହ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।




## ବିସି ରୟ ଟ୍ରଫିରେ ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର, ୨୮।୮ (ସମିସ): ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ବେଙ୍ଗାଲୁରୁରେ ଚାଲିଥିବା ୧୫ ବର୍ଷରୁ କମ୍ ଡ. ବିସି ରୟ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଶୁକ୍ରବାର ବେଙ୍ଗାଲୁରୁ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ଦିଲ୍ଲୀକୁ ହରାଇଦେଇଛି। ଓଡ଼ିଶା ପକ୍ଷରୁ ଥିୟାମ ଫେମସ ଦୁଇଟି ଏବଂ ସିରିକା ଗାଗାରାଇ ଓ ବାବନ ଗାଗାରାଇ ଗୋଟିଏ ଲେଖାଏ ଗୋଲ୍‌ସ୍କୋର କରିଥିଲେ। ଉଭୟାର୍ଦ୍ଧରେ ଓଡ଼ିଶା ଦୁଇଟି ଲେଖାଏ ଗୋଲ୍ ଦେଇଥିଲା। ପିଣ୍ଟୁ ନାଗଙ୍କ ନେତୃତ୍ୱାଧୀନ ଓଡ଼ିଶା ଏଥିପୂର୍ବରୁ ବୁଧବାର ପ୍ରଥମ ମ୍ୟାଚରେ ଗୋଆ ବିପକ୍ଷରେ ୨-୨ ଗୋଲ୍‌ରେ ଡ୍ର ରଖିଥିଲା। ଗ୍ରୁପ୍-ଡି’ରେ ସ୍ଥାନ ପାଇଥିବା ଓଡ଼ିଶା ଏଥିସହ ଦୁଇଟି ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲ୍ ଶୀର୍ଷରେ ରହିଛି। ଓଡ଼ିଶା ଏହାର ଶେଷ ମ୍ୟାଚରେ ଉତ୍ତର ପ୍ରଦେଶ ସହ ଖେଳିବ।

### ସିଏଚିମ୍ ଟ୍ରଫି ଆମନ୍ତ୍ରଣୀୟ କ୍ରିକେଟ୍

## ମୁମ୍ବଇକୁ ୧୯୨ରେ ଅଲ୍‌ଆଉଟ୍ କଲା ଓଡ଼ିଶା

ଭୁବନେଶ୍ୱର, ୨୮।୮ (ସମିସ): ପୁଡୁଚେରୀରେ ଆରମ୍ଭ ହୋଇଥିବା ସିଏଚିମ୍ ଟ୍ରଫି ତିନି-ଦିବସୀୟ ଆମନ୍ତ୍ରଣୀୟ କ୍ରିକେଟ୍‌ରେ ଓଡ଼ିଶା ସିନିଅର ଦଳ ଦମ୍‌ଦାର ଆରମ୍ଭ କରିଛି। ମୁମ୍ବଇ ବିପକ୍ଷ ମ୍ୟାଚରେ ଓଡ଼ିଶା ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଫଳରେ ଟସ୍ ଜିତି ବ୍ୟାଟିଂ କରିଥିବା ମୁମ୍ବଇ ପ୍ରଥମ ଇନିଂସରେ ୬୩.୫ ଓଭରରେ ୧୯୨ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ମୁମ୍ବଇ ପକ୍ଷରୁ ଅଖିଳ ହେରୱାଦକର ୭୩ ଓ ମ୍ୟାକ୍ସୱେଲ ସ୍ୱାମୀନାଥନ ୩୭ ରନ କରିଥିଲେ। ଓଡ଼ିଶା ପକ୍ଷରୁ ବରୋଦାରୁ ଆମଦାନୀ ହୋଇ ଆସିଥିବା ବାମହାତୀ ସ୍ପିନର ନିନାଦ ରାଥଭ ୩ଟି ଏବଂ ରାଜେଶ ମହାନ୍ତି ଓ କ୍ରିଷ୍ଣା ପଲେଇ ୨ଟି ଲେଖାଏ ୱିକେଟ ନେଇଥିଲେ। ସେହିଭଳି ଅନ୍ୟତମ ଆମଦାନୀ କ୍ରିକେଟର ଦିଲ୍ଲୀର ଲଳିତ ଯାଦବଙ୍କୁ ମଧ୍ୟ ଦୁଇଟି ୱିକେଟ ମିଳିଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ଶୁକ୍ରବାର ଷ୍ଟମ୍ପ ସୁଦ୍ଧା ୧୫ ଓଭରରେ ଗୋଟିଏ ୱିକେଟ ହରାଇ ୩୭ ରନ ସଂଗ୍ରହ କରିଛି। ଦେବବ୍ରତ ପ୍ରଧାନ ୧୨ ଓ ଓମ୍ ଟି ମୁଣ୍ଡେ ୭ ରନ କରି ଅପରାଜିତ ରହିଛନ୍ତି।



### ଆଇଟା ଟେନିସ

## କବୀର ହଂସଙ୍କୁ ଡବଲ୍ ଟାଇଟଲ୍

ଭୁବନେଶ୍ୱର, ୨୮।୮ (ସମିସ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଆଇଟା ଟେନିସ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର କବୀର ହଂସ ଡବଲ୍ ଟାଇଟଲ୍ ଜିତିଛନ୍ତି। କବୀର ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇ ଏହି ସଫଳତା ପାଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ କବୀର ମଣିପୁରର ବୁଶାନ ହାଓବାମଙ୍କୁ ପରାସ୍ତ କରିଥିଲେ। ସେହିଭଳି ଡବଲ୍ସରେ ମହାରାଷ୍ଟ୍ରର ବେଦାନ୍ତ ମିସ୍ତ୍ରୀଙ୍କୁ ସାଥୀ କରି କବୀର ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଆଇପିଏସ ତଥା ଓଡ଼ିଶା ଟେନିସ ସଂଘ (ଓଟିଏ)ର ସମ୍ପାଦକ ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଟିଏର ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ, କିଟ୍ ଓ କିସର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟର ଟେନିସ ନିର୍ଦ୍ଦେଶକ ଟଡ୍ ଜନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏକ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ବିଭିନ୍ନ ରାଜ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS